

ଇରାନ ଉପରେ ପରମାଣୁ ପକାଇବ ଆମେରିକା! ପୃଷ୍ଠା ୪

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 147 ଭାଗ ୩୪ | ସଂଖ୍ୟା ୧୪୭ | Tuesday 18 August 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୧୮ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଲୋକଙ୍କ ଗହଣରେ ଲୋକଙ୍କ ସରକାର

# କାଦୁଅରେ ପଶିଲେ, ବୋଟ୍‌ରେ ବୁଲିଲେ ମୁଖ୍ୟମନ୍ତ୍ରୀ



- ଲୋକଙ୍କ ଦୁର୍ଦ୍ଦଶା ଶୁଣିଲେ, ଅଧିକାରୀଙ୍କ ସହ ଆଲୋଚନା
- ରିଲିଫ ଓ ପର୍ଯ୍ୟାପ୍ତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ
- ରିଲିଫ ସେଣ୍ଟର୍‌ରେ ପରଖିଲେ ଖାଦ୍ୟର ମାନ




ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚିଛନ୍ତି। ଆକାଶ ମାର୍ଗରୁ ବନ୍ୟା ସ୍ଥିତି ଆକଳନ କରି ଫେରିଯାଇନାହାନ୍ତି। ସର୍ବାଧିକ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣିଛନ୍ତି। ପାଦରେ ଚାଲି ଚାଲି ଲୋକଙ୍କ ପାଖକୁ ଯାଇଛନ୍ତି ଆଉ ବୋଟରେ ଜଳମଗ୍ନ ଅଞ୍ଚଳକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ପୂରା ପ୍ରଶାସନ ବି ଲୋକଙ୍କ ପାଖକୁ ଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ମୁଖ୍ୟମନ୍ତ୍ରୀ ପ୍ରଥମେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ କସପା ଓ ତରପଡ଼ା ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ରାମଚନ୍ଦ୍ରପୁର, ବାଲଦା ଏବଂ ଦୋଭାବିଲ ଗ୍ରାମବାସୀଙ୍କୁ ଭେଟି ସେମାନଙ୍କ ସହ କ୍ଷୟକ୍ଷତି ନେଇ ଆଲୋଚନା କରିଥିଲେ।

ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇଦେବା ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା। ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରେ ତୁରନ୍ତ ରିଲିଫ, ପର୍ଯ୍ୟାପ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ସେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସଙ୍କଟ ସମୟରେ ଆମ ସରକାର ଜନସାଧାରଣଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି ବୋଲି ସେ ଲୋକଙ୍କୁ ଆଶ୍ୱାସନା ➪ପୃଷ୍ଠା-୬

## ଆଉ ୪ରୁ ୫ ଦିନ ରହିବ ବନ୍ୟା ସ୍ଥିତି

**ବର୍ଷା ହେଲେ ବନ୍ୟା ସ୍ଥିତି ବିଗିଡ଼ିପାରେ**

**ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ତୃତୀୟ ବନ୍ୟା**

ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ଜାରି ରହିଛି। ବ୍ରାହ୍ମଣୀ ଓ ବୈତରଣୀରେ ବନ୍ୟା ସ୍ଥିତି ରହିଛି। ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ଏହି ୨ ନଦୀ। ରାଜ୍ୟରେ ଜଳବନ୍ଦୀ ସ୍ଥିତି ଆଉ ୪ରୁ ୫ ଦିନ ଲାଗି ରହିପାରେ। ବର୍ଷା କମିଥିବାରୁ ଯାଜପୁର, ଭଦ୍ରକରେ ନଦୀର ଜଳସ୍ତର କମୁଛି। ଯାଜପୁର ଜିଲ୍ଲାରେ ସୃଷ୍ଟି ୨ଟି ଘାଇର ମରାମତି କାର୍ଯ୍ୟ ଜାରି ରହିଛି। ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ। ସୁବର୍ଣ୍ଣରେଖା ଓ ଜଳକାରେ ବନ୍ୟା ସ୍ଥିତି ନାହିଁ। ବର୍ଷା ହେଲେ ବନ୍ୟା ସ୍ଥିତି ବିଗିଡ଼ିପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ରାଉତ। ସେପଟେ ହୀରାକୁଦର ଆଉ ୫ଟି ଗେଟ୍ ଖୋଲିଛି। ପୂର୍ବରୁ ହୀରାକୁଦ ଡ୍ୟାମ୍‌ର ➪ପୃଷ୍ଠା-୬

## ଧାରଣାରେ ବସିଲେ ପ୍ରମିଳା



ବିଞ୍ଝାରପୁର ବିଧାୟିକା ତଥା ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବନ୍ୟାଞ୍ଚଳ ଗସ୍ତ ସମୟରେ ଧାରଣାରେ ବସିଥିଲେ। ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସକାଶେ ଯାଇଥିଲେ ହେଁ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଧାରଣା ଦେଇଥିଲେ। ସେ ଅଭିଯୋଗ କରିଥିଲେ ଯେ ସ୍ଥାନୀୟ ପ୍ରଶାସନ ବିଞ୍ଝାରପୁର ➪ପୃଷ୍ଠା-୬

ନୂଆ ଟିମ୍ ଘୋଷଣା କଲେ ନୀତିନ

# ବୈଜୟନ୍ତ ପଣ୍ଡା ପୁଣି ରାଷ୍ଟ୍ରୀୟ ଉପାଧ୍ୟକ୍ଷ



- ସମ୍ବିତ ପାତ୍ର ଉତ୍ତର-ପୂର୍ବ ସଂଯୋଜକ
- ସ୍ମୃତି ଓ ବସୁନ୍ଧରାଙ୍କୁ ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ, ୧୭।୮: ଭାରତୀୟ ଜନତା ପାର୍ଟି (ବିଜେପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ତାଙ୍କର ନୂଆ କେନ୍ଦ୍ରୀୟ ସାଙ୍ଗଠନିକ ଟିମ୍ ଘୋଷଣା କରିଛନ୍ତି। ଏହି ନୂଆ ଟିମରେ ୧୩ ଜଣ ବରିଷ୍ଠ ନେତାଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ଏଥିସହ ମହିଳା ଓ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶା ରାଜନୀତି ଦୃଷ୍ଟିକୋଣରୁ ମଧ୍ୟ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନୀତିନ ନବୀନଙ୍କ ନୂଆ ଟିମରେ ଓଡ଼ିଶାର ବରିଷ୍ଠ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପୁଣି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦ ପ୍ରଦାନ କରାଯାଇଛି। ସେହିଭଳି ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ଉତ୍ତର-ପୂର୍ବ ସଂଯୋଜକ ଦାୟିତ୍ୱ ମିଳିଛି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଉପାଧ୍ୟକ୍ଷ ତାଲିକାରେ ତିରଥ ସିଂ ରାୱତ, ରାମ ମାଧବ, ଡି ପୁରନ୍ଦେଶ୍ୱରୀ, ରେଖା ବର୍ମା, ଭର୍ଶାବେନ ନରେନ୍ଦ୍ରଭାଇ, ଭାରତୀ ପ୍ରବୀଣ ପାୱାର, ମନପ୍ରୀତ ସିଂ ବାଦଲ, ଲାଲ ସିଂ ଆର୍ଯ୍ୟ, ଏମ୍ ନାଗରାଜ, ତାରିକ୍ ମନସୁର ଓ ମଧୁଚନ୍ଦ୍ର କର ସାମିଲ ଅଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ବିଜେପି ସଂଗଠନରେ ଯୋଗ ଦେଇଛନ୍ତି। ତାଙ୍କୁ ଜାତୀୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ବିଜେପି ସଭାପତି ନୀତିନ ନବୀନ ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ କହିଛନ୍ତି, ଭାରତୀୟ ଜନତା ଦଳର ଜାତୀୟ ଦଳର ସମସ୍ତ ନବନିଯୁକ୍ତ ପଦାଧିକାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା। ଅଭିଜ୍ଞତା ଏବଂ ଶକ୍ତିରେ ସମୃଦ୍ଧ ଏହି ଦଳ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ସଂଗଠନକୁ ନୂତନ ଗତି ପ୍ରଦାନ କରିବ। ମୋର ପୂର୍ଣ୍ଣ ବିଶ୍ୱାସ ଅଛି ଯେ ସମସ୍ତ ଦଳର ସଦସ୍ୟ, ସେମାନଙ୍କର କର୍ମୀ ଭଳି ମନୋଭାବ ସହ ସଂଗଠନକୁ ଆହୁରି ମଜବୁତ କରିବେ ଏବଂ 'ବିକଶିତ ଭାରତ' ପାଇଁ ସଂକଳ୍ପ ଏବଂ ଜାତୀୟ ସେବାର ଲକ୍ଷ୍ୟକୁ ନୂତନ ଉଚ୍ଚତାରେ ପହଞ୍ଚାଇବେ।

ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ

# ୨୨ରେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର ସିଲଭର୍' ମିଟ୍




ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଆସନ୍ତା ୨୨ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର ସିଲଭର୍ ମିଟ୍' ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫଆଇ) ଓ ୱାର୍ଲ୍ଡ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଗତବର୍ଷ ଏହା ବ୍ରୋଞ୍ଜ ସ୍ତରର ହୋଇଥିବା ବେଳେ ଏଥର ଏହାକୁ ସିଲଭର୍ ସ୍ତରକୁ ଉନ୍ନୀତ ହୋଇଛି। ଆସନ୍ତା ୨୦୨୮ରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ବିଶ୍ୱ ଓ ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍ ପାଇଁ ଏହା ଏକ ପ୍ରମୁଖ ପ୍ରସ୍ତୁତି ପର୍ଯ୍ୟାୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଦେଶକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଏହି ଦିନିକିଆ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୨୭ଟି ଦେଶରୁ ମୋଟ ୧୮୭ ଆଥଲେଟ୍ ଅଂଶଗ୍ରହଣ କରିବେ। ଏଥିମଧ୍ୟରେ ୯୯ ବିଦେଶୀ ଖେଳାଳିଙ୍କ ସହ ୮୮ ଜଣ ଭାରତୀୟ ଆଥଲେଟ୍ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇବେ। ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ ଭଳି ଦେଶରୁ ବଡ଼ ଦଳ ଏହି ମିଟ୍‌ରେ ଭାଗ ନେଉଛନ୍ତି। ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୯ଟି ଲେଖାଏଁ, ମୋଟ ୧୮ଟି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ନଗଦ ପୁରସ୍କାର ସହ ଗୁରୁତ୍ୱପୂର୍ଣ୍ଣ ୱାର୍ଲ୍ଡ ର୍ୟାଙ୍କିଙ୍ଗ୍ ପଏଣ୍ଟ ରହିଛି, ଯେଉଁଥିରେ ପ୍ରଥମ ସ୍ଥାନ ପାଇଁ ୧,୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧,୨୦୦ ଡଲାର ଓ ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର ପ୍ରଦାନ କରାଯିବ।

ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ପାଲଟିବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୫୦ ➪ପୃଷ୍ଠା-୬

ସବୁ ସୀମା ଟପିଲାଣି ସୋସିଆଲ ମିଡିଆ ଚର୍ଚ୍ଚା

# ବାପା-ଝିଅର ପବିତ୍ର ସମ୍ପର୍କ ବି ଲାଞ୍ଛିତ



ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଅର୍ଥକୁ ଅନର୍ଥ କରିବାର ପ୍ରୟାସ କେତେ ସାଂଘାତିକ, ତାହା ଆଜି ଏକ ଘଟଣାରୁ ସ୍ପଷ୍ଟ ହୋଇଛି। ସାମାଜିକ ଗଣମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ ଲାଞ୍ଛିତ କରିବା ସମୟରେ ଆମେ ତାଙ୍କ ସାମାଜିକ ପ୍ରତିଷ୍ଠା ଓ ପାରିବାରିକ ସମ୍ପର୍କକୁ ଭୁଲିଯାଉଛେ। ଜଣେ ବାପାଙ୍କର ଜନ୍ମଦିନରେ ତାଙ୍କ ଝିଅ କାର୍ଯ୍ୟାଳୟକୁ ଯାଇଛି ଆଉ ବାପାଙ୍କ ସହ ଖୁସିରେ ଫଟୋଟିଏ ଉଠାଇଛି। କିନ୍ତୁ ଏହାକୁ ସୋସିଆଲ ମିଡିଆରେ ଏଭଳି ଚିତ୍ରିତ କରାଗଲା ଯେ ସୋନପୁର ଜିଲ୍ଲାପାଳ ନୃପରାଜ ସାହୁ ଫେସବୁକରେ ସ୍ପଷ୍ଟୀକରଣ ଦେବା ସହ ଆବେଗପୂର୍ଣ୍ଣ ଭାବେ ଏଭଳି ପୋଷ୍ଟ ନେଇ ଲୋକଙ୍କୁ ଆତ୍ମଚିନ୍ତନ କରିବାକୁ ଅପିଲ କରିଛନ୍ତି।

ଘଟଣାଟି ଘଟିଛି ସୋନପୁର ଜିଲ୍ଲାରେ। ସୋନପୁର ଜିଲ୍ଲାପାଳ ନୃପରାଜ ସାହୁଙ୍କର ଗତ ଅଗଷ୍ଟ ୧୫ ତାରିଖରେ ଜନ୍ମଦିନ ଥିଲା। ସରକାରୀ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେ ଘରକୁ ଠିକ୍ ସମୟରେ ଫେରିପାରି ନ ଥିଲେ। ସେଥିପାଇଁ ତାଙ୍କ ଝିଅ କାର୍ଯ୍ୟାଳୟକୁ ଆସି ଖୁସିରେ ବାପାଙ୍କ କାନ୍ଧରେ ହାତ ରଖି ଗୋଟିଏ ସୁନ୍ଦର ଫଟୋ ଉଠାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଓ ସୋସିଆଲ ମିଡିଆ ବ୍ୟବହାରକାରୀ ଏହି ସ୍ନେହପୂର୍ଣ୍ଣ ମୁହୂର୍ତ୍ତକୁ କଦର୍ଥ କରିଥିଲେ। ଝିଅକୁ ଜଣେ 'ଯୁବତୀ' ବୋଲି ଦର୍ଶାଇ, କର୍ତ୍ତବ୍ୟ ଓ ପଦବୀର ମର୍ଯ୍ୟାଦାକୁ

**ଆବେଗଭରା ସ୍ପଷ୍ଟୀକରଣ ଦେଲେ ଜିଲ୍ଲାପାଳ**

ନେଇ କଟୁ ସମାଲୋଚନା ଓ ଟ୍ରୋଲ କରିଥିଲେ। ଏଥିରେ ମର୍ମାହତ ହୋଇ ଜିଲ୍ଲାପାଳ ମଧ୍ୟ ନିଜ ଭାବାବେଗର ପରିପ୍ରକାଶ କରିଥିଲେ।

ସେ ଲେଖିଛନ୍ତି ଯେ ଗତକାଲି ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମର ଜଣେ ବନ୍ଧୁ ଗତ ଅଗଷ୍ଟ ୧୫ ତାରିଖ ଦିନ ମୋ ଝିଅ ମୋ କାନ୍ଧରେ ହାତରଖି ଉଠେଇଥିବା ଫଟୋକୁ ନେଇ ମତ ରଖିଥିଲେ, ଯାହା ମୋତେ ସବୁଠୁ ଅଧିକ ➪ପୃଷ୍ଠା-୬

ଆମିକସ୍ କ୍ୟୁରିଙ୍କ ସତ୍ୟପାଠରେ ଖୁଲାସା

# ୩୨୬ ସାଂସଦଙ୍କ ନାଁରେ ଫୌଜଦାରୀ ମାମଲା

ନୂଆଦିଲ୍ଲୀ,୧୭।୮: ଲୋକସଭାର ୫୪୩ ସଦସ୍ୟଙ୍କ ମଧ୍ୟରୁ ୨୫୧ ଜଣ ସଦସ୍ୟଙ୍କ ନାମରେ ଫୌଜଦାରୀ ମାମଲା ରହିଛି। ସେହିପରି ରାଜ୍ୟସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ଅତି କମରେ ୭୫ ଜଣ ଏହିପରି ମୋଟ ୩୨୬ ଜଣ ସାଂସଦ ଫୌଜଦାରୀ ମାମଲାର ସାମ୍ନା କରୁଛନ୍ତି। ରାଜନୀତିର ଅପରାଧୀକରଣ ସମ୍ପର୍କରେ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଏକ ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଉଲ୍ଲେଖ କରାଯାଇଛି।



ଏଥିସହ ସାରାଦେଶରେ କ୍ଷମତାରେ ଥିବା ଏବଂ କ୍ଷମତାରେ ନଥିବା (ପୂର୍ବତନ) ସାଂସଦ ଓ ବିଧାୟକଙ୍କ ବିରୋଧରେ ୪ ହଜାରରୁ ଅଧିକ ଅପରାଧିକ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି ବୋଲି ଦେଶର ସର୍ବୋଚ୍ଚ ଅଦାଲତରେ ଆମିକସ୍ କ୍ୟୁରି ବିଜୟ ହଁସାରିଆ କରିଥିବା ଏକ ସତ୍ୟପାଠରେ ଦର୍ଶାଇଛନ୍ତି। ଜନ ପ୍ରତିନିଧିମାନଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲାଗୁଡ଼ିକର ତୁରନ୍ତ ବିଚାର ଦାବିକରି ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି ବେଳେ ଆଡଭୋକେଟ୍ ସେନ୍‌ହା କାଲିତାଙ୍କ ଜରିଆରେ ଆମିକସ୍ କ୍ୟୁରି ଏହି ସତ୍ୟପାଠ ଦାଖଲ କରିଛନ୍ତି। ଏହି ସତ୍ୟପାଠରେ ଏକଥା ବି କୁହାଯାଇଛି ଯେ, ୨୮ଟି ➪ପୃଷ୍ଠା-୬

## ଆଜି ୫ ଜିଲ୍ଲାରେ ସ୍କୁଲ୍ ବନ୍ଦ

ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ଭୀଷଣ ବର୍ଷା ନେଇ ପୂର୍ବାନୁମାନ କରାଯାଇଥିବାରୁ ସତର୍କତା ଦୃଷ୍ଟିରୁ ଆସନ୍ତାକାଲି ୫ ରାଜ୍ୟରେ ସ୍କୁଲ୍‌କଲେଜ, ଅଙ୍ଗନବାଡ଼ି ଆଦି ବନ୍ଦ ରହିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ହୋଇଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ହେଲା କେନ୍ଦୁଝର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ ବାଲେଶ୍ୱର। ଭୀଷଣ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଥିବାରୁ ସ୍କୁଲ୍‌କଲେଜ ଓ ଅଙ୍ଗନବାଡ଼ି ଆଦି ବନ୍ଦ ରଖାଯିବା ସକାଶେ ନିଷ୍ପତ୍ତି ହୋଇଛି।

## ରାକ୍ଷୀ ପୂର୍ଣ୍ଣିମାରେ କୋଟିଏ ମହିଳା ପାଇବେ ସୁଭଦ୍ରା ସହାୟତା

ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଫ୍ଲାଗ୍‌ଶିପ୍ ଯୋଜନା 'ସୁଭଦ୍ରା' ସହାୟତା ନେଇ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ସୂଚନା। ଆସନ୍ତା ୨୮ ତାରିଖରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି। ଉକ୍ତ ଦିନ ପାଖାପାଖି କୋଟିଏ ମହିଳାଙ୍କୁ ସୁଭଦ୍ରା ସହାୟତା ଯୋଗାଇ ଦିଆଯିବ। ଏଥର ନୟାଗଡ଼ରେ ହେବ ସୁଭଦ୍ରା ରାଜ୍ୟସ୍ତରୀୟ ସମାରୋହ। ଏଥିସହ ପୂର୍ବରୁ ବାଦ୍ ପଡ଼ିଥିବା ଯୋଗ୍ୟଙ୍କୁ ଏକକାଳୀନ ପାଞ୍ଚଟି କିସ୍ତି ମିଳିବ ବୋଲି କହିଛନ୍ତି ଶ୍ରୀମତୀ ପରିଡ଼ା। ଏହି ସୂଚନା ପାଇବା ପରେ ସୁଭଦ୍ରା ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ବହୁଗୁଣିତ ହୋଇଛି।

ଜେନ୍-ଜି'ଙ୍କ ଆନ୍ଦୋଳନ ଆଗରେ

## ମୁଣ୍ଡ ନୁଆଁଇଲେ ହେମନ୍ତ ସରକାର

ରାଞ୍ଚି,୧୭।୮: ଜେନ୍-ଜି'ଙ୍କ ଆନ୍ଦୋଳନ ଆଗରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ହେମନ୍ତ ସରକାର। ଝାଡ଼ଖଣ୍ଡରେ ୨୪ ଦିନ ଧରି ଜାରି ରହିଥିବା ଆନ୍ଦୋଳନ ପରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ ମିଳିତ ସ୍ନାତକସ୍ତରୀୟ ପରୀକ୍ଷା (ଜେଏସଏସସି ସିଜିଏଲ୍) ସମେତ ସମସ୍ତ ପରୀକ୍ଷା ଓ ସେଗୁଡ଼ିକର ରେଜଲ୍ଟ ରଦ୍ଦ କରାଯାଇଥିବା ଘୋଷଣା କରିଛନ୍ତି। ଏଥିସହ ୨୦୧୪ରୁ ଏବେ ଯାଏଁ ହୋଇଥିବା ➪ପୃଷ୍ଠା-୬



**କାନ ଡେରିଥା**

ରାଇଜ ଲାଗୁଛି ବହୁତ ସୁନ୍ଦର
ଆଲୁଅ ଜଳୁଛି ଜଳିବ
ବର୍ଷା ପବନ ବିଜାର କରୁଛି
ଲାଇଟ ତ ଖାଲି ଲିଭିବ...
ଟାଟାର କୁଆଡ଼େ ହଜାରେ ଘଇତା !
ସିଏ ବା କାହିଁକି ଡରିବ
ସରକାରଙ୍କର ସାବତ ପୁଅ ସେ
ଟାଟା ଦେଲେ ସିଏ ଚଳିବ ।

■ ଦେବାଶିଷ

# ୨୦୨୯ ବେଳକୁ ବଦଳିବ ରାଜନୀତି ସମୀକରଣ

- ତିନି ପ୍ରମୁଖ ଦଳରେ ଚାଲିଲାଣି ପ୍ରସ୍ତୁତି
- ବଦଳିପାରେ ନେତାଙ୍କ ଦଳ ଓ ଚିହ୍ନ



ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ୨୦୨୯ ଅର୍ଥାତ୍ ଆଉ ପ୍ରାୟ ଅଢ଼େଇ ବର୍ଷରେ ହେବାକୁ ଥିବା ସାଧାରଣ ନିର୍ବାଚନ ବେଳକୁ ରାଜ୍ୟ ରାଜନୀତିର ସମୀକରଣ ବଦଳିବା ନେଇ ଆକଳନ ହେଲାଣି। ବର୍ତ୍ତମାନ ଜାତୀୟ ଓ ରାଜ୍ୟ ରାଜନୀତିରେ ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ସାଧାରଣ ନିର୍ବାଚନ ବେଳକୁ ରାଜ୍ୟର ବହୁ ନେତାଙ୍କର ଦଳ ଓ ଚିହ୍ନ ବଦଳିଥିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଏବେଠାରୁ ମତଦେବା ଆରମ୍ଭ କରିଦେଲେଣି।

ରାଜ୍ୟରେ ଏବେ ବିଜେପି ଦଳ କ୍ଷମତାରେ ଥିବା ବେଳେ ଉଭୟ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ଜୋରଦାର ବିରୋଧ କରୁଛନ୍ତି। ଏପରିକି କେତେକ ପ୍ରସଙ୍ଗରେ ମିଳିତ ଭାବେ ବିରୋଧ କରିବାକୁ ପଛାଉନାହାନ୍ତି। ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡି ଓ କଂଗ୍ରେସ ଯେଭଳି ହାତ ମିଳାଇଲେ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଅବଶ୍ୟ ସେହି ଆଳରେ ଦୁଇ ଦଳର କିଛି ବିଧାୟକ କ୍ରସ ଭୋଟିଂ କରିବାକୁ ବି ପଛାଇଲେ ନାହିଁ।

ଏକଦା ବିଜେଡି ଓ ବିଜେପି ମିଳିତ ଭାବେ ରାଜ୍ୟରେ ଶାସନ କ୍ଷମତାରେ ନଅ ବର୍ଷ ଥିବା ବେଳେ ଏବେ ପରସ୍ପରର ଶତ୍ରୁ ପାଲଟିଛନ୍ତି। ସେହିଭଳି ସର୍ବଦା ପରସ୍ପରଠାରୁ ଦୂରତା ରକ୍ଷା କରୁଥିବା ବିଜେଡି ଓ କଂଗ୍ରେସ ଗତ ରାଜ୍ୟସଭା ନିର୍ବାଚନ ସମୟରୁ ନିକଟତର ହୋଇଛନ୍ତି। ଏଭଳି ସ୍ଥିତିରେ ଅଢ଼େଇ ବର୍ଷ ବେଳକୁ ଏମାନଙ୍କ ମଧ୍ୟରୁ ଯେକୌଣସି ଦୁଇ ଦଳ ଯେ ହାତ ମିଳାଇ ନିର୍ବାଚନ ନଲଢ଼ିବେ ତାହା କହିହେବ ନାହିଁ। ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ଏମାନେ ହାତ ମିଳାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

ସେହିଭଳି ଦେଶରେ ଏବେ ଜେନ୍ ଜି' ରାଜନୀତି ଆରମ୍ଭ ହୋଇଯାଇଥିବାରୁ ତାହା ଉପରେ ରାଜ୍ୟର ତିନି ପ୍ରମୁଖ ଦଳ କେବଳ ନଜର ରଖିନାହାନ୍ତି, ଜେନ୍- ଜି'ଙ୍କୁ କିଏ କେତେ ନିଜ ପଟକୁ ଆଣିବ, ତାହାକୁ ନେଇ ବି କସରତ ଆରମ୍ଭ ହୋଇଛି। ଫଳରେ ବିଭନ୍ନ ଦଳରେ ଓ ଦଳ ବାହାରେ ଥିବା ଜେନ୍-ଜି'ମାନେ ନିର୍ବାଚନ ବେଳକୁ କ୍ଷମତା ଆଶାରେ କାହା ସହ ହାତ ମିଳାଇବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ସବୁ ରାଜନୈତିକ ଦଳ ଏବେ ଜେନ୍-ଜି'ଙ୍କ ପ୍ରଶଂସାରେ ଶତମୁଖ ହେବାରେ ଲାଗିଛନ୍ତି।

ଜାତୀୟ ରାଜନୀତିରେ ମଧ୍ୟ ଦ୍ରୁତ ପରିବର୍ତ୍ତନ ହେବାରେ ଲାଗିଛି। ଜନ୍ତର ମନ୍ତର ଆନ୍ଦୋଳନ ପରେ ମୁଖ୍ୟ ବିରୋଧୀ ଦଳ ➪ପୃଷ୍ଠା-୬

**ବସୁନ୍ଧରା ଯୋଜନା ପାଲଟିଛି ପ୍ରହସନ!**

# ୨ ବର୍ଷ ବିତିଲା, ମିଳିଲାନି ପଟ୍ଟା

### କୁଡ଼ିଆରେ ବିତୁଛି ଜୀବନ

### କାମ ଦେଉନି ଜନଶୁଣାଣି ଅଭିଯୋଗ



**ମହାକାଳପଡ଼ା,୧୭।୮(ସଂଚାର ବ୍ୟୁରୋ)ଃ** ଭୂମିହୀନ ପରିବାରକୁ ପଟ୍ଟା ପ୍ରଦାନ ପାଇଁ ରାଜ୍ୟ ସରକାର ବସୁନ୍ଧରା ଯୋଜନା ମାଧ୍ୟମରେ ପଦକ୍ଷେପ ନେଉଥିବା ବେଳେ ମହାକାଳପଡ଼ା ତହସିଲରେ ଜଣେ ଭୂମିହୀନ ପରିବାର ଦୁଇ ବର୍ଷ ଧରି ପଟ୍ଟା ପାଇଁ କାର୍ଯ୍ୟାଳୟ ଠୁଁ ଜନଶୁଣାଣି ଶିବିରକୁ ଧାଇଁ ଧାଇଁ ବିଫଳ ହୋଇଛନ୍ତି। ପଟ୍ଟା ନମିଳିବାରୁ ସ୍ଥାୟୀ ବାସଗୃହ ଖଣ୍ଡିଏ ନିର୍ମାଣ କରିନପାରି କୁଡ଼ିଆ ଘରେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ତିନି ପ୍ରାଣୀ।

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଅମିରାବାଦ (ବାଙ୍କିଛନ୍ଦା) ଗ୍ରାମର ଯୋଗେନ୍ଦ୍ର ବେହେରା ଜଣେ ଭୂମିହୀନ। ଦୀର୍ଘଦିନ ଧରି ସରକାରୀ ଜମିରେ କୁଡ଼ିଆ ଘର କରି ରହିଆସୁଛନ୍ତି। ଜେଜେବାପାଙ୍କ ଅମଳରୁ ପରିବାର ଏହି ଜମିରେ ବସବାସ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭୂମିହୀନ ପଟ୍ଟା ମିଳିନାହିଁ।

ସୂଚନା ଅନୁଯାୟୀ, ଯୋଗେନ୍ଦ୍ରଙ୍କ ପରିବାରରେ ପତ୍ନୀଙ୍କ ସମେତ ଶତପ୍ରତିଶତ ଦୃଷ୍ଟିହୀନ ପୁଅ ସଚିତ୍ର ଅଛନ୍ତି। ନିଜସ୍ୱ ଜମି ନଥିବାରୁ ସ୍ଥାୟୀ ଘରଟିଏ ନିର୍ମାଣ କରିବା ମଧ୍ୟ ସମ୍ଭବ ହେଉନାହିଁ। ଫଳରେ ଏକ ଦଦରା କୁଡ଼ିଆରେ ପରିବାର ଦିନ କାଟୁଛି। ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ସରଜମିନ ତଦନ୍ତ କରାଯାଇ ଯୋଗେନ୍ଦ୍ରଙ୍କ ପାଇଁ ସରକାରୀ ଜମି ଚିହ୍ନଟ କରାଯାଇଥିଲା। ୦.୦୪୦ ଏକର ଜମି ତାଙ୍କ ପାଇଁ ନିର୍ଦ୍ଧାରଣ କରାଯାଇଥିଲା। ଯାହାର ପ୍ଲଟ ନମ୍ବର ୧୫୯/୧୬୮୦ ଓ ଖାତା ନମ୍ବର ୪୩୦ ରହିଛି। ହେଲେ ଜମି ଚିହ୍ନଟ ହୋଇଥିଲେ ମଧ୍ୟ ଦୁଇ ବର୍ଷ ଧରି ପଟ୍ଟା ମିଳିନଥିବାରୁ ଯୋଗେନ୍ଦ୍ର ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇଛନ୍ତି। ଜନଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ ତାଙ୍କ ସମସ୍ୟାର ସମାଧାନ ହୋଇନାହିଁ।

ସରକାର ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଯୁଦ୍ଧକାଳୀନ ଭିତ୍ତିରେ ଜମି ପଟ୍ଟା ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ବେଳେ ଯୋଗେନ୍ଦ୍ରଙ୍କ ଭଳି ପରିବାରକୁ ଦୀର୍ଘବର୍ଷ ଧରି ପଟ୍ଟା ନମିଳିବା ତହସିଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଛି। ତେବେ ଏହି ଘଟଣାରେ ଜିଲ୍ଲାପାଳ ହସ୍ତକ୍ଷେପ କରି ତ୍ୱରିତ ପରିବାରକୁ ଜମି ପଟ୍ଟା ପ୍ରଦାନ କରାଇବାକୁ ଦାବି ହେଉଛି।

### ଏନଏଚ-୫୩ରେ ରାସ୍ତା ଭୁଶୁଡ଼ିବା ଘଟଣା

# ରାଜପଥ ଆଞ୍ଚଳିକ ଅଧିକାରୀଙ୍କୁ ଅଭିଯୋଗ



**କେନ୍ଦ୍ରାପଡ଼ା, ୧୭।୮ (ସଂଚାର ବ୍ୟୁରୋ)ଃ** ଏନଏଚ-୫୩ ଜାତୀୟ ରାଜପଥ ରାସ୍ତା ଭୁଶୁଡ଼ିବା ଘଟଣା ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରାଜପଥ କର୍ତ୍ତୃପକ୍ଷଙ୍କୁ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଏନଏଚ-୫୩ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିମ୍ନମାନର ଓ ତ୍ରୁଟିପୂର୍ଣ୍ଣ ରାସ୍ତା କାର୍ଯ୍ୟ ନେଇ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏନଏଚଏଆଇ ଆଞ୍ଚଳିକ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି ।

ଅଭିଯୋଗରେ ଏନଏଚ-୫୩ର ତତ୍କାଳ ବୈଷୟିକ ଯାଞ୍ଚ, ସ୍ୱାଧୀନ ଗୁଣବତ୍ତା ଯାଞ୍ଚ କରାଯିବା ସହିତ ସମଗ୍ର ଘଟଣାର ତଦନ୍ତ କରାଯାଇ ଏଥିନିମନ୍ତେ ଦାୟୀ ଠିକାଦାର, ଯନ୍ତ୍ରୀ, ପରାମର୍ଶଦାତା ଓ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ ପୂର୍ବକ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଦାବି କରାଯାଇଛିଯ। ବିଶେଷକରି ୧୬ ଅଗଷ୍ଟ ୨୦୨୬ରେ ମହାକାଳପଡ଼ା ନାଗାଳପଡ଼ା ବଜାର ଛକ ନିକଟରେ ବର୍ଷା ପରେ ଏନଏଚ-୫୩ର କେତେକ ଅଂଶ ଧସିଯାଇ ତିନୋଟି ଟ୍ରକ୍ ରାସ୍ତା ତଳକୁ ଖସିପଡ଼ିବା ଘଟଣାର ତତ୍କାଳ ବୈଷୟିକ ତଦନ୍ତ ପାଇଁ ଦାବି କରାଯାଇଛି । ରାସ୍ତାର ଗୁଣବତ୍ତା, ଏମ୍ବାଙ୍କମେଣ୍ଟ, ଡ୍ରେନେଜ୍, ପେଭମେଣ୍ଟ ମୋଟେଇ, ନିର୍ମାଣ ସାମଗ୍ରୀ, ସଂକୋଚନ, କ୍ୱାଲିଟି କଂଟ୍ରୋଲ ପରୀକ୍ଷା ରିପୋର୍ଟ, ମାପବହି ଓ ଦେୟ ସମ୍ପର୍କିତ ରେକର୍ଡ ଯାଞ୍ଚ କରିବା ସହିତ ତ୍ରୁଟିପୂର୍ଣ୍ଣ ଅଂଶକୁ ତତ୍କାଳ ମରାମତି/ପୁନଃନିର୍ମାଣ କରିବା ସହ ତଦନ୍ତର ଆକ୍ସନ ଟେକନ ରିପୋର୍ଟ (ଏଟିଆର) ପ୍ରଦାନ କରିବାକୁ ଦାବି କରାଯାଇଛି ।

### ପିଏମ୍ ସୂର୍ଯ୍ୟ ଘର ଯୋଜନା

# ପ୍ରଚାର ପାଇଁ ଟିପିସିଓଡିଏଲ୍‌ର ସୋଲାର ରଥକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୧୭।୮(ସଂଚାର ବ୍ୟୁରୋ)ଃ** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ପିଏମ୍ ସୂର୍ଯ୍ୟ ଘରଃ ମୁଫ୍ତ ବିଜିଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହାକୁ ଆପଣାଇବା ପାଇଁ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସୋଲାର ରଥର ଶୁଭାରମ୍ଭ କରିଛି। ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଏହି ସୋଲାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



ଏହି ରଥ ଜିଲ୍ଲାର ମଡେଲ୍ ସୋଲାର ଭିଲେଜ୍ ଏବଂ ଅନ୍ୟାନ୍ୟ ଗ୍ରାମଗୁଡ଼ିକ ପରିକ୍ରମା କରି ଉପଭୋକ୍ତାମାନଙ୍କୁ ରୁଫଟପ୍ ସୋଲାର, ସରକାରୀ ସବସିଡି, ଯୋଗ୍ୟତା ତଥା ସଂଯୋଗ ପ୍ରକ୍ରିୟା ବିଷୟରେ ସଚେତନ କରିବ। ଏଥିସହ 'ସୋଲାର ସାଙ୍ଗ' ଟିମ୍ ଉପଭୋକ୍ତା ମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ପ୍ରଶ୍ନର ସମାଧାନ ମଧ୍ୟ କରିବେ। ପୂର୍ବରୁ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜିଲ୍ଲା ସ୍ତରୀୟ କମିଟି (ଡିଏଲସି) ବୈଠକରେ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ 'ମଡେଲ୍ ସୋଲାର ଭିଲେଜ୍ ପ୍ରତିଯୋଗିତା' ପାଇଁ ୧୦ଟି ଗ୍ରାମକୁ ଚୟନ କରାଯାଇଥିଲା। ଏହି ଗ୍ରାମଗୁଡ଼ିକ ୯୦ ଦିନ ମଧ୍ୟରେ ସର୍ବାଧିକ ସଂଖ୍ୟକ ରୁଫଟପ୍ ସୋଲାର ସଂଯୋଗ ସ୍ଥାପନ କରିବାକୁ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ବିଜୟୀ ଗ୍ରାମ ଅକ୍ଷୟ ଶକ୍ତି ବିକାଶ ଅନୁଦାନ ଭାବରେ ୧ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବ।

## ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ କଲା ମାରୁତି ୟୁଥ୍ ସେବା ଟ୍ରଷ୍ଟ



**ମହାକାଳପଡ଼ା, ୧୭।୮ (ସଂଚାର ବ୍ୟୁରୋ)ଃ** ମାର୍ଶାଘାଇ ଥାନା ଅଧୀନ କୁସୁନପୁରସ୍ଥିତ ବାବା ଅଖଣ୍ଡଳମଣି ମନ୍ଦିରରେ ଆଜି ବଡ଼କୁଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାରୁତି ୟୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ଜଳାଭିଷେକ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଜଳାଭିଷେକ ପରେ କାଉଡ଼ିଆ ମାନେ ପ୍ରସାଦ ସେବନ କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ସୁଧୀର ସ୍ୱାଇଁ, ସଭାପତି ଗୋପବନ୍ଧୁ ରାଉତ, ପ୍ରତିଷ୍ଠାତା ଆଲୋକ ସ୍ୱାଇଁଙ୍କ ସମେତ ସଂଗ୍ରାମ ଲେଙ୍କା, ପର୍ଶୁରାମ ଲେଙ୍କା, ନାଥୁରାମ ବେହେରା ଓ ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ରହି ଭକ୍ତମାନଙ୍କୁ ସେବା ଯୋଗାଇଥିଲେ। ଟ୍ରଷ୍ଟ ପରିବାର ପକ୍ଷରୁ ଏଭଳି ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଭକ୍ତମାନେ ପ୍ରଶଂସା କରିଥିଲେ।

# ବନ୍ୟା ପରିସ୍ଥିତି ସମ୍ପର୍କରେ ଜିଲ୍ଲାର ସ୍ଥିତି ରିପୋର୍ଟ

**କେନ୍ଦ୍ରାପଡ଼ା, ୧୭।୮ (ସଂଚାର ବ୍ୟୁରୋ)ଃ** ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ସୂଚନା ଦିଆଯାଇଛି। ଆଜି ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲାର ୬ଟି ବ୍ଲକ୍— ଆଳି, ଡେରାବିଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକାର ୬୫ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି। ଏହାସହ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ମୋଟ ୧,୪୮,୩୧୫ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି।

ବନ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇ ୧୧ଟି ଆଶ୍ରୟ କେନ୍ଦ୍ରରେ ୨,୧୧୫ ଜଣଙ୍କୁ ରଖାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୬ଟି ମାଗଣା ରନ୍ଧାଘର/ରିଲିଫ୍ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଆଜି ସୁଦ୍ଧା ୨,୦୬୫ ଜଣ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି।



ବନ୍ୟା ପ୍ରଭାବିତ ଲୋକଙ୍କୁ ଆଜି ୬୮.୪୮ କ୍ୱିଣ୍ଟାଲ ଚୁଡ଼ା, ୪ କ୍ୱିଣ୍ଟାଲ ଗୁଡ଼/ଚିନି, ୬,୧୬୦ ପ୍ୟାକେଟ୍ ବିସ୍କୁଟ୍ ଓ ଶିଶୁ ଖାଦ୍ୟ ବଣ୍ଟନ କରାଯାଇଛି।

ସ୍ୱାସ୍ଥ୍ୟ ସେବା ପାଇଁ ୧୬ଟି ମେଡିକାଲ୍ ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ୩ଟି ପଶୁ ଚିକିତ୍ସା ଟିମ୍ ମଧ୍ୟ ନିୟୋଜିତ ରହିଛି। ବନ୍ୟାରେ ମୋଟ ୬୫,୮୨୮ଟି ପଶୁ ପ୍ରଭାବିତ ହୋଇଥିବା ବେଳେ କୌଣସି ପଶୁଙ୍କ ମୃତ୍ୟୁ ଘଟିନାହିଁ।

ବନ୍ୟାଜଳରେ ରାସ୍ତାଗୁଡ଼ିକ ଜଳମଗ୍ନ ହୋଇଥିବାରୁ ୧୧୮ଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା ପରେ ଫସଲ କ୍ଷତି ଓ ଘରବାଡ଼ି କ୍ଷୟକ୍ଷତିର ଆକଳନ କରାଯିବ। ବର୍ତ୍ତମାନ ସୁଦ୍ଧା ଭିତ୍ତିଭୂମି, ବିଦ୍ୟୁତ ଯୋଗାଣ, ଜଳଯୋଗାଣ ଓ ଗଛ ଉପୁଡ଼ିବା ସମ୍ପର୍କିତ କୌଣସି ବିଶେଷ କ୍ଷୟକ୍ଷତି ରିପୋର୍ଟ ହୋଇନାହିଁ।

ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୪ଟି ଏସ ଆର ସି ପାୱାର ବୋଟ୍, ୯୩ଟି ଦେଶୀ ଡଙ୍ଗା ଓ ୬ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ ହୋଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା, ଖାଦ୍ୟ ଯୋଗାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସେବା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ




**କେନ୍ଦ୍ରାପଡ଼ା,୧୭।୮(ସଂଚାର ବ୍ୟୁରୋ)ଃ** ରାସାୟନିକ ଦୁର୍ଘଟଣା ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲା ଆପାତକାଳୀନ(ଡିସିଜି) ବୈଠକ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବରିଷ୍ଠ ଅଧିକାରୀ, ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାଗୁଡ଼ିକ ଏବଂ ବିପଜ୍ଜନକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ।

ବୈଠକରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟର ସମସ୍ତ ବିପଜ୍ଜନକ ଶିଳ୍ପ ସଂସ୍ଥାକୁ ଜିଲ୍ଲା ପ୍ରଶାସନ ସହିତ ନିରନ୍ତର ଘନିଷ୍ଠ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରୁରୀ ପରିସ୍ଥିତି ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ପରିବହନ କର୍ତ୍ତୃପକ୍ଷ ଏବଂ ଶିଳ୍ପ ପରିଚାଳନା ମଧ୍ୟରେ ଦୃଢ଼ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜନସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ଜରୁରୀକାଳୀନ ପ୍ରତିକ୍ରିୟା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ସୁଧାକର ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ସମସ୍ତଙ୍କ ମଧ୍ୟରେ ସୁସମନ୍ୱିତ ଯୋଗାଯୋଗର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ନିୟମିତ ମକ୍ ଡ୍ରିଲ୍ ଏବଂ ସାମଗ୍ରିକ ପ୍ରସ୍ତୁତି ମାଧ୍ୟମରେ ଯେକୌଣସି ରାସାୟନିକ ଦୁର୍ଘଟଣା ସମୟରେ ଶୀଘ୍ର ଓ ପ୍ରଭାବଶାଳୀ ପ୍ରତିକ୍ରିୟା ସୁନିଶ୍ଚିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ପାରାଦୀପ ଜୋନ୍, କେନ୍ଦ୍ରାପଡ଼ା ଜିଲ୍ଲାର ଫ୍ୟାକ୍ଟରିଜ୍ ଆଣ୍ଡ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଇଞ୍ଜିନିୟର ଚନ୍ଦ୍ରଶେଖର (ସି.ଏସ୍.) ବେହେରା ଜିଲ୍ଲାର ଶିଳ୍ପ ସଂସ୍ଥାଗୁଡ଼ିକ ସମ୍ପର୍କରେ ଏକ ସମୀକ୍ଷା ଉପସ୍ଥାପନ କରିବା ସହ ଜିଲ୍ଲା ଆପାତକାଳୀନର ଭୂମିକା ଓ ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ନିଜ ଶିଳ୍ପ ପ୍ରକ୍ରିୟା, ସମ୍ଭାବ୍ୟ ବିପଦ ପରିସ୍ଥିତି ଏବଂ ବର୍ତ୍ତମାନର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚନା ଆଧାରରେ ଶିଳ୍ପ ସୁରକ୍ଷା ଓ ଜରୁରୀକାଳୀନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଜିଲ୍ଲା ପ୍ରଶାସନ, ପୁଲିସ, ଫ୍ୟାକ୍ଟରିଜ୍ ଆଣ୍ଡ ବଏଲର୍ସ ବିଭାଗ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଉଦ୍ୟମ, ଜେଲ ଗଲେ କିରାଣୀ

**କେନ୍ଦ୍ରାପଡ଼ା, ୧୭।୮ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ାରେ ପୁଣି ଲଜ୍ଜା। ଜଣେ ସ୍କୁଲ ଛାତ୍ରୀ ଙ୍କୁ ଅସଦାଚରଣ କରି ଜେଲ୍ ଗଲେ ସ୍କୁଲ କିରାଣୀ। କେନ୍ଦ୍ରାପଡା ସଦର ଥାନା ଅଂଚଳରୁ ଆସିଛି ଏଭଳି ଲଜ୍ଜାଜନକ ଘଟଣା। ସମ୍ପୃକ୍ତ ବ୍ୟକ୍ତି ଜଣକ ହେଲେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର କିରାଣୀ ରମେଶ ଚନ୍ଦ୍ର ରାଉତ । ଅଭିଯୋଗ ଅନୁଯାଇ ଛାତ୍ରୀ ଜଣକ କେନ୍ଦ୍ରାପଡ଼ାର ଏକ ଘରୋଇ



ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ୁଥିବା ବେଳେ, ସେ ଗତ ୧୫ତାରିଖ ସନ୍ଧ୍ୟାରେ ସନ୍ଧ୍ୟାରେ ଟିଉସନରୁ ଘରକୁ ଫେରୁଥିଲେ। ତେବେ ଛାତ୍ରୀ ଜଣକୁ ଏକୁଟିଆ ଦେଖି ତାଙ୍କ ସହ ଅସଦାଚରଣ କରିବା ସହ ଟଣାଓଟରା କରିଥିଲା ରମେଶ। ଏପରିକି ପୂର୍ବରୁ ଉକ୍ତ କିରାଣୀଙ୍କ ନାମରେ ଏହିଭଳି ଦୁଇ ଦୁଇଟି ଅସଦାଚରଣ ର ସଂଗୀନ ଅଭିଯୋଗ ବି ସାମ୍ନାକୁ ଆସିଛି। ତେବେ କିରାଣୀ ରମେଶ ୍କୁ ପୋକ୍ସୋ ଆଇନ ଅନୁଯାଇ ଗିରଫ କରି କୋର୍ଟ ଚାଲାଣ କରିଛି ସଦର ଥାନା ପୋଲିସ।

# ଚାଲିଛି ବେପରୁଆ ଓଭରଲୋଡ ଛଣ ଗାଡ଼ି, ପ୍ରଶାସନ ଆଖିରେ ଅନ୍ଧ ପୁଟୁଳି

**ଡେରାବିଶ,୧୭।୮(ସଂଚାର ବ୍ୟୁରୋ)ଃ** ପ୍ରତ୍ୟେକ ଦିନ କେନ୍ଦ୍ରାପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ଟ୍ରିପ୍ ଟ୍ରିପ୍ ଛଣ କଟକ, ଭୁବନେଶ୍ୱର ବ୍ରହ୍ମପୁର ଆଦି ସହରକୁ ଯାଉଥିବାର ଦେଖାଯାଇଛି । ମାତ୍ର ଏହି ଛଣ ପରିବହନ ସମୟରେ ଗାଡ଼ି ଚାଳକ କୌଣସି ନୀତି ନିୟମ ମାନୁ ନଥିବା ଅଭିଯୋଗ ହୋଇଛି। କମ୍ ଗାଡି ଭଡାରେ ଅଧିକ ଛଣ କିଭଳି ଯାଇ ପାରିବ ସେ ନେଇ ବ୍ୟବସାୟୀମାନେ ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ଛଣ ନଦା ହେବା ସମୟରେ ଗାଡି ଯେତିକି ଉଚ୍ଚ ତାଠାରୁ ଦୁଇ ଗୁଣ ଅଧିକ ଉଚ୍ଚାରେ ଛଣ ନଦା ହୋଇ ରାସ୍ତାରେ ଯାଉଥିବା ଦେଖାଯାଇଛି। ଅଧିକମାତ୍ରାରେ ଛଣ ଗାଡି ଯାଉଥିବା ବାଟରେ ଚାନ୍ଦୋଳ ଫାଣ୍ଡି ନିଶ୍ଚିନ୍ତକୋଇଲି, ସାଲେପୁର ଓ ଜଗତପୁର ଆଦି ଥାନା ପଡୁଥିଲେ ମଧ୍ୟ ଏଥିପ୍ରତି ପୁଲିସର ନିଘା ନଥିବା ଦେଖାଯାଇଛି। ତେବେ କୋଉ ନିଅମକୁ ଆଧାର କରି ପୋଲିସ ବିଭାଗ ଚୁପ ରହୁଛି । ନାଁ ରାଧେ ରାଧେ ନିତିରେ ନିଜ ପକେଟ ଗରମ କରି ଛଣ ଗାଡି ଗୁଡିକୁ ପାଛୋଟି ନେଉଛି ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି ।




ତେବେ ଯଦି ଏହିପରି ବେପରୁଆ ଛଣ କାରବାର ହୁଏ ତେବେ ଅକାଳରେ ଅନେକ ଧନ ଜୀବନ ବିପଦରେ ପଡିବା କଥାକୁ ଏଡାଇ ଦିଆଯାଇ ନପାରେ । ଏଭଳି ବିପଦପୂର୍ଣ୍ଣ ଛଣଗାଡିକୁ ଯଦି ରୋକ ନଲଗାଏ ତେବେ ଆଗାମୀ ଦିନରେ ସ୍ଥାନୀୟ ବାସୀନ୍ଦା ଆନ୍ଦୋଳନର ପ୍ରନ୍ଥା ଆପଣାଇବାର କଥା ଏବେ ସାଧାରଣରେ ଆଲୋଚନା ହେଉଛି।

# କୋରାପୁଟରେ ଭାରତୀୟ ମଜଦୁର ସଂଘର ରାଲି

**କୋରାପୁଟ,୧୭।୮(ସଂଚାର ବ୍ୟୁରୋ)ଃ** ପ୍ରବଳ ବର୍ଷାକୁ ଖାତିର ନକରି ହଜାର ହଜାର ଶ୍ରମିକଙ୍କ ଗର୍ଜନରେ କମ୍ପିଲା କୋରାପୁଟ ସହର। ହକ୍ ଓ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇଲା ଭାରତୀୟ ମଜଦୂର ସଂଘ(ବିଏମ୍ଏସ୍)। ବର୍ଷା ଯେତେ ଜୋର୍‌ରେ ପଡ଼ିଥିଲା, ଆନ୍ଦୋଳନକାରୀଙ୍କ ସ୍ୱର ମଧ୍ୟ ସେତେ ଜୋର୍‌ରେ ଗୁଞ୍ଜିଥିଲା।



ଜିଲ୍ଲା ସଭାପତି ବିରଞ୍ଚି ନାରାୟଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନିଶାଣିମୁଣ୍ଡାଠାରୁ ବାହାରିଥିଲା ବିଶାଳ ଶ୍ରମିକ ରାଲି। ହାତରେ ଦାବିପତ୍ର, ମୁଣ୍ଡରେ ଛତା ଏବଂ ମୁହଁରେ ଅଧିକାରର ନାରା ସହ ସହର ପରିକ୍ରମା କରି ଶ୍ରମିକମାନେ ପହଞ୍ଚିଥିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ। ସେଠାରେ ଦାବି ପୂରଣ ପାଇଁ ଦିଆଯାଇଥିଲା ଜୋରଦାର ଧାରଣା ଓ ବିକ୍ଷୋଭ। ସମାନ କାମକୁ ସମାନ ଦରମା, ମାସିକ ୭,୫୦୦ ଟଙ୍କା ପେନସନ, ପୁରୁଣା ପେନସନ୍ ସ୍କିମ୍ ଲାଗୁ, ସ୍କିମ୍ ୱାର୍କରଙ୍କୁ ମାସିକ ୩୦ ହଜାର ଟଙ୍କା ଦରମା ଏବଂ ଶ୍ରମ ସଂହିତାରେ ଥିବା ଶ୍ରମିକ ବିରୋଧୀ ବ୍ୟବସ୍ଥାର ସଂଶୋଧନ ସମେତ ୧୧ ଦଫା ଦାବି ଉଠାଇଛି ବିଏମ୍ଏସ୍। ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଏହାସହ ଜିଲ୍ଲାର ଅଙ୍ଗନବାଡ଼ି, ଆଶାକର୍ମୀ ଓ ଠିକା ଶ୍ରମିକଙ୍କ ସମସ୍ୟାର ସମାଧାନ ସହ ସେବା ପେପର୍ ମିଲ୍‌ର ପୁନରୁଦ୍ଧାର ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଦାବି ରଖାଯାଇଛି।

ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କୁ ବିଏମ୍ଏସ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଏମ୍ଏସ୍‌ର ରାଜ୍ୟ ଉପସଭାପତି ଆଲୋକ ରଥ, ସାଧାରଣ ସମ୍ପାଦିକା କମଳା ବେହେରା, ଜିଲ୍ଲା ସମ୍ପାଦକ ଏ. ଭୀମା ରାଓ, ରାଜ୍ୟ ଆଶାକର୍ମୀ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ କମଳା ବେହେରାଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେପଟେ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ନୂଆ ଗାଁ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପଟ୍ଟାମୁଣ୍ଡାଇ,୧୭।୮ (ସଂଚାର ବ୍ୟୁରୋ)ଃ** ପଟ୍ଟାମୁଣ୍ଡାଇ ପୌରପରିଷଦ ଅର୍ନ୍ତଗତ ୯ନଂ ୱାର୍ଡର ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକତା ଏକ ବ୍ରତ ନୁହେଁ ଜୀବନର ଏହା ଏକ ମହାମନ୍ତ୍ର। ଏହି ମନ୍ତ୍ରକୁ ଆପଣେଇ ନେଇ ଶିକ୍ଷାବିଭାଗରେ ପାଦ ଥାପିଥିବା ଦୁଇଯୋଦ୍ଧାଙ୍କର ଅବସର ଗ୍ରହଣ ସମୟ ଆଗତ ହୁଏ ଯାହା ସମୟର ଏକ ବିଧି ନିର୍ଦ୍ଦେଶ । ୨୦୨୩ ଓ ୨୦୨୬ ମସିହାରେ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରନ୍ତି ଦୁଇ ଜଣ ସର୍ବଶ୍ରେଷ୍ଠ ତ୍ୟାଗୀ, ସଂଯମୀ, ମିଷ୍ଟଭାଷୀ, ସୁଦକ୍ଷା, କର୍ମନିପୁଣା, ତଥା ଛାତ୍ରାବତ୍ସଳା ଶିକ୍ଷୟିତ୍ରୀ ପ୍ରେମଲତା ପତି ଓ ବୈଜୟନ୍ତୀ ସାହୁ । ସେମାନଙ୍କୁ କୋହଭରା ହୃଦୟରେ ବିଦାୟ ଦିଅନ୍ତି ଏହି ଅନୁଷ୍ଠାନର ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀଗଣ ।

ଏହି ସଭାରେ ମୁଖ୍ୟ ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ସଂଘମିତ୍ରା ନାୟକ, ମୁଖ୍ୟ ବକ୍ତା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ମଳୟ କୁମାର ଜେନା ଯୋଗ ଦେଇଥିଲେ । ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଆମ ସ୍କୁଲ କମିଟିର ସଭାପତି ସୁଧାଂଶୁ ଭୂଷଣ ତ୍ରିପାଠୀ, ଶାନ୍ତି କମିଟିର ସଭାପତି ରାମଚନ୍ଦ୍ର ମିଶ୍ର, ନିରାପତ୍ତା କମିଟିର ସଭାପତି ଦେବୀ ପ୍ରକାଶ ଦାଶ ଓ ବିଶେଷ ଭୂମିକା ଗ୍ରହଣ କରିଥିଲେ ଏହି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ସାହୁ ଓ ଅନ୍ୟ ସଭ୍ୟସଭ୍ୟାମାନେ । ଦୁଇ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ସ୍ୱରୂପ ଉତ୍ତରୀୟ ମାନପତ୍ର ଓ ଉପଢ଼ୌକନ ଆଦି ପ୍ରଦାନ କରାଯାଇଥିଲା । ପୋଖରିଆପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଯୋଗଦେଇ ବିଭିନ୍ନ ପ୍ରକାର ଉପହାର ସାମଗ୍ରୀ ପ୍ରଦାନ କରିଥିଲେ ।



### ବିପଦ ବେଳେ ବନ୍ଧୁଙ୍କ ପାଖରେ ବନ୍ଧୁ

# ସହାୟତାର ହାତ ବଢ଼ାଇଲେ ୨୦୦୦ ବ୍ୟାଚ୍‌ର ସାଥୀ

**ପାରାଦ୍ୱୀପ,୧୭।୮ (ସଂଚାର ବ୍ୟୁରୋ)ଃ** ବନ୍ଧୁତ୍ୱ କେବଳ ଖୁସିରେ ନୁହେଁ, ବିପଦ ସମୟରେ ପରସ୍ପରର ପାଖରେ ଛିଡ଼ା ହେବାରେ ହିଁ ତାହାର ପ୍ରକୃତ ମୂଲ୍ୟ ରହିଛି। ଏହାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀ ଶ୍ରୀ ବଳଦେବ ଜୀଉ ହାଇସ୍କୁଲ, ହସିଣାର ୨୦୦୦ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ। କିଛିଦିନ ତଳେ ୨୦୦୦ ବ୍ୟାଚର ବନ୍ଧୁ ଆରତୀ ତରାଇଙ୍କ ସ୍ୱାମୀ ଶିଶିର ତରାଇ କମ୍ପାନୀରେ ଡ୍ୟୁଟି କରୁଥିବା ସମୟରେ ମୃତ୍ୟୁବରଣ କରିଥିଲେ। ଏହି ଦୁଃଖଦ ଖବର ପାଇ ୨୦୦୦ ବ୍ୟାଚର ସମସ୍ତ ବନ୍ଧୁ ଏକାଠି ହୋଇ ଆରତୀ ତରାଇଙ୍କ ବାସଭବନକୁ ଯାଇ ତାଙ୍କୁ ସାନ୍ତ୍ୱନା ଦେବା ସହ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ବ୍ୟାଚର ଆଉ ଜଣେ ବନ୍ଧୁ କାବେରୀ ସାହୁଙ୍କ ସ୍ୱାମୀ ରଞ୍ଜନ ସାହୁ ମୁଖ କ୍ୟାନ୍ସରରେ ପୀଡ଼ିତ ଥିବା ଖବର ପାଇବା ପରେ ବନ୍ଧୁମାନେ ତୁରନ୍ତ ଆଲୋଚନା କରି ତାଙ୍କ ପରିବାରକୁ ମଧ୍ୟ ୨୦ ହଜାର ଟଙ୍କାର ଆର୍ଥିକ ସହାୟତାର ହାତ ବଢ଼ାଇଛନ୍ତି। ଏହି ବ୍ୟାଚର ବନ୍ଧୁମାନଙ୍କ କହିବା ଅନୁଯାୟୀ, ବନ୍ଧୁତ୍ୱର ଅର୍ଥ କେବଳ ଏକାଠି ହସିବା ଓ ଖୁସି ବାଣ୍ଟିବା ନୁହେଁ; ବରଂ ବିପଦ ସମୟରେ ନିଜ ବନ୍ଧୁଙ୍କ ପାଖରେ ଦୃଢ଼ ଭାବେ ଛିଡ଼ା ହେବା।



# ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି ସୋମ ବିହାର କଲୋନିବାସୀ

**ବାଲିଅନ୍ତା,୧୭।୮ (ସଂଚାର ବ୍ୟୁରୋ)ଃ** ବାଲିଅନ୍ତା ତହସିଲ ଅଧୀନ ସାଲେଶ୍ୱର ମୌଜାରେ ଅବସ୍ଥିତ ସୋମ ବିହାର କଲୋନିବାସୀ ନାନାଦି ସମସ୍ୟାରେ ବର୍ଷ ବର୍ଷ ଧରି ଘାଣ୍ଟି ହେଉଛନ୍ତି । ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ରହିଛି କଂକ୍ରିଟ ରାସ୍ତା , ବର୍ଷାପାଣି ନିଷ୍କାସନ ନେଇ ଡ୍ରେନ ନିର୍ମାଣ, ପାର୍କ, ମାର୍କେଟ ଓ ଅସ୍ୱାସ୍ଥ୍ୟକର ପରିମଳ ବ୍ୟବସ୍ଥା। ଯାହାକୁ ନେଇ ଏହି କଲୋନୀ ବାସିନ୍ଦାଙ୍କ ମଧ୍ୟର ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି।



ବଡ଼ କଥା ହେଉଛି ବ୍ଲକ ପ୍ରଶାସନକୁ ଗ୍ରାମ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ବ୍ଲକ ପ୍ରଶାସନକୁ ରାସ୍ତାର ଉନ୍ନତୀକରଣ ଦାୟିତ୍ୱ ବିଲଡର ପଞ୍ଚାୟତ କାର୍ଯ୍ୟାଳୟ ଜରିଆରେ ହସ୍ତାନ୍ତର ହେବା ପରେ କଂକ୍ରିଟ ରାସ୍ତା ଓ ଡ୍ରେନ ନିମାଣ ନେଇ ୨୦୨୪ ମସିହାରେ ସମସ୍ୟାର ସମାଧାନ ନେଇ ୧୨ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ତେବେ ଦାୟିତ୍ୱରେ ଥିବା ପଞ୍ଚାୟତ ଏବଂ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅନୁଦାନ ରାଶି ଫେରିଗଲା। ଯାହାଫଳରେ ଏବେ ରାସ୍ତା ଅବସ୍ଥା ପୂରା କଦର୍ଯ୍ୟ ହୋଇପଡ଼ିଛି।

ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଆଣ୍ଠୁଏ ଆଣ୍ଠୁଏ ଗଭୀରର ଖାଲଖମାରେ ବର୍ଷାପାଣି ଜମି ରହି ପଚପଚ ହେଉଛି। ବର୍ଷା ଲାଗି ରହିଲେ ରାସ୍ତା ପାଣି ଉଛୁଳି ଘରେ ପଶିଯାଉଛି। ଲୋକମାନେ ଝାଡ଼ାବାନ୍ତି, ମ୍ୟାଲେରିଆ ଓ ଡେଙ୍ଗୁରେ ପୀଡ଼ିତ ହେଉଛନ୍ତି। ଗାଡ଼ିମଟର ଯାକ୍‌ଆ'ସ କରିବାରେ ବଡ଼ ସମସ୍ୟା ଉପୁଜୁଛି। ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିବା ଯୋଗୁ କାର ଓ ଅଟୋ ପରସ୍ପରକୁ ଅତିକ୍ରମ କରିବା ପରେ ଦୁର୍ଘଟଣାମାନ ଘଟୁଛି । ସମସ୍ୟାର ସମାଧାନ ନହେବାରୁ ଗ୍ରାମର ଲୋକମାନେ ଜାତୀୟ ମାନବାଧିକାର ମିଶନରେ ଅଭିଯୋଗ କରିଥିଲେ। ମାନବ ଅଧିକାର ଖୋର୍ଧା ଜିଲ୍ଲାପାଳ ଓ ଭୁବନେଶ୍ୱର ରାଜ୍ୟ ପ୍ରଦୂଷଣ ବିଭାଗ କର୍ତ୍ତୃପକ୍ଷଙ୍କୁ ସମସ୍ୟାର ତ୍ୱରିତ ସମାଧାନ ନେଇ ଚିଠି କରିଥିଲେ। ଅଭିଯୋଗ ସତ୍ତ୍ୱେ ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ୫୭ ପରିବାର ବସବାସ କରୁଥିବା କଲୋନିବାସୀଙ୍କ ସମସ୍ୟାର ସମାଧାନ ନେଇ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

# ଶ୍ରାବଣ ମେଳା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା

କଟକ, ୧୭।୮ (ସଂଚାର ବ୍ୟୁରୋ): ଶ୍ରାବଣ ମେଳାକୁ ଦୃଷ୍ଟିରେ ରଖି କାଉଡିଆମାନଙ୍କ ନିରାପଦକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର କେନ୍ଦ୍ରୀୟ ପୁଲିସ୍ ରେଞ୍ଜ ଅଧୀନରେ ଥିବା ଜିଲ୍ଲାଗୁଡ଼ିକରେ ବ୍ୟାପକ ସୁରକ୍ଷା କରାଯାଇଛି। ଭକ୍ତମାନଙ୍କ ନିରାପଦ ଯାତ୍ରାକୁ ସହଜ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଶିବ ମନ୍ଦିର, ପ୍ରମୁଖ ରାସ୍ତା, ନଦୀ କୂଳ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।



ଚନ୍ଦନପୁର ପୁଲିସ ଷ୍ଟେସନ ଅଧୀନରେ ଥିବା ବିଭିନ୍ନ ମନ୍ଦିର ସ୍ଥାନ, ଟ୍ରାଫିକ ପଏଣ୍ଟ (୩ଟି ଜାତୀୟ ରାଜପଥ ପାଟ୍ରୋଲିଂ ଯାନ) ଓ ଭାର୍ଗବୀ ନଦୀ ଅଞ୍ଚଳରେ ପୁଲିସ୍ ମୁତୟନ କରାଯାଇଛି। ଏଥିରେ ୩ ଜଣ ଅତିରିକ୍ତ ଏସପି, ୧୦ ଜଣ ଡିଏସପି / ଏସିଏସ୍, ୧୭ ଜଣ ଇନ୍ସପେକ୍ଟର, ୬୬ ଜଣ ସବଇନ୍ସପେକ୍ଟର/ ସହକାରୀ ସବଇନ୍ସପେକ୍ଟର, ୨୦ ଜଣ ହାବିଲଦାର, ୬ ଜଣ କନଷ୍ଟେବଳ/ମହିଳା କନଷ୍ଟେବଳ, ୧୨ ପ୍ଲାଟୁନ୍ ଏବଂ ୨ ସେକ୍ସନ ଫୋର୍ସ, ୨୫୩ ଜଣ ହୋମଗାର୍ଡ ସାମିଲ ଅଛନ୍ତି। ସେହିପରି ଗୁରୁଡିଝାଟିଆ ପୁଲିସ ଅଧୀନରେ ଥିବା ଧବଳେଶ୍ୱର ଶିବ ମନ୍ଦିରରେ ବିଭିନ୍ନ ପଦାଧିକାରୀ ଓ କର୍ମଚାରୀଙ୍କ ସହିତ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ବଡ଼ମ୍ବା ଥାନା ଅନ୍ତର୍ଗତ ସିଂହନାଥ ଶିବ ମନ୍ଦିରରେ ଗୋଟିଏ ପ୍ଲାଟୁନ୍ ଫୋର୍ସ ଓ ଅତିରିକ୍ତ ଅଧିକାରୀ ଏବଂ କର୍ମଚାରୀ ନିୟୋଜିତ ହେବେ।

ଶରଣକୂଳ ଥାନା ଅନ୍ତର୍ଗତ ଲଡୁକେଶ୍ୱର ମନ୍ଦିରରେ ପର୍ଯ୍ୟାପ୍ତ ପରିମାଣରେ ଡିଏସପି, ଇନ୍ସପେକ୍ଟର, ଏସ୍ଆଇ/ଏଏସ୍ଆଇ, କନଷ୍ଟେବଳ, ସଶସ୍ତ୍ର ପୋଲିସ ଓ ହୋମଗାର୍ଡ ମୁତୟନ କରାଯାଇଛି। ଜିଲ୍ଲାର ଅନ୍ୟ ବାରଟି ଶିବ ମନ୍ଦିରରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ଜଗତସିଂପୁର, ବିରିଡି, ନାଉଗାଁ, ରଘୁନାଥପୁର, ତିର୍ତ୍ତୋଲ, ବାଲିକୁଦା, ପାରାଦୀପ ଲକ୍, କୁଜଙ୍ଗ ଏବଂ ବନ୍ଦର ମେରାଇନ୍ ଅଞ୍ଚଳ ସମେତ ୧୦ଟି ପୁଲିସ ଷ୍ଟେସନ ଅଧୀନରେ ବହୁ ସଂଖ୍ୟକ ଶିବ ମନ୍ଦିରରେ ପୋଲିସ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପଦବୀର ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ତିର୍ତ୍ତୋଲ ଥାନା ଅଧୀନରେ ଥିବା ଗୋରେଖନାଥ ଶିବ ମନ୍ଦିରରେ ସ୍ୱତନ୍ତ୍ର ଭାବରେ ଦୁଇଟି ସେକ୍ସନ୍ ଫୋର୍ସ ମୁତୟନ କରାଯାଇଛି। ଏଥିସହ ବଡ଼ଚଣା, ଧର୍ମଶାଳା, କୁଆଖିଆ, ଯାଜପୁର ଟାଉନ୍, ବିଞ୍ଝାରପୁର ଏବଂ ପାଣିକୋଇଲି ପୋଲିସ ଷ୍ଟେସନ ଅଧୀନରେ ଥିବା ଶିବ ମନ୍ଦିରରେ ବିଭିନ୍ନ ପଦବୀର ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ସାତଟି ସେକ୍ସନ୍ ଫୋର୍ସ ମୁତୟନ କରାଯାଇଛି।

କାଉଡିଆଙ୍କ ଗତିବିଧି ସମ୍ପର୍କରେ ସମସ୍ତ ପୁଲିସ ଷ୍ଟେସନକୁ ସତର୍କ କରାଯାଇଛି। ରାଜକନିକା ଥାନା ଅଞ୍ଚଳ ଦେଇ ଭଦ୍ରକର ଆରଡି ଶିବ ମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ଭକ୍ତମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି, ଯେଉଁଥିରେ ଡଙ୍ଗା ଦ୍ୱାରା ସେମାନଙ୍କର ନିରାପଦ ଗମନାଗମନର ବ୍ୟବସ୍ଥା ମଧ୍ୟ କରାଯାଇଛି।

**। ଏମ୍ଏମ୍ଡିଆର୍ ଆଇନରେ ସଂଶୋଧନ ପ୍ରସଙ୍ଗ ।**

# ଖଣି ଲୁଟେରା ଦଳ ରାଜସ୍ୱ ହାନି କହିବା ହାସ୍ୟାସ୍ପଦ: ଅନିଲ

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ବିଜେଡି ହେଉ କି କଂଗ୍ରେସ, ଯେଉଁମାନଙ୍କ ଶାସନ ସମୟରେ ଓଡ଼ିଶାରେ ଖଣି ଦୁର୍ନୀତି କରି କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ ହେଉଥିଲା ସେମାନେ ଆଜି ରାଜସ୍ୱ ହାନି ହେଉଛି ବୋଲି କହିବା ହାସ୍ୟାସ୍ପଦ। ଓଡ଼ିଶାର ଗଣମାଧ୍ୟମ ସାକ୍ଷୀ ଅଛି ଯେ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ ବିଜେଡି ଶାସନରେ ଥିବା ବେଳେ ଖଣି ଦୁର୍ନୀତିକୁ ନେଇ ସାହା କମିଶନ କ'ଣ କହିଥିଲେ। ବିଜେପି ସରକାରରେ ଆର୍ଥିକ କ୍ଷେତ୍ରରେ ରାଜ୍ୟମାନଙ୍କୁ ସବୁବେଳେ ଅଧିକ ସ୍ୱତନ୍ତ୍ରତା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ୨୦୧୫ରେ ଏମ୍ଏମ୍ଡିଆର ଆଇନରେ ଐତିହାସିକ ସଂଶୋଧନ କରାଯାଇଥିଲା, ଯେଉଁଥିରେ ଓଡ଼ିଶା ଭଳି ରାଜ୍ୟମାନେ ଆର୍ଥିକ କ୍ଷେତ୍ରରେ ଲାଭବାନ ହୋଇଥିଲେ।



କେନ୍ଦ୍ରରେ ଯେତେବେଳେ କଂଗ୍ରେସର ସରକାର ଥିଲା, ସେତେବେଳେ ଓଡ଼ିଶା ୨୦୧୩ରେ ମାତ୍ର ୫ ହଜାର କୋଟି ଖଣିରୁ ରାଜସ୍ୱ ପାଉଥିଲା। ଶ୍ରୀ ମୋଦିଙ୍କ ନେତୃତ୍ୱରେ ୨୦୧୫ରେ ହୋଇଥିବା ଏମ୍ଏମ୍ଡିଆର ଆଇନରେ ଐତିହାସିକ ସଂଶୋଧନ କାରଣରୁ ଏବେ ବାର୍ଷିକ ୪୮ ହଜାର କୋଟିର ଖଣି ରାଜସ୍ୱ ପାଉଛି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ସେ କହିଛନ୍ତି ଯେ ଖଣି ନିଲାମୀରେ ପ୍ରିମିୟମ ଅକ୍ସନ ନିୟମ କାରଣରୁ ଏବେ ବେଶି ଅର୍ଥରେ ଖଣି ନିଲାମ ହେଉଛି, ଯାହାର ଲାଭ ରାଜ୍ୟ ସରକାରମାନେ ପାଉଛନ୍ତି। ସେହିଭଳି ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଆରମ୍ଭ କରାଯାଇଥିବା ଡିଏମ୍ଏଫ୍ ଫଣ୍ଡରେ ଏବେ ସ୍ଥାନୀୟ ବିକାଶ ପାଇଁ ବାର୍ଷିକ ଅତିରିକ୍ତ ୮ ରୁ ୧୦ ହଜାର କୋଟି ଟଙ୍କା ସିଧାସଳଖ ଖଣିଥିବା ଜିଲ୍ଲାକୁ ମିଳୁଛି। ଯଦି ସତରେ ବିଜେଡି-କଂଗ୍ରେସ ରାଜ୍ୟର ସ୍ୱାର୍ଥ ପାଇଁ ଏତେ ଚିନ୍ତିତ ଥିଲେ, ସେମାନେ ସ୍ପଷ୍ଟ କରିବେ କି ସେମାନଙ୍କ ଶାସନରେ କାହିଁକି କମ୍ ରାଜସ୍ୱ ଆଦାୟ ହେଉଥିଲା ଓ ସେହି ଅର୍ଥ କାହା ପକେଟକୁ ଯାଉଥିଲା? ଏବେ ସଦ୍ୟ ଆସିଥିବା ୨୦୨୬ର ଏମ୍ଏମ୍ଡିଆର ସଂଶୋଧନ ଖଣି କ୍ଷେତ୍ରରେ ଏକ ସ୍ଥିର, ସ୍ୱଚ୍ଛ ନିୟାମକ ବ୍ୟବସ୍ଥା ଆଣିବା ସହ ଭାରତୀୟ ଖଣି ଶିଳ୍ପକୁ ଅଧିକ ପ୍ରତିଯୋଗୀ କରିବ। ଦେଶ ପାଇଁ ଆବଶ୍ୟକ ଏହା କ୍ରିଟିକାଲ ଓ ଷ୍ଟ୍ରାଟେଜିକ ମିନେରାଲ୍ସର ଅନ୍ୱେଷଣ ଓ ଉତ୍ପାଦନକୁ ଗତି ଦେବ। ସେମିକଣ୍ଡକ୍ଟର ଭଳି ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ସମାନ ଦରରେ ସାରା ଦେଶରେ ଉତ୍ପାଦକଙ୍କୁ ମିଳିପାରିବ। ଖଣି କ୍ଷେତ୍ରରେ ନୂଆ ନିବେଶ, ଶିଳ୍ପ ବିକାଶ, ରୋଜଗାର ଓ ଦୀର୍ଘକାଳୀନ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ମିଳିବ। ଏଥିରେ ଖଣିଜ ସମ୍ପଦ ଥିବା ରାଜ୍ୟମାନେ ଅଧିକ ଲାଭବାନ ହେବେ। ନୂଆ ସଂଶୋଧନ କୌଣସି ଭାବରେ ଓଡ଼ିଶାକୁ ଗୋଟେ ଟଙ୍କା ବି ରାଜସ୍ୱ କ୍ଷତି ଦେବ ନାହିଁ, ବରଂ ପ୍ରତିଯୋଗିତା ବଜାରରେ ଅଧିକ ରାଜସ୍ୱ ଯୋଗାଇବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

## ରେଙ୍ଗାଲି ଡ୍ୟାମର ୩ ଗେଟ୍ ଖୋଲିଲା



କଣିହା, ୧୭।୮ (ସଂଚାର ବ୍ୟୁରୋ): ୩ଟି ଗେଟ ଦେଇ ବନ୍ୟା ଜଳ ଛାଡୁଛି ରେଙ୍ଗାଲି ଡ୍ୟାମ। ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବା ବେଳେ ବର୍ତ୍ତମାନ ଗଚ୍ଛିତ ଜଳରାଶି ୧୨୩.୨୪ ମିଟର ରହିଛି। ଡ୍ୟାମକୁ ସେକେଣ୍ଡ ପିଛା ୫ହଜାର ୧୭୭ ଘନମିଟର ବନ୍ୟାଜଳ ପ୍ରବେଶ କରୁଥିବାବେଳେ ତିନୋଟି ଗେଟ୍ ଓ ପାୱାର ଚାନେଲ ଦେଇ ସେକେଣ୍ଡ ପିଛା ୫ହଜାର ୪୭୩ ଘନମିଟର ବନ୍ୟାଜଳ ନିଷ୍କାସନ ହେଉଛି। ବ୍ରାହ୍ମଣୀ ନଦୀର ଶାଖା ନଦୀ ଓ ନାଳରେ ପାଣି ପଶିବାରୁ ତଳିଆ ଅଞ୍ଚଳରେ ବନ୍ୟା ଭୟ ସୃଷ୍ଟି ହୋଇଛି। ଜେନାପୁର ଡ୍ୟାମର ବନ୍ୟାଜଳ ସତର୍କ ସଙ୍କେତ ୨୨ ମିଟରେ ଥିବାବେଳେ ବର୍ତ୍ତମାନ ଜଳସ୍ତର ୨୨.୧୪ ମିଟର ରହିଛି। ପାନପୋଷ ଡ୍ୟାମର ବିପଦ ସଙ୍କେତ ୧୭୭.୫ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୧୭୪.୬୮ ମିଟର ରହିଛି। ଫଳରେ ରେଙ୍ଗାଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଳିଆ ଅଞ୍ଚଳ ଓ ନଦୀକୂଳିଆବାସୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଯାଇଛି।

# ବନ୍ୟାଞ୍ଚଳ ବୁଲିବେ ବିଜେଡିର ୩ ବରିଷ୍ଠ ନେତା

## ପ୍ରଭାବିତଙ୍କ ସହ ଆଲୋଚନା କରି ରିଲିଫ୍ କାର୍ଯ୍ୟର କରିବେ ସମନ୍ୱୟ

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଉଛୁଳୁଛି ବୈତରଣୀ ଓ ଜଳକା ନଦୀ। ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବନ୍ୟା ସ୍ଥିତି ଗମ୍ଭୀର। ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ରହିଛି, ଆଜି ଅବପାତର ରୂପ ନେବା ସମ୍ଭାବନା ରହିଛି। ପ୍ରଭାବରେ ଆସନ୍ତା ୨୦ ତାରିଖ ଯାଏଁ ଉତ୍ତର ଓଡ଼ିଶାରେ ପ୍ରବଳ ଢାଳିବ। ତେଣୁ ସ୍ଥିତି ଗୁରୁତର ହେବା ଆଶଙ୍କା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବନ୍ୟା ସ୍ଥିତି ଅଧିକ ସମ୍ବେଦନଶୀଳ ରହିଛି। ସ୍ଥିତିର ଗମ୍ଭୀରତାକୁ ଦେଖି ବନ୍ୟା ପ୍ରଭାବିତ ଜିଲ୍ଲା ଯାଜପୁର, ଭଦ୍ରକ, ବାଲେଶ୍ୱର ପାଇଁ ବିଜେଡିର ୩ ବରିଷ୍ଠ ନେତାଙ୍କୁ ନିଯୁକ୍ତି ମିଳିଛି। ଯାଜପୁର ପାଇଁ ପ୍ରଦୀପ ଅମାତ, ଭଦ୍ରକ ପାଇଁ ଅରୁଣ ସାହୁ, ବାଲେଶ୍ୱର ପାଇଁ ସଞ୍ଜୟ ଦାସବର୍ମାଙ୍କୁ ନିଯୁକ୍ତ କରିଛି ଦଳ। ସେମାନେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତଙ୍କ ସହ ଆଲୋଚନା କରି ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ସମନ୍ୱୟ କରିବେ।



ବନ୍ୟାଞ୍ଚଳରେ ଏବେ ବି ବହୁ ଗାଁ ପାଣି ଘେରରେ ରହିଛି। ଅନେକ ସ୍ଥାନରେ ରାସ୍ତାରେ ପାଣି ଚାଲୁଛି। ଅନେକ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେପଟେ ପାଟଣାରେ ସକାଳ ୯ଟାରେ ବିପଦ ସଙ୍କେତ ପାର କରିଛି ବୈତରଣୀ, ଏଠାରେ ୩୧୧.୧୦ ବିପଦ ସଙ୍କେତ ଥିବା ବେଳେ ୩୧୧.୨୨ ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ପାଟଣା ବୈତରଣୀ ଅବବାହିକା ୯୭.୪ ମିମି ବର୍ଷା ରେକର୍ଡ ହୋଇଛି।

# ଶିଶୁ ମଙ୍ଗଳ ସମିତି ସଦସ୍ୟଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସ୍ଥାନୀୟ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ (ଏସ୍ଆଇଡବ୍ଲ୍ୟୁସି) ପରିସରରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ର ନୂତନ ଭାବେ ଯୋଗଦେଇଥିବା ସଦସ୍ୟମାନଙ୍କ ଦ୍ୱିତୀୟ ବ୍ୟାଚ୍ ପାଇଁ ଏକ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ୨୭ଟି ଜିଲ୍ଲାରୁ ମୋଟ ୫୮ ଜଣ ସିଡବ୍ଲ୍ୟୁସି ସଦସ୍ୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ, ନିରାପଦ ଓ ଅନୁକୂଳ ପରିବେଶ ନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଶିଶୁମାନଙ୍କ ଅଧିକାର, ସ୍ୱାଭିମାନ ଓ କଲ୍ୟାଣର ସୁରକ୍ଷା ପାଇଁ ସମସ୍ତ ଅଂଶୀଦାରଙ୍କ ଦ୍ୱାରା ସମନ୍ୱିତ ଓ ସମ୍ବେଦନଶୀଳ ପ୍ରଚେଷ୍ଟାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ନୂତନ ଭାବେ ଯୋଗଦେଇଥିବା ସିଡବ୍ଲ୍ୟୁସି ସଦସ୍ୟମାନଙ୍କୁ ସମ୍ବେଦନଶୀଳତା, ନିଷ୍ଠା ଓ ସହାନୁଭୂତିର ସହ ନିଜର ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦେଇ ସେ ପ୍ରତ୍ୟେକ ନିଷ୍ପତ୍ତି ଓ ପଦକ୍ଷେପରେ 'ଶିଶୁର ସର୍ବୋତ୍ତମ ହିତ'କୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟମାନଙ୍କ ସହ ଆଲୋଚନା କରି ଶିଶୁମାନଙ୍କ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କ୍ଷେତ୍ରରେ ସେମାନଙ୍କ ତୃଣମୂଳ ସ୍ତରର ଅଭିଜ୍ଞତା, ଆହ୍ୱାନ ଓ ଦୃଷ୍ଟିକୋଣ ବିଷୟରେ ମତାମତ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ବ୍ୟାଚ୍‌ରେ ୭୮ ଜଣ ନୂତନ ନିଯୁକ୍ତ ସଦସ୍ୟ ତାଲିମ ଗ୍ରହଣ କରିସାରିଛନ୍ତି। ଏହି ତାଲିମ ସେମାନଙ୍କୁ ଶିଶୁ କଲ୍ୟାଣ ଓ ସୁରକ୍ଷା ଦାୟିତ୍ୱ ପ୍ରଭାବଶାଳୀ ଭାବେ ତୁଲାଇବା ପାଇଁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ଦିଗଦର୍ଶନ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ଓଏସସିପିସିଆର ଅଧ୍ୟକ୍ଷା ବବିତା ପାତ୍ର; ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦରସ୍ୱାଲ; ଆଇସିଡିଏସ, ଏସଡବ୍ଲ୍ୟୁ ଓ ଓଏସସିପିଏସର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ; ୟୁନିସେଫ୍‌ର ଅଫିସର ଇନ୍ ଚାର୍ଜ ତଥା ସିଏଫ୍‌ଓ ରାଣି କୁରିଆନ୍ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଶିଶୁ କଲ୍ୟାଣ ଶାଖାର ଶାସନ ସଚିବ ସୁମିତ୍ରା ପଟ୍ଟନାୟକଙ୍କ ସମେତ ସିଡବ୍ଲ୍ୟୁସି ଓ ୟୁନିସେଫ୍‌ର ସଦସ୍ୟ ଉପସ୍ଥିତ ଥିଲେ।

**■ ଦକ୍ଷତା, ଦୃଢ଼ତା ଓ ସଫଳତାର ଯାତ୍ରା**

## ରାଷ୍ଟ୍ରପତି ଭବନରେ ଝାରସୁଗୁଡ଼ାର ଭେଷମତୀ ନାଏକ



ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ତିଲେଇମାଲ ଗ୍ରାମର ଭେଷମତୀ ନାଏକ ରାଷ୍ଟ୍ରପତି ଭବନର କଲଚରାଲ୍ ସେଣ୍ଟରରେ ଆୟୋଜିତ 'ଆଟ୍-ହୋମ୍' ରିସେପସନ୍‌ରେ ଯୋଗ ଦେଇଛନ୍ତି। ସେ ଓରମାସ ଅଧୀନରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା (ଡିଡିୟୁ-ଜିକେୱାଇ)ର ପ୍ରଶିକ୍ଷିତ ଜଣେ ସଫଳ ପ୍ରାର୍ଥୀ। ତାଙ୍କର ଏହି ଆମନ୍ତ୍ରଣ ଜଣେ ଗ୍ରାମୀଣ ଯୁବତୀଙ୍କ ଦକ୍ଷତା ବିକାଶରୁ ଆରମ୍ଭ କରି ସଫଳ କର୍ମଜୀବନ ପର୍ଯ୍ୟନ୍ତର ପ୍ରେରଣାଦାୟୀ ଯାତ୍ରାର ଏକ ସ୍ୱୀକୃତି। ଭେଷମତୀ ନାଏକ ୨୦୧୬ ମସିହାରେ ଡିଡିୟୁ-ଜିକେୱାଇ ଅଧୀନରେ ହସ୍ପିଟାଲିଟିରେ ପ୍ରଶିକ୍ଷଣ ନେଇଥିଲେ। ସେ ଡିଡିୟୁ-ଜିକେୱାଇରେ ପ୍ରଶିକ୍ଷଣ ନେଇ କର୍ମ ଜୀବନରେ ସଫଳତା ହାସଲ କରିଥିବା ଭେଷମତୀ ନାଏକଙ୍କ ଯାତ୍ରା ଓଡ଼ିଶା ସମେତ ସମଗ୍ର ଦେଶର ଗ୍ରାମୀଣ ଯୁବପିଢ଼ି ପାଇଁ ଏକ ପ୍ରେରଣା।

## ଚୌଦ୍ୱାର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ବଳିଷ୍ଠ ଭୂମିକା ରହିଛି। ୧୯୭୮ ମସିହାରେ ତାଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଚୌଦ୍ୱାରରେ ପ୍ରତିଷ୍ଠା ହୋଇଥିବା ମହାବିଦ୍ୟାଳୟ ସମଗ୍ର ଓଡ଼ିଶାରେ ଏକ ଅଗ୍ରଣୀ ଅନୁଷ୍ଠାନ ହୋଇପାରିଛି ବୋଲି ରବିବାର ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳନ କରାଯାଇଥିବା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ ବକ୍ତାମାନେ ମତପ୍ରକାଶ କରିଛନ୍ତି। ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ଅଧ୍ୟକ୍ଷତା କରିଥିଲେ। ଗଭର୍ଣ୍ଣିଂବଡି ସଦସ୍ୟ ଶ୍ରୀମନ୍ତ ପ୍ରଧାନ, ଅଧ୍ୟକ୍ଷା ହରପ୍ରିୟା ମହାପାତ୍ର, ସ୍ୱର୍ଗତ ରାମ୍‌ଙ୍କ ପୁତ୍ର ବାପୁପ୍ରିୟ ରାମ୍ ପ୍ରମୁଖ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ରାମ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରାମ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**■ ଜଳ ସମ୍ପଦ ବିଭାଗର ଏକଦିନିଆ କର୍ମଶାଳା**

# ଶ୍ରେଷ୍ଠ ଜଳସେଚନ ପଦ୍ଧତି ଉପରେ ଆଲୋଚନା

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ରାଜ୍ୟର ଜଳସେଚନ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ଚାଷୀକୈନ୍ଦ୍ରିକ କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରରେ ଅନୁଷ୍ଠିତ ହୋଇଛି। ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭ୍ରା ଶର୍ମାଙ୍କ ସମେତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ, ପୁନଃସ୍ଥାପନ ଏବଂ ପୁନର୍ବାସ ନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଜାପାନ ଅନ୍ତର୍ଜାତୀୟ ସହଯୋଗ ସଂସ୍ଥା (ଜାଇକା) ଇଣ୍ଡିଆର ମୁଖ୍ୟ ପ୍ରତିନିଧି ତାକେଉଚି ତାକୁରୋ ଓ ନିପ୍ପନ କୋଇ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡଃ ଜି. ସମ୍ପତ କୁମାର ଅଂଶଗ୍ରହଣ କରିଥିଲେ। ଏଥିସହ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀମତୀ ଶର୍ମା ଜଳସେଚନର ସୁଫଳକୁ କେବଳ ଜମିରେ ପାଣି ପହଞ୍ଚାଇବାରେ ସୀମିତ ନ ରଖି ଫସଲ ବିବିଧୀକରଣ, କୃଷି ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କ ଜୀବିକା ସହ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଙ୍ଗାଲି ଜଳସେଚନ ପ୍ରକଳ୍ପର ପୂର୍ବତନ ମୁଖ୍ୟଯନ୍ତ୍ରୀ ବିଜ୍ଞାନ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜାଇକାର ମୁଖ୍ୟ ପ୍ରତିନିଧି ତାକେଉଚି ତାକୁରୋ ଓ ନିପ୍ପନ କୋଇ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡଃ ଜି ସମ୍ପଦ କୁମାର ମଧ୍ୟ ନିଜ ନିଜ ଅଭିଜ୍ଞତା ବଖାଣିଥିଲେ। କର୍ମଶାଳାରେ ସିଦ୍ଧାର୍ଥ ପରମେଶ୍ୱରନ, ପ୍ରକଳ୍ପ ନିର୍ଦ୍ଦେଶକ ଡ. ସୁନୀଲ ଚୌହାନ ପ୍ରମୁଖ , ଝାଡ଼ଖଣ୍ଡ ରାଜ୍ୟ ଜୀବିକା ପ୍ରୋତ୍ସାହନ ସମିତିର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଅରିନ୍ଦମ ମିଶ୍ର, ରାଜସ୍ଥାନ ଜଳ କ୍ଷେତ୍ର ଜୀବିକା ଉନ୍ନୟନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଜିତେନ୍ଦ୍ର ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ।

# ଆୟୁଷ୍ମାନ ଗଡ଼ନାୟକଙ୍କ ସଫଳ ଗବେଷଣା

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସେଣ୍ଟର ଫର ବାୟୋଟେକ୍ନୋଲୋଜିରେ ଡଃ ଆୟୁଷ୍ମାନ ଗଡ଼ନାୟକ ତାଙ୍କ ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ତାଙ୍କ ଗବେଷଣାର ବିଷୟ 'ଭୋଲାଟାଇଲ ପ୍ରୋଫାଇଲିଂ ଇନ୍ ସିଲିକୋ ଆଣ୍ଡ ଇନ-ଭିଟ୍ରୋ ଇଭାଲ୍ୟୁଏସନ୍ ଅଫ୍ ଆଣ୍ଟିଇନଫ୍ଲାମାଟୋରି ଆଣ୍ଡ ଆଣ୍ଟି-ଅକ୍ସିଡାଣ୍ଟ ପୋଟେନସିଆଲ ଅଫ୍ ଏସେନସିଆଲ ଅଏଲ୍ସ ଅଫ୍ ସିଲେକ୍ଟେଡ୍ କୁର୍କୁମା ସ୍ପେସିସ୍'। ଡଃ ଆୟୁଷ୍ମାନ ଗଡ଼ନାୟକଙ୍କ ଏହି ଗବେଷଣା କାର୍ଯ୍ୟରେ ପ୍ରୋଫେସର ସଂଘମିତ୍ରା ନାଏକ୍ ସୁପରଭାଇଜର ଏବଂ ଡକ୍ଟର ଅସିତ୍ ରାଏ କୋ-ସୁପରଭାଇଜର ଭାବେ ମାର୍ଗଦର୍ଶନ କରିଛନ୍ତି। ତାଙ୍କ ଗବେଷଣାର ଏକ୍ସଟର୍ନାଲ୍ ଭାବେ ପ୍ରୋଫେସର ବି.ରବିପ୍ରସାଦ ରାଓ ଦାୟିତ୍ୱ ତୁଲାଇଛନ୍ତି। ଏହି ଗବେଷଣା ମାଧ୍ୟମରେ ଔଷଧୀୟ ଗୁଣସମ୍ପନ୍ନ କୁର୍କୁମା ପ୍ରଜାତିର ଅତ୍ୟାବଶ୍ୟକ ତୈଳର ଜୈବିକ ଗୁଣ, ବିଶେଷକରି ପ୍ରଦାହନିରୋଧୀ ଓ ମୁକ୍ତମୂଳକ ନିରୋଧୀ କ୍ଷମତା ସମ୍ପର୍କରେ ଗବେଷଣା କରାଯାଇଛି। ଏହି ସଫଳତା ପାଇଁ ତାଙ୍କ ପିତା ବିକାଶ ଭୂଷଣ ଗଡ଼ନାୟକ ଓ ମାତା ଗୀତାଞ୍ଜଳି ନାୟକଙ୍କ ସହ ପରିବାରବର୍ଗ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




# ଭୁଲ ବହି ପ୍ରତ୍ୟାହାର, ଆରଟିଇ ମାଗଣା ଶିକ୍ଷା ଦାବିରେ ସତ୍ୟାଗ୍ରହ

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର, ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୨୫ ପ୍ରତିଶତ ଶିକ୍ଷା ଅଧିକାର (ରାଇଟ ଟୁ ଏଜୁକେସନ-ଆର୍‌ଟିଇ) ମାଗଣା ଶିକ୍ଷା ଯୋଜନାକୁ ଦ୍ୱାଦଶ ଶ୍ରେଣୀକୁ ବୃଦ୍ଧି ତଥା କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ବୃତ୍ତିଗତ ଶିକ୍ଷାକୁ ସାମିଲ ଦାବିରେ ଲୋୟର ପିଏମଜିରେ ଶିକ୍ଷା ସତ୍ୟାଗ୍ରହ ଆରମ୍ଭ କରିଛି ଓଡିଶା ଅଭିଭାବକ ମହାସଂଘ। ଭୁଲ ବହି ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଚାଲିବ ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ଶିକ୍ଷା ସତ୍ୟାଗ୍ରହକୁ ସମର୍ଥନ ଜଣାଇ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ, ପୂର୍ବତନ ମୁମ୍ବାଇ ପୁଲିସ କମିଶନର ଅରୂପ ପଟନାୟକ, ଭୁବନେଶ୍ୱରର ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ପୂର୍ବତନ ବିଧାୟକ ତଥା ଓଜେସି ସଭାପତି ଇଂ ମହମ୍ମଦ ମୋକିମ, ପୂର୍ବତନ ସିପିଆଇ ବିଧାୟକ ନାରାୟଣ ରେଡ୍ଡୀ, ଏନଏଚଆରସି କୋର ମେମ୍ବର ମନୋଜ ଜେନା, ସୂଚନା ଅଧିକାର ଅଭିଯାନର ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଗିରିଜା ଦାସ, ଆମ ଆଦମୀ ପାର୍ଟି ଆବାହକ ନିଶିକାନ୍ତ ମହାପାତ୍ର, ସନ୍ଦୀପ୍ତ ଦାସ, ସିପିଆଇଏମଏଲର ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।



ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ ବିଜେଡି ନେତା ମନ୍ମଥ ରାଉତରାୟ ଆମରଣ ଅନଶନରେ ବସିଛନ୍ତି। ପାଠ୍ୟପୁସ୍ତକରେ ଅଗଣିତ ତ୍ରୁଟି ଭଳି ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନ ଘଟଣା ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ରାଜ୍ୟକୁ ନିନ୍ଦିତ କରିଚାଲିଛି। ଓଡ଼ିଶା ଶିକ୍ଷା ବ୍ୟବସ୍ଥାର ଇତିହାସରେ ଏକ କଳା ଅଧ୍ୟାୟ। କଳଙ୍କିତ ଅଧ୍ୟାୟର ଦସ୍ତାବିଜ ଭୁଲ ବହିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ମୁଖ୍ୟମନ୍ତ୍ରୀ ଭୁଲ ବହି ପ୍ରତ୍ୟାହାର ପାଇଁ କହିବା ପରେ କେଉଁ ମନ୍ଦ ଉଦ୍ଦେଶ୍ୟ ଆଧାରରେ ଏ ପର୍ଯ୍ୟନ୍ତ ବହି ଫେରାଯାଇନି। ପିଲାଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ମହାସଂଘ ଆମରଣ ଅନଶନରେ ଦୁଇଦିନ ବସିବା ପରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନର ଅନୁରୋଧ ପରେ ଅନଶନ ସ୍ଥଗିତ ରଖିଥିଲା। ଯେହେତୁ ଏପର୍ଯ୍ୟନ୍ତ ସରକାର ପୁସ୍ତକ ପ୍ରତ୍ୟାହାର କଲେନି, ତେଣୁ ମହାସଂଘ ଶିକ୍ଷା ସତ୍ୟାଗ୍ରହ ଭଳି ଚରମ ନିଷ୍ପତ୍ତି ନେଇଛି।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖା ସହକାରୀ ନିର୍ଦ୍ଦେଶକଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖାର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ବରାଳଙ୍କ ମାତା ସ୍ନେହଲତା ବରାଳଙ୍କ ରବିବାର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସ୍ୱର୍ଗୀୟା ବରାଳ ଜଣେ ମେଳାପୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପୈତୃକ ଘର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ। ତାଙ୍କ ବିୟୋଗରେ ବନ୍ଧୁ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ଗଭୀର ଶୋକ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ତାଙ୍କ ସାନପୁଅ ମାନସ ବରାଳ ମଧ୍ୟ ଜଣେ ଆଗଧାଡ଼ିର ରାଜ୍ୟସ୍ତରୀୟ ସାମ୍ବାଦିକ। ସାମ୍ବାଦିକତା ପ୍ରତି ତାଙ୍କର ରୁଚି ଓ ଖବର ସଂଗ୍ରହ ନିଶା ତାଙ୍କୁ ସବୁ ମହଲରେ ପରିଚିତ କରାଇ ପାରିଛି।



# ୨୦ ମହିଳାଙ୍କୁ ତାଲିମ, ଗାଡ଼ି ଚଳାଉଛନ୍ତି ୪

ଭୁବନେଶ୍ୱର, ୧୭।୮: 'ଆମ ବସ୍' ଚଳାଇବା ପାଇଁ ୨୦ ଜଣ ମହିଳା ଚାଳକଙ୍କୁ ଅତିରିକ୍ତ ତାଲିମ ଦେବା ପାଇଁ କ୍ରୁଟ୍ ପକ୍ଷରୁ ପୁନେ ପଠାଯାଇଥିଲା। ସେମାନେ ସେଠାରେ ଏକା ମୋବିଲିଟିରେ ୧୪ଦିନିଆ ଇଭି ବସ୍ ଚଳାଇବାର ତାଲିମ ନେଇ ଫେରିଥିଲେ। ବର୍ତ୍ତମାନ ଏମାନଙ୍କ ମଧ୍ୟରୁ ମାତ୍ର ୪ ଜଣଙ୍କୁ କେନ୍ଦୁଝରରେ ଇଭି ବସ୍ ଚଳାଇବା ପାଇଁ ନିଯୁକ୍ତି ଦିଆଯାଇଛି। କ୍ରୁଟ୍‌ର ଆମ ବସ୍ ସେବାରେ ଅଧିକରୁ ଅଧିକ ମହିଳାଙ୍କୁ ନିୟୋଜିତ କରିବା ପାଇଁ ମହିଳା ଗାଇଡ୍‌ଙ୍କୁ ମୁତୟନ କରାଯାଇଛି। ଏମାନଙ୍କ ସଂଖ୍ୟା ୩୦ ପ୍ରତିଶତରୁ ୫୦ ପ୍ରତିଶତକୁ ବଢ଼ାଇବାପାଇଁ ଯୋଜନା ଚାଲିଛି। ସେହିଭଳି ବସ୍ ଚାଳନା କ୍ଷେତ୍ରରେ ମହିଳାଙ୍କ ଆଗ୍ରହକୁ ଦେଖି ଏମାନଙ୍କୁ ମୁତୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।




ଗାଡ଼ି ଚାଳନା ଅଭିଜ୍ଞତା ସହ ବଡ଼ ଗାଡ଼ି ଚଳାଇବାର ଲାଇସେନ୍ସ ଥିବା ୨୦ ଜଣ ମହିଳାଙ୍କୁ କ୍ରୁଟ୍ ପକ୍ଷରୁ ପୁନେ ପଠାଯାଇଥିଲା। ସେଠାରୁ ସେମାନେ ଦୁଇ ସପ୍ତାହର ତାଲିମ ନେଇ ଫେରିଲା ପରେ ପରୀକ୍ଷାମୂଳକ ଭାବେ ବିଭିନ୍ନ ରୁଟ୍‌ରେ ଗାଡ଼ି ଚାଳନାର ସୁଯୋଗ ପାଇଥିଲେ। ପରେ କ୍ରୁଟ୍‌ର ଚାଳକ ଟିମ୍‌ରେ ମହିଳାମାନେ ସାମିଲ ହେବେ ବୋଲି ଆଶା କରାଯାଉଥିଲା। ହେଲେ ତାଲିମ ପାଇଥିବା ଏହି ୨୦ ଜଣଙ୍କ ମଧ୍ୟରୁ ମାତ୍ର ୪ ଜଣଙ୍କୁ କେନ୍ଦୁଝରରେ ଇଭି ବସ୍ ଚଳାଇବାର ସୁଯୋଗ ମିଳିଥିବା ବେଳେ ଅନ୍ୟମାନେ ପ୍ରାୟତଃ ବସି ରହିଛନ୍ତି।

ଉଲ୍ଲେଖନୀୟ ଯେ କ୍ରୁଟ୍‌ର ଆମ ବସ୍ ଚଳାଚଳ ପାଇଁ ୧୩୭୭ ଜଣ କ୍ୟାପଟେନ୍ ଥିବା ବେଳେ ୧୩୨୬ ଜଣ ଗାଇଡ୍ ରହିଛନ୍ତି। ଏହି ଗାଇଡ୍‌ଙ୍କ ମଧ୍ୟରୁ ୩୦ ପ୍ରତିଶତ ହେଉଛନ୍ତି ମହିଳା। ରାସ୍ତାଘାଟରେ ଆମ ବସ୍‌ର ବାରମ୍ବାର ଦୁର୍ଘଟଣାକୁ ଦେଖି ଏଥିରେ ଲଗାମ ପାଇଁ ମହିଳା ଚାଳକଙ୍କ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ହେଲେ ତାଲିମ ନେଇଥିବା ମହିଳା ଚାଳକଙ୍କ ମଧ୍ୟରୁ ୧୬ ଜଣ କ'ଣ ପାଇଁ ଆମ ବସ୍ ଚଳାଇବାର ସୁଯୋଗ ପାଉନାହାନ୍ତି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟ ସରକାର ମହିଳା ଚାଳକମାନଙ୍କ ପାଇଁ ସୁବାହକ ଯୋଜନା ପ୍ରଚଳନ କରିଛନ୍ତି। ଏହି ଯୋଜନାରେ ଗାଡ଼ି ଚାଳନା ତାଲିମ ସହ ଲାଇସେନ୍ସ ଥିବା ମହିଳାଙ୍କୁ ଗାଡ଼ି ଚଳାଇ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏଥିପ୍ରତି ମଧ୍ୟ ବହୁ ମହିଳା ଚାଳକ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ବସ୍ ଚଳାଇବା ପାଇଁ ଲାଇସେନ୍ସଧାରୀ ମହିଳାଙ୍କୁ ତାଲିମ ଦେଇ କ୍ରୁଟ୍ କାହିଁକି ବସାଇ ରଖିଛି, ତାହାକୁ ନେଇ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି।

ବର୍ତ୍ତମାନ ଦୁର୍ଘଟଣା ରୋକିବା ପାଇଁ କ୍ରୁଟ୍ ପକ୍ଷରୁ କ୍ୟାପଟେନ୍‌ମାନଙ୍କ ପାଇଁ ୫ଦିନିଆ ଇ-ବସ୍ ଚାଳନା ତାଲିମ, ଯୋଗ, ମାନସିକ ଭାବେ ଚାପମୁକ୍ତ ରହିବା, ନିୟମିତ ଭାବେ ଡିପୋସ୍ତରୀୟ ତାଲିମ, ସ୍ୱାସ୍ଥ୍ୟ ପରୀକ୍ଷା ସହ ନିଶା ସେବନର ପରୀକ୍ଷା କରାଯାଉଛି। ଏହା ସତ୍ତ୍ୱେ ବି ଆମ ବସ୍ ରାସ୍ତାଘାଟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଏଭଳି ସ୍ଥିତିରେ ମହିଳା ଚାଳକମାନଙ୍କୁ ସୁଯୋଗ ଦିଆଗଲେ ଦୁର୍ଘଟଣା କିଛି ପରିମାଣରେ ହ୍ରାସ ପାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏହାବାଦ୍ ଇ-ରାଇଡ୍ ଯୋଜନାରେ ମହିଳା ଅଟୋ ଚାଳକଙ୍କ ଭଳି ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ମହିଳା କ୍ୟାପଟେନ୍ ଓ ମହିଳା ଗାଇଡ୍ ଥିବା ବସ୍ ଚଳାଇବାକୁ ବି ସାଧାରଣରେ ଦାବି ହେବାରେ ଲାଗିଛି। (ତଥ୍ୟ)

# ୨୧ରେ ଓକାକ କାର୍ଯ୍ୟାଳୟ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଗଣଶିକ୍ଷା ବିଭାଗ, ଆଦର୍ଶ ବିଦ୍ୟାଳୟ ପ୍ରଭୃତିକୁ ଉନ୍ନତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ କରିବା ଆଳରେ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ଟେଣ୍ଡର କରାଇ ବ୍ୟାପକ ଅର୍ଥ ହରିଲୁଟ୍ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଅଭିଯୋଗ କରିଛନ୍ତି।




ଯୁବ କଂଗ୍ରେସ ପକ୍ଷରୁ କୁହାଯାଉଛି ଯେ ଆଇଟି ସଚିବ ତାଙ୍କର ଜଣାଶୁଣା ଏବଂ ପ୍ରିୟ କମ୍ପାନୀମାନଙ୍କୁ ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଟେଣ୍ଡର ଦେବାରେ ସଫଳ ହେଉଛନ୍ତି। ଏହି ମହାଦୁର୍ନୀତିର ଷଡ଼ଯନ୍ତ୍ରରେ ଦୁଇ ଜଣ ମନ୍ତ୍ରୀ ମଧ୍ୟ ସାମିଲ ଅଛନ୍ତି। ସୁତରାଂ ଅଗଷ୍ଟ ୨୧ରେ ଆଇଟି ସଚିବଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଦୁଇ ମନ୍ତ୍ରୀଙ୍କ ବହିଷ୍କାର ଓ ସମଗ୍ର ଦୁର୍ନୀତିର ହାଇକୋର୍ଟ ତତ୍ତ୍ୱାବଧାନରେ ପରିଚାଳିତ ନାୟିକ ତଦନ୍ତ ଦାବିରେ ଦୁର୍ନୀତିର ଗନ୍ତାଘର ଓକାକ କାର୍ଯ୍ୟାଳୟକୁ ପ୍ରଦେଶ ଯୁବ କଂଗ୍ରେସ ଘେରିବ।

ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଏନେଇ ବାରମ୍ବାର ସାମ୍ବାଦିକ ସମ୍ମିଳନୀ କରିବା ସହ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବାସଭବନ ଘେରାଉ କରିଥିଲା। ମୁକେଶ ମହାଲିଙ୍ଗ ଦୁର୍ନୀତିକୁ ସ୍ୱୀକାର କରିବା ସହ ୭ ଦିନ ଭିତରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ। ହେଲେ ୬ ମାସ ବିତିଗଲେ ବି ଫଳ ଶୂନ୍।

sanchar.live

SANCHAR
ସଂଚାର

୪
ମଙ୍ଗଳବାର ୧୮ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Tuesday 18 August 2026, Bhubaneswar

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

## ସମ୍ପାଦକୀୟ

# ଶକ୍ତିଶାଳୀ ଦେଶମାନଙ୍କ ଭୟ

ଆଜିର ବିଶ୍ୱରେ ରୁଷିଆ, ଚୀନ, ଦକ୍ଷିଣ କୋରିଆ ଓ ଆମେରିକା ଭଳି ଶକ୍ତିଶାଳୀ ଦେଶଗୁଡ଼ିକ ବୈଜ୍ଞାନିକ ଅଗ୍ରଗତି, ଅର୍ଥନୈତିକ ଶକ୍ତି ଓ ସାମରିକ ସାମର୍ଥ୍ୟରେ ଅଗ୍ରଣୀ। ତଥାପି ଏମାନେ ଶାନ୍ତିର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ବାରମ୍ବାର ଯୁଦ୍ଧ କିମ୍ବା ଯୁଦ୍ଧ-ଭୟର ସୃଷ୍ଟି କରୁଛନ୍ତି। ଏହା କେବଳ ଏକ ରାଜନୈତିକ ପ୍ରଶ୍ନ ନୁହେଁ; ଏହା ମାନବତାର ଗଭୀର ଦ୍ୱନ୍ଦ୍ୱ। କାହିଁକି ଏମାନେ ଶାନ୍ତିକୁ ନେତୃତ୍ୱ ଦେବା ପରିବର୍ତ୍ତେ ଯୁଦ୍ଧର ପଥ ବାଛନ୍ତି?

ପ୍ରଥମତଃ, ଭୌଗୋଳିକ ଓ କୌଟନୀତିକ ସ୍ୱାର୍ଥ। ରୁଷିଆର ଉକ୍ରେନ ଆକ୍ରମଣ, ଚୀନର ତାଇୱାନ ଓ ଦକ୍ଷିଣ ଚୀନ ସାଗର ଉପରେ ଦାବି, ଆମେରିକାର ମଧ୍ୟପ୍ରାଚ୍ୟ ଓ ଏସିଆରେ ହସ୍ତକ୍ଷେପ- ଏସବୁ ମୂଳତଃ ପ୍ରଭାବ ବଳୟ ବଜାୟ ରଖିବାର ଚେଷ୍ଟା। ଦକ୍ଷିଣ କୋରିଆ ମଧ୍ୟ ଉତ୍ତର କୋରିଆ ସହିତ ଚଳିତ ଉତ୍ତେଜନା ଓ ଆମେରିକୀୟ ସେନା ଉପସ୍ଥିତି ମାଧ୍ୟମରେ ନିଜ ସୁରକ୍ଷା ନୀତିକୁ ଦୃଢ଼ କରୁଛି। ଶକ୍ତିଶାଳୀ ଦେଶମାନେ ଭୟ କରନ୍ତି ଯେ ଯଦି ସେମାନେ ନିଜ ପ୍ରଭାବ କ୍ଷେତ୍ର ଛାଡ଼ନ୍ତି, ତେବେ ପ୍ରତିଦ୍ୱନ୍ଦ୍ୱୀ ସେହି ଶୂନ୍ୟସ୍ଥାନ ପୂରଣ କରିବ। ଏହା 'ସୁରକ୍ଷା ଦ୍ୱନ୍ଦ୍ୱ', ଯେଉଁଠାରେ ଗୋଟିଏ ଦେଶର ସୁରକ୍ଷା ବୃଦ୍ଧି ଅନ୍ୟ ଦେଶପାଇଁ ଭୟର କାରଣ ହୋଇଯାଏ।



ଦ୍ୱିତୀୟତଃ, ଅର୍ଥନୈତିକ ଓ ସମ୍ପଦ ପ୍ରତିଯୋଗିତା। ତେଲ, ଗ୍ୟାସ, ଖଣିଜ ପଦାର୍ଥ, ବାଣିଜ୍ୟ ପଥ ଓ ଟେକ୍ନୋଲୋଜି ଉପରେ ନିୟନ୍ତ୍ରଣ ଆଜି ଯୁଦ୍ଧର ମୁଖ୍ୟ କାରଣ। ଆମେରିକା ଓ ଚୀନ ମଧ୍ୟରେ ଟେକ୍ନୋଲୋଜି ଯୁଦ୍ଧ, ରୁଷିଆର ଶକ୍ତି ସମ୍ପଦ ଉପରେ ନିର୍ଭରଶୀଳତା, ଏସବୁ ଦେଖାଏ ଯେ ଅର୍ଥନୈତିକ ସ୍ୱାର୍ଥ ରାଜନୈତିକ ସିଦ୍ଧାନ୍ତକୁ ପ୍ରଭାବିତ କରେ। ଯୁଦ୍ଧ କେବଳ ଧ୍ୱଂସ ନୁହେଁ; ଏହା କେତେକ ଶିଳ୍ପ ଓ ଅସ୍ତ୍ର ନିର୍ମାତାଙ୍କ ପାଇଁ ଲାଭଜନକ ମଧ୍ୟ ହୋଇପାରେ। ଫଳରେ 'ଯୁଦ୍ଧ ଅର୍ଥନୀତି' ଶାନ୍ତି ଅର୍ଥନୀତିଠାରୁ ଅଧିକ ଆକର୍ଷଣୀୟ ହୋଇପଡ଼େ।

ତୃତୀୟତଃ, ଘରୋଇ ରାଜନୀତି ଓ ଜାତୀୟତାବାଦୀ ଶାସକମାନେ ବାହ୍ୟ ଶତ୍ରୁ ସୃଷ୍ଟି କରି ଆଭ୍ୟନ୍ତରୀଣ ଅସନ୍ତୋଷକୁ ଆଡ଼କୁ ରଖନ୍ତି। ରୁଷିଆରେ ପୁଟିନ୍‌ଙ୍କ ଶାସନ, ଚୀନରେ ପାର୍ଟିର ନିୟନ୍ତ୍ରଣ, ଆମେରିକାରେ ନିର୍ବାଚନୀ ରାଜନୀତି-ସମସ୍ତେ ଜାତୀୟ ଗର୍ବ ଓ 'ଶତ୍ରୁ ବିରୋଧୀ' ଭାବନାକୁ ବ୍ୟବହାର କରନ୍ତି। ଦକ୍ଷିଣ କୋରିଆରେ ମଧ୍ୟ ଉତ୍ତର କୋରିଆ ପ୍ରତି ଭୟ ଘରୋଇ ରାଜନୀତିକୁ ପ୍ରଭାବିତ କରେ। ଯେତେବେଳେ ଲୋକମାନେ ଅର୍ଥନୈତିକ ସଙ୍କଟ କିମ୍ବା ଅସମାନତାରେ ଭୁଗୁଥାନ୍ତି, ସେତେବେଳେ ବାହ୍ୟ ଯୁଦ୍ଧ ଏକ 'ଏକତାର ଆହ୍ୱାନ' ଭାବରେ କାମ କରେ।

ଚତୁର୍ଥତଃ, ଐତିହାସିକ ଅଭିଜ୍ଞତା ଓ ଅସ୍ତ୍ର ପ୍ରତିଯୋଗିତା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଓ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧ, ଚୀନର ଉତଥାନ, କୋରିଆ ଯୁଦ୍ଧ ଏସବୁ ଏକ ଚକ୍ର ସୃଷ୍ଟି କରିଛି ଯେଉଁଥିରେ ପ୍ରତ୍ୟେକ ଦେଶ ନିଜକୁ ସୁରକ୍ଷିତ ରଖିବା ପାଇଁ ଅଧିକ ଅସ୍ତ୍ର ସଂଗ୍ରହ କରେ। ପରମାଣୁ ଅସ୍ତ୍ର, ସାଇବର ଯୁଦ୍ଧ, କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ଅସ୍ତ୍ର-ଏସବୁ ଭୟକୁ ବଢ଼ାଉଛି। ଯେତେବେଳେ ଗୋଟିଏ ଦେଶ ଅଧିକ ଶକ୍ତିଶାଳୀ ହୁଏ, ଅନ୍ୟମାନେ ମଧ୍ୟ ସେହି ପଥରେ ଚାଲନ୍ତି। ଏହା 'ଅସ୍ତ୍ର ପ୍ରତିଯୋଗିତାର ଚକ୍ର'।

ତଥାପି ଏହା ଅପରିହାର୍ଯ୍ୟ ନୁହେଁ। ଇତିହାସରେ ଯେଉଁ ଦେଶମାନେ ଶାନ୍ତିର ପଥ ବାଛିଛନ୍ତି, ସେମାନେ ଦୀର୍ଘକାଳୀନ ସ୍ଥିରତା ଓ ସମୃଦ୍ଧି ପାଇଛନ୍ତି। ୟୁରୋପୀୟ ସଂଘ, ଜାପାନର ଯୁଦ୍ଧପରବର୍ତ୍ତୀ ପୁନର୍ନିର୍ମାଣ, କିମ୍ବା ଦକ୍ଷିଣ-ପୂର୍ବ ଏସିଆର କେତେକ ସହଯୋଗ, ଏସବୁ ଦେଖାଏ ଯେ ବାଣିଜ୍ୟ, କୂଟନୀତି ଓ ପାରସ୍ପରିକ ନିର୍ଭରଶୀଳତା ଯୁଦ୍ଧଠାରୁ ଅଧିକ ଶକ୍ତିଶାଳୀ ହୋଇପାରେ। ଶକ୍ତିଶାଳୀ ଦେଶମାନେ ଯଦି ସତରେ ନେତୃତ୍ୱ ଦେବାକୁ ଚାହାନ୍ତି, ତେବେ ସେମାନେ ଯୁଦ୍ଧ ନୁହେଁ, ଶାନ୍ତିର ମଡେଲ ଦେଖାଇବା ଉଚିତ୍। ଜଳବାୟୁ ପରିବର୍ତ୍ତନ, ମହାମାରୀ, ଦାରିଦ୍ର୍ୟ ଓ ପ୍ରଯୁକ୍ତି ବିପଦ ଏସବୁ ସାମ୍ନାରେ ମାନବଜାତି ଏକତ୍ର ରହିବା ଆବଶ୍ୟକ। ଯୁଦ୍ଧ କେବଳ ଧ୍ୱଂସ ଆଣେ; ଅଶାନ୍ତି ସୃଷ୍ଟି କରେ। ରୁଷିଆ, ଚୀନ, ଦକ୍ଷିଣ କୋରିଆ ଓ ଆମେରିକା ଯଦି ନିଜ ଶକ୍ତିକୁ ସହଯୋଗ, ବିକାଶ ଓ ସମଝୋତା ପାଇଁ ବ୍ୟବହାର କରନ୍ତି, ତେବେ ସେମାନେ ପ୍ରକୃତ ପଥପ୍ରଦର୍ଶକ ହୋଇପାରିବେ।

ଶେଷରେ କହିବାକୁ ହେବ-ଶକ୍ତିର ପ୍ରକୃତ ପରୀକ୍ଷା ଯୁଦ୍ଧରେ ନୁହେଁ, ଶାନ୍ତି ରକ୍ଷାରେ। ବିଶ୍ୱ ଆଜି ଏକ ନୂତନ ଦିଗ ଆଶା କରୁଛି। ଏହି ଶକ୍ତିଶାଳୀ ଦେଶମାନେ ଯଦି ସେହି ଦାୟିତ୍ୱ ନେବେ, ତେବେ ଇତିହାସ ସେମାନଙ୍କୁ ଯୁଦ୍ଧବାଦୀ ନୁହେଁ, ଶାନ୍ତିର ନେତା ଭାବରେ ମନେରଖିବ।

# ମାନସିକ ସ୍ୱାଧୀନତା

ପ୍ରଫେସର ଡାକ୍ତର ସମ୍ରାଟ କର



ଆଜି ସ୍ୱାଧୀନତା ଦିବସ। ୭୯ ବର୍ଷ ତଳେ ଆମ ଦେଶ ସ୍ୱାଧୀନତା ପାଇଥିଲା। ଆମେ ଇଂରେଜମାନଙ୍କ କଡ଼ା ଓ ନିଷ୍ଠୁର ଶାସନରୁ ମୁକ୍ତ ହୋଇଥିଲୁ। ପ୍ରଶ୍ନ ଉଠୁଛି ଗୋଟିଏ ଦେଶ ସ୍ୱାଧୀନତା ପାଇପାରେ କିନ୍ତୁ ଜଣେ ମଣିଷ କେତେ ଦୂର ସ୍ୱାଧୀନ? ନିଜ ମାନସିକତା ଠାରୁ ସ୍ୱାଧୀନତା ପାଇବା ଅନେକ କଷ୍ଟକର। ଜାତିର କଲ୍ୟାଣ ନିମନ୍ତେ ରାଜନୈତିକ ତଥା ଅର୍ଥନୈତିକ ସ୍ୱାଧୀନତା ପ୍ରକୃତ ସ୍ୱାଧୀନତା ନୁହେଁ। ନିଜେ ନିଜ ଉପରେ ଆଧିପତ୍ୟ ପ୍ରତିଷ୍ଠା କରିପାରିବା ହିଁ ପ୍ରକୃତ ସ୍ୱାଧୀନତା। ଆତ୍ମ ସ୍ୱାଧୀନତା ଏକ ମାନସିକତାକୁ କେବଳ ଦେଶପ୍ରେମ ପାଇଁ ରାସ୍ତା ଦେଖାଇ ନଥାଏ ବରଂ ସମାଜ ସେବା ନିଜ ଚରିତ୍ରର ପରିବର୍ତ୍ତନ ପାଇଁ ତା'ଭିତରେ ଅନେକ ଉର୍ଜ୍ଜା ବା ପ୍ରେରଣା ସୃଷ୍ଟି ହୋଇଥାଏ। ଜଣେ ନିଜକୁ ସ୍ୱାଧୀନ କହିବା ଖୁବ ସହଜ ହୋଇପାରେ। କିନ୍ତୁ ମାନସିକ କ୍ଷେତ୍ରକୁ ଦେଖିଲେ ଜଣେ ସ୍ୱାଧୀନତା ପାଇବା ଆଦୌ ସହଜ ନୁହେଁ। ଶରୀର, ମନ, ପରିବାର, କର୍ମ ସଂସ୍ଥାନ ଏ ସବୁ ହେଉଛି ଜଣକର ମାନସିକ ସ୍ୱାଧୀନତାର ବିଭିନ୍ନ ପାହାଚ। ଏହି ପାହାଚ ଅତିକ୍ରମ କରିବା କଷ୍ଟ ସାପେକ୍ଷ ଏବଂ ଶ୍ରମ ସାପେକ୍ଷ।

କାଳ ବା ସମୟର ସୀମା ପାର ହୋଇ ଅନନ୍ତରେ ପ୍ରବେଶ କରନ୍ତୁ। ତାହା ହିଁ ହେବ ସ୍ୱାଧୀନତା ବା ମୁକ୍ତି। ମନକୁ ସୁସ୍ଥିର କରିଦିଅନ୍ତୁ। ସେହି ସୁସ୍ଥିରତାରେ ହିଁ ପ୍ରକୃତ ସ୍ୱାଧୀନତା ଓ ଅଖଣ୍ଡ ଆନନ୍ଦ ନିହିତ। ଜନ୍ମ ଓ ମୃତ୍ୟୁର ଚକ୍ରରୁ ସ୍ୱାଧୀନତା ପାଇବା ହିଁ ପ୍ରକୃତ ସ୍ୱାଧୀନତା। ଦେହ ଓ ମନର ଦାସତ୍ୱରୁ ମୁକ୍ତି ପାଇବା ହିଁ ପ୍ରକୃତ ମୁକ୍ତି। କର୍ମ ବନ୍ଧନରୁ ମୁକ୍ତି ପାଇବା ହିଁ ପ୍ରକୃତ ମୁକ୍ତି। ଦେହାଦି ବିଷୟର ଆସକ୍ତିରୁ ମୁକ୍ତି ହିଁ ପ୍ରକୃତ ମୁକ୍ତି। ଅହଂକାର ଓ କାମନାରୁ ମୁକ୍ତ ହେବା ହିଁ ମୁକ୍ତି। ସାଂସାରିକ ଚିନ୍ତା ତଥା ରୁଚି ଓ ଅରୁଚିର ମୋହରୁ ମୁକ୍ତି ହିଁ ଯଥାର୍ଥ ମୁକ୍ତି। କାମ, କ୍ରୋଧ, ଲୋଭ, ମୋହ ଆଦି ପ୍ରବୃତ୍ତିରୁ ମୁକ୍ତି ପାଇବା ହିଁ ପ୍ରକୃତ ମୁକ୍ତି। ପରିବାରର ଆର୍ଥିକ ଓ ସାମାଜିକ କଷ୍ଟ, ପ୍ରେମ ବିଶାଦ, ରୋଗ, ଯନ୍ତ୍ରଣା, ଅର୍ଥାଭାବ ଏ ସବୁ ସ୍ୱାଧୀନ ମାନସିକତାକୁ ବିପନ୍ନ କରିଥାଏ। ସ୍ୱାଧୀନତା ପାଇବା କ୍ଷେତ୍ରରେ ନିଜକୁ ମାନସିକ ଭାବେ ସୁଦୃଢ଼ ରଖିବା ପାଇଁ ପଡ଼ିବ। ଅର୍ଥ ଅଭାବ ଥିଲେ ବି ଜୀବନକୁ ସୀମିତ ରୋଜଗାରରେ ଚଳେଇ ନେବା, କୌଣସି ଯନ୍ତ୍ରଣା ଆହ୍ୱାନକୁ ଦୃଢ଼ତାର ସହିତ ମୁକାବିଲା କରିବା, ନିଜ ଦାୟିତ୍ୱବୋଧକୁ ସୁଚାରୁରୂପେ ନିର୍ବାହ କରିବା ମନ ସ୍ୱାଧୀନତାର ବଡ଼ ବିଜୟ। ଏ ସବୁ କ୍ଷେତ୍ରରେ ଅବସାଦ, ଚିଡ଼ଚିଡ଼ାପଣ, ବିଶାଦ, ନୈରାଶ୍ୟ, ଭୁଲାପଣ, ହିଂସାତ୍ମକ ଭାବନା ଓ ନିଶା ସେବନ ଏସବୁ ହେଉଛି ସବୁଠାରୁ ବଡ଼ ପ୍ରତିବନ୍ଧକ।

ଜୀବନ ଥିଲେ ସୁଖ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି। ତେଣୁ ଜୀବନ ଜୀଇଁବା ପାଇଁ ଏସବୁ ପ୍ରତିକୂଳତାକୁ ସାମ୍ନା କରିବା ପାଇଁ ପଡ଼ିବ। ସକରାତ୍ମକ ଭାବନା, ସୃଜନଶୀଳତାରେ ମନ ନିବେଶ ଦୁଃଖ କଷ୍ଟକୁ ସମୟର ଏକ ଧାରା ଭାବି ଆଗେଇ ଚାଲିବା ହିଁ ଜୀବନର ଅସଲ ସ୍ୱାଧୀନତାର ଉପଲବ୍ଧି। ଅତ୍ୟଧିକ ଆସକ୍ତି, ଲୋଭ, କାମନା, ପରନିନ୍ଦା, ଅସୂୟା ଏସବୁ ସ୍ୱାଧୀନତାକୁ ବିପନ୍ନ କରିବା ପରି ଗୋଟିଏ ଗୋଟିଏ ଚରିତ୍ର। କଷ୍ଟକର, ଆହ୍ୱାନଭରା ଜୀବନ ଭିତରେ ଜଣେ ଭଲ ମଣିଷ ହେବା ପାଇଁ ମନ ସ୍ୱାଧୀନତା ବିବେକ ଭିତରୁ ହିଁ ପ୍ରେରଣା ଯୋଗାଇଥାଏ। ତେଣୁ ସ୍ୱାଧୀନତାର ଆନନ୍ଦ ନିଶ୍ଚିନ୍ତ ଭାବେ ଅସଲ ଜୀବନର ଶ୍ରେଷ୍ଠତା ଏବଂ ଜୀବନର ଶାନ୍ତି ଏହାକୁ ସମସ୍ତେ ମନେ ରଖିପାରିଲେ ସ୍ୱାଧୀନତାର ଆନନ୍ଦମୟ ଉପଲବ୍ଧି ପ୍ରତ୍ୟେକଙ୍କ ପାଇଁ ଯେଉଁ ପ୍ରସନ୍ନତା ଓ ମଧୁରତା ପରିପୂରଣ କରିବ ସେଇଠି ହିଁ ଯେ ଜୀବନ ଏହାକୁ ସମସ୍ତେ ଜୀବନରେ କାର୍ଯ୍ୟକାରୀ କଲେ ଜଣେ ନିଜେ ଅନୁଭବ କରିପାରିବ ଯେ ବାସ୍ତବରେ ସେ ମାନସିକ ଭାବରେ ସ୍ୱାଧୀନ।

**ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ମୋବାଇଲ୍‌ଃ୯୧୩୨୪୩୩୩୩୩**



# ହାନ୍ତା ଭାଇରସ୍‌କୁ ସମ୍ଭାବ୍ୟ ବିଦାୟ



ଡା. ରାଜକିଶୋର ପଣ୍ଡା

ହାନ୍ତା ଭାଇରସ୍‌ର ଏକ ସଂକ୍ରମଣ, ଯାହା ଗୋଟିଏ କ୍ରୁଜ୍ ଜାହାଜ ମଧ୍ୟରେ ସଂଘଟିତ ହୋଇଥିଲା, ତିନିଜଣ ପୀଡ଼ିତ ଏଥିରେ ମୃତ୍ୟୁବରଣ କରିଥିଲେ ଓ ଆହୁରି ବ୍ୟାପକ ଭାବରେ ଏହା ଅଗ୍ରସର ହେବାର ଏକ ଅହେତୁକ ଭୟ ସୃଷ୍ଟି କରିଥିଲା, ଇତି ମଧ୍ୟରେ ସମାପ୍ତ ବା ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଘୋଷଣା କରିଛି।

"ଆଜି ହାନ୍ତା ଭାଇରସ୍ ସଂକ୍ରମଣର ଶେଷ ରୋଗୀ ଯିଏ କି କ୍ରୁଜ୍ ଜାହାଜରେ ଆକ୍ରାନ୍ତ ହୋଇଥିଲେ, ନିଜର କ୍ୱାରାଣ୍ଟାଇନ୍ ସମୟସୀମା ଶେଷ କରି ସଂକ୍ରମଣରୁ ମୁକ୍ତ ଭାବରେ ଚିହ୍ନଟ ହୋଇଛନ୍ତି ଓ ଘରକୁ ଫେରିଛନ୍ତି। ମେ ପଚିଶରୁ ଆଉ କୌଣସି ରୋଗୀ ମଧ୍ୟ ଚିହ୍ନଟ ହୋଇନାହାନ୍ତି।" ଏହି ବକ୍ତବ୍ୟ ପ୍ରଦାନ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ "ଟେଡ୍ରୋସ୍ ଆଧାନୋମ୍ ଘିବ୍ରିଶସ୍" ଜୁଲାଇ ଦୁଇ ତାରିଖରେ। ହାନ୍ତା ଭାଇରସ୍ ସଂକ୍ରମଣରେ ସମୁଦାୟ ତେର ଜଣ ଲୋକ ପ୍ରଭାବିତ ହୋଇଥିଲେ। ସମସ୍ତ ରୋଗୀ ସମ୍ପୃକ୍ତ ଜାହାଜଟିର ଯାତ୍ରୀ ନ ହେଲେ କର୍ମକର୍ତ୍ତା ଥିଲେ। ଏପ୍ରିଲ ଏକ ତାରିଖରେ ପର୍ଯ୍ୟଟକମାନଙ୍କର ଗୋଟିଏ ଦଳ "ଏମ.ଭି.ହୋଣ୍ଡିଅସ୍" ନାମକ ଏକ ବିଳାସପୂର୍ଣ୍ଣ ଜାହାଜରେ ଆର୍ଜେଣ୍ଟିନାରୁ ଦୀର୍ଘ ତେତିଶ ଦିନ ବ୍ୟାପୀ ଏକ ଜଳ ଅଭିଯାନରେ ବାହାରିଲେ। ଏହି ଅଭିଯାନର ନାମ ଥିଲା "ଆଟଲାଣ୍ଟିକ୍ ଓଡିଶି" (ଇଗ୍ଦ୍ୱକ୍ଷବଭସବ୍ମମ ଙ୍ୟଚଗ୍ଦ୍ୱଗ୍ଦ୍ୱରଚ)। ଏହି ସମୁଦ୍ର ଯାତ୍ରାର ଲକ୍ଷ୍ୟ ରହିଥିଲା ଆଣ୍ଟାର୍କଟିକାରୁ ଆର୍କଟିକ୍ ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିବା। ଏହା ମଧ୍ୟରେ ଜାହାଜଟି ଦକ୍ଷିଣ ଜର୍ଜିଆ, ସେଣ୍ଟ ହେଲେନା ମଧ୍ୟରେ ସାମୟିକ ଅବସ୍ଥାନ କରି ପରିଶେଷରେ କେପ୍ ଭର୍ଡ୍‌ରେ ଏହାର ଯାତ୍ରା ସମାପ୍ତ କରିବ ବୋଲି ଯୋଜନା ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଏହି ଅଭିଯାନ ଯେ ଏହାର ଯାତ୍ରୀମାନଙ୍କ ପାଇଁ ଏକ ଭୟାବହ ବିପଦ ଡାକି ଆଣିବ, ଏହା କିଏ ବା କଳ୍ପନା କରିଥିଲା! ଯାତ୍ରୀମାନଙ୍କ ମଧ୍ୟରୁ କିଛିଜଣ ବିପଜ୍ଜନକ ଭାବରେ ଶ୍ୱାସଜନିତ ଅସୁସ୍ଥତାରେ ପୀଡ଼ିତ ହୋଇ ପଡ଼ିଲେ ଓ ତନ୍ମଧ୍ୟରୁ ତିନିଜଣ ମୃତ୍ୟୁବରଣ କଲେ। ପରିଶେଷରେ ଏହା ହାନ୍ତା ଭାଇରସ୍‌ର ସଂକ୍ରମଣ ଯୋଗୁଁ ହୋଇଛି ବୋଲି ଜଣାପଡ଼ିଲା। ପ୍ରଥମ ମୃତ୍ୟୁଟି ଏପ୍ରିଲ ଏଗାର ତାରିଖରେ ହେଲା, ଏହାର କାରଣ କିନ୍ତୁ ଚିହ୍ନଟ ହୋଇପାରିଲା ନାହିଁ। ଏହାପରେ କ୍ରମାଗତ ଭାବେ ଅଧିକ ଲୋକ ସମାନ ଲକ୍ଷଣ ଧରି ଅସୁସ୍ଥ ହୋଇ ପଡ଼ିବାରୁ, ଏହି ସଂକ୍ରମଣ ବିଷୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ମଇ ଦୁଇ ତାରିଖରେ ଅବଗତ କରାଗଲା। ଯଦିଓ ଏହି ସଂକ୍ରମଣଟି ଜାହାଜ ମଧ୍ୟରେ ସୀମିତ ରହିଥିଲା, ଏହାର ଯାତ୍ରୀ ଓ କର୍ମକର୍ତ୍ତା କିନ୍ତୁ ତେଇଶଟି ଦେଶରୁ ଆସିଥିଲେ ଓ ଚଉତିରିଶ ଜଣ ମହାମାରୀ ଚିହ୍ନଟ ହେବା ପୂର୍ବରୁ ଜାହାଜରୁ ଓହ୍ଲାଇ ସାରିଥିଲେ। ତେଣୁ ସମଗ୍ର ବିଶ୍ୱରେ ଏହା ବ୍ୟାପିବାର ଏକ ଭୟ ସୃଷ୍ଟି କରିଥିଲା। ସମୁଦାୟ ତେର ଜଣ ଚିହ୍ନଟ ରୋଗୀଙ୍କ ମଧ୍ୟରୁ ତିନିଜଣଙ୍କର ମୃତ୍ୟୁ ଘଟିଛି। ତେର ଜଣଙ୍କ ମଧ୍ୟରୁ ନଅ ଜଣ ହାନ୍ତା ଭାଇରସ୍‌ର "ଆଣ୍ଡିଜ୍" ପ୍ରଜାତିଦ୍ୱାରା ଆକ୍ରାନ୍ତ ବୋଲି ନିଶ୍ଚିତ କରାଯାଇଛି। ଯେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ସଂକ୍ରମଣ ବିଷୟରେ ସଜ୍ଞାନ ନେଲେଣି ଅର୍ଥାତ୍ ମଇ ଦୁଇ ତାରିଖ, ସେବେଠାରୁ ଆଉ କୌଣସି ମୃତ୍ୟୁ ହୋଇନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ତ୍ୱରିତ ପଦକ୍ଷେପ ନେବା ପୂର୍ବକ ନିଜର ବିଶେଷଜ୍ଞ ଦଳକୁ ଜାହାଜକୁ ପଠାଇଥିଲେ ଓ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ନିୟାମକ ଅନୁଯାୟୀ ଯାତ୍ରୀମାନଙ୍କୁ ଜାହାଜରୁ ଅବତରଣ କରାଇଥିଲେ। ଏହି ନିୟାମକ ଅନୁଯାୟୀ ସବୁଠାରୁ ପାଖରେ ଥିବା ବନ୍ଦର ଯେଉଁଠାରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସୁବିଧାର ବ୍ୟବସ୍ଥା ଅଛି, ଯାତ୍ରୀମାନଙ୍କୁ ସେହିଠାରେ ହିଁ ଅବତରଣ କରାଯିବ। ଏହି ପରିପ୍ରେକ୍ଷୀରେ ସ୍ପେନର "ଟେନେରିଫ" ବନ୍ଦର ସବୁ ସର୍ତ୍ତାବଳୀକୁ ପୂରଣ କରୁଥିବାରୁ ଯାତ୍ରୀ ଅବତରଣ ସକାଶେ ସେହି ବନ୍ଦରକୁ ବଛାଯାଇଥିଲା। ଏହି ପରିସ୍ଥିତି ଉପରେ ମତ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ "ଟେଡ୍ରୋସ୍ ଆଧାନୋମ୍" ସେତେବେଳେ କହିଥିଲେ, ହାନ୍ତା ଭାଇରସ୍ ସଂକ୍ରମଣ ବୃହତ୍ତର ଆକାର ଧାରଣ କରିବାର କୌଣସି ସମ୍ଭାବନା ସେମାନେ ଦେଖୁନାହାନ୍ତି ଓ ଏହା ମଧ୍ୟ ଅନ୍ୟ ଗୋଟିଏ କୋଭିଡ୍ ନୁହେଁ। ଆହୁରି ମଧ୍ୟ ସେ କହିଥିଲେ କି, ଯଦିଓ ଏହି ଭାଇରସ୍‌ର ବର୍ତ୍ତମାନ ସମୟରେ ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅତ୍ୟନ୍ତ ସୀମିତ, କିନ୍ତୁ ସ୍ଥିତି ଭବିଷ୍ୟତକୁ ବଦଳିପାରେ। ଏହାର



କାରଣ ମଣିଷ ଶରୀରରେ ଭାଇରସଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାର ସମୟ ପାଖାପାଖି ବୟାଳିଶ ଦିନ। ଯେଉଁ ଯେଉଁ ଦେଶମାନଙ୍କୁ ପର୍ଯ୍ୟଟକମାନେ ଜାହାଜରୁ ଓହ୍ଲାଇ ଯାଇଛନ୍ତି, ସେହି ଦେଶଗୁଡ଼ିକର କର୍ତ୍ତବ୍ୟ ହେଉଛି ସମ୍ପୃକ୍ତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟକୁ ସବିଶେଷ ଅନୁଧ୍ୟାନ କରିବା। ଉପରୋକ୍ତ ଜାହାଜରେ ଭାରତର ମଧ୍ୟ ଦୁଇଜଣ ପର୍ଯ୍ୟଟକ ଥିଲେ, ସେମାନଙ୍କୁ ନେଦରଲ୍ୟାଣ୍ଡରେ ଅବତରଣ କରାଗଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ ଭାଇରସ୍‌ରୁ ମୁକ୍ତ ବୋଲି ଜଣାପଡ଼ିଲେ।

ହାନ୍ତା ଭାଇରସ୍ "ଅର୍ଥୋହାନ୍ତାଭାଇରସ୍" ପରିବାରର ଅନ୍ତର୍ଭୁକ୍ତ ଅଟେ, ଯେଉଁଥିରେ ଆହୁରି କୋଡ଼ିଏଟି ଭାଇରସ୍ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଭାଇରସ୍ ସୃଷ୍ଟି କରୁଥିବା ରୋଗର ନାମ ହେଉଛି "ହାନ୍ତା ଭାଇରସ୍ କାର୍ଡ଼ିଓ ପୁଲମୋନାରୀ ସିଣ୍ଡ୍ରୋମ୍" । ବର୍ତ୍ତମାନ ସମୟରେ ଏହି ରୋଗ ପାଇଁ କୌଣସି ଆଣ୍ଟିଭାଇରାଲ ଔଷଧ ଉପଲବ୍ଧ ନାହିଁ। ହାନ୍ତା ଭାଇରସ୍ ପଶୁଠାରୁ ମଣିଷକୁ ବ୍ୟାପିଥାଏ। ଯେଉଁ ପଶୁମାନେ ଏହି ଭାଇରସ୍‌ର ସଂକ୍ରମଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି, ସେମାନେ ହେଉଛନ୍ତି "ରୋଡେଣ୍ଟ" (ମୂଷା, ଗୁଣ୍ଡୁଚି ଇତ୍ୟାଦି)। ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ମୂଷା ଆଦିଙ୍କର ମଳ, ମୂତ୍ର, ଲାଳ ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଶରୀରକୁ ଭାଇରସଟିର ପ୍ରବେଶ ଘଟେ। ଏହାର ଅନ୍ୟ ଗୋଟିଏ ପ୍ରଜାତି ଯାହାର ନାମ ହେଉଛି "ଆଣ୍ଡିଜ୍", ମଣିଷ-ମଣିଷ ମଧ୍ୟରେ ବ୍ୟାପିବାର ସାମର୍ଥ୍ୟ ରଖିଛି, ଯାହାକି ଜାହାଜରେ ଦେଖାଯାଇଥିଲା।

ଜାହାଜରେ ହୋଇଥିବା ସଂକ୍ରମଣରୁ ଏହା ସନ୍ଦେହ କରାଯାଉଛି କି, ଏହା ଜନୈକ ଡଚ୍ ଦମ୍ପତିଙ୍କଠାରୁ ଅନ୍ୟମାନଙ୍କୁ ବ୍ୟାପିଅଛି। ଉକ୍ତ ଦମ୍ପତି ଆର୍ଜେଣ୍ଟିନାଠାରେ ଗୋଟିଏ ନେଚର କ୍ୟାମ୍ପରେ ଯୋଗ ଦେଇଥିଲେ ଓ ସେହିଠାରେ ହିଁ ସେମାନେ ସଂକ୍ରମିତ ମୂଷା ଜାତୀୟ ଜନ୍ତୁଙ୍କର ମଳ, ମୂତ୍ର ଆଦିର ସଂସ୍ପର୍ଶରେ ଆସିଛନ୍ତି ବୋଲି ଆଶଙ୍କା କରାଯାଉଛି। ହାନ୍ତା ଭାଇରସ୍‌ର ଆର୍ବିଭାବ, କୋଭିଡ୍‌ର ଦ୍ୱିତୀୟ ସଂକ୍ରମଣ (ଝରମକ୍ଷଭୟ ଡବଙ୍ଗର) ର ପାଞ୍ଚବର୍ଷ ପୂର୍ତ୍ତି ସମୟରେ ହୋଇଅଛି ଓ ଏହା କୋଭିଡ୍ ସମୟରେ ବ୍ୟବହୃତ ହେଉଥିବା ଶବ୍ଦ ଯେପରିକି କ୍ୱାରାଣ୍ଟାଇନ୍, କଣ୍ଟାକ୍ଟ ଟ୍ରେସିଂକୁ ମନେପକାଇ ଦେଇଛି। କୋଭିଡ୍ ପରେ ମଧ୍ୟ ବିଶ୍ୱ ବିଭିନ୍ନ ସମୟରେ ଭୟଙ୍କର ଭାଇରସ୍ ସଂକ୍ରମଣକୁ ସାମନା କରିଛି, ସେଗୁଡ଼ିକ ହେଉଛନ୍ତି, "ଏମ୍‌ପକ୍ସ", "ଏଚ.ଫାଇଭ୍ ଏନ୍.ୱାନ୍", "ମାରବର୍ଗ ଭାଇରସ୍" ଓ ଭାରତ ବାଙ୍ଗଲାଦେଶରେ "ନିପା ଭାଇରସ୍"।

କୋଭିଡ୍ ଅନୁଭବ ଏହା ଦର୍ଶାଉଛି କି ଯେକୌଣସି ଭାଇରସ୍‌କୁ ଅବହେଳା ଓ ଏହାର ସଂକ୍ରମଣକୁ ଉପେକ୍ଷା କଲେ, ପରବର୍ତ୍ତୀ ସମୟରେ ଯଦି ଏହା ମହାମାରୀକୁ ପରିବର୍ତ୍ତିତ ହୁଏ, ତେବେ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼େ। ବିଭିନ୍ନ ଗବେଷଣା ଏହା ମଧ୍ୟ ସୂଚାଉଛି କି ଏବେ ମଧ୍ୟ ବିଶ୍ୱ, ଭାଇରସ ଜନିତ ମହାମାରୀକୁ ସାମନା କରିବା ପାଇଁ ଠିକ୍ ଭାବରେ ପ୍ରସ୍ତୁତ ହୋଇନାହିଁ। ପରିବେଶ ପରିବର୍ତ୍ତନ ଓ ମଣିଷର ଗତିଶୀଳତାରେ ବୃଦ୍ଧି ଯୋଗୁଁ ଏହା ଆଶଙ୍କା କରାଯାଉଛି କି ମଣିଷ ସମାଜ ଭବିଷ୍ୟତରେ ଆହୁରି ଅନେକ ରୋଗକୁ ସାମ୍ନା କରିବ, ଯେଉଁ ରୋଗର ଉତ୍ପତ୍ତି ବନ୍ୟଜନ୍ତୁ ମାନଙ୍କଠାରେ ହୋଇଥାଏ। ଅରଣ୍ୟ ଧ୍ୱଂସ ଓ ଅରଣ୍ୟରେ ମନୁଷ୍ୟର କାର୍ଯ୍ୟକଳାପ, ମୂଷା ଜାତୀୟ ଜୀବମାନଙ୍କର ସଂଖ୍ୟା ଓ ଜୀବନଚକ୍ରକୁ ପ୍ରଭାବିତ କରୁଛି ଏବଂ ସେମାନଙ୍କଠାରେ ଦେଖାଯାଉଥିବା ରୋଗ (ଯେପରିକି ହାନ୍ତା)ର ବ୍ୟାପିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ପାଖାପାଖି ୬ ପ୍ରକାରର "ରୋଡେଣ୍ଟ" ହାନ୍ତା ଭାଇରସ୍‌କୁ ଧାରଣ କରିବାର କ୍ଷମତା ରଖିଛନ୍ତି ଓ କୋଭିଡ୍ ଭଳି ମହାମାରୀ ସୃଷ୍ଟି କରିବା ପାଇଁ ହାନ୍ତାର ଶକ୍ତି ରହିଛି।

ହାନ୍ତା ଭାଇରସ୍ ବିଶ୍ୱକୁ ଆଉଥରେ ଚେତାଇ ଦେଇଛି କି ମଣିଷର ସ୍ୱାସ୍ଥ୍ୟ, ପରିବେଶ ଓ ଜୀବଜନ୍ତୁ ମାନଙ୍କର ସ୍ୱାସ୍ଥ୍ୟଠାରୁ ଅଭିନ୍ନ। ଜଳବାୟୁ ପରିବର୍ତ୍ତନ, ଅରଣ୍ୟଧ୍ୱଂସ, ସଘନ କୃଷି ଆଦି ମଣିଷ ଓ ଜୀବଜନ୍ତୁଙ୍କୁ ପରସ୍ପରର ନିକଟତର କରାଉଛି ଓ ବିଭିନ୍ନ ଭାଇରସ୍ ମାନଙ୍କର ସଂକ୍ରମଣ ଲାଗି ସୁଯୋଗ ସୃଷ୍ଟି କରୁଛି। ଜୀବଜନ୍ତୁ ମାନଙ୍କଠାରେ ଦେଖାଯାଉଥିବା ଭାଇରସ୍‌ର ନିୟନ୍ତ୍ରଣ ପାଇଁ ପରିବେଶ ଓ ଅରଣ୍ୟର ଉପଯୁକ୍ତ ସଂରକ୍ଷଣ ଏକ ସୁଦୃଢ଼ ଓ ଯୁଗାନ୍ତକାରୀ ପଦକ୍ଷେପ ଓ ଏହାକୁ ପ୍ରମାଣିତ କରିଛନ୍ତି ବ୍ରାଜିଲର ବୈଜ୍ଞାନିକଗଣ। ସେମାନେ ବ୍ରାଜିଲର ଆଟଲାଣ୍ଟିକ ଜଙ୍ଗଲରେ ହାନ୍ତା ଭାଇରସ୍‌କୁ ଧାରଣ କରୁଥିବା କିଛି "ରୋଡେଣ୍ଟ" ମାନଙ୍କ ଉପରେ ଗବେଷଣା କରି, ଏହି ମତପ୍ରକାଶ କରିଛନ୍ତି କି, ଜଙ୍ଗଲକୁ ସଂରକ୍ଷଣ କଲେ ହିଁ, ହାନ୍ତା ଭାଇରସ୍‌ର ବ୍ୟାପିବାକୁ ନିୟନ୍ତ୍ରଣ କରାଯାଇପାରିବ। ଯେହେତୁ ଆମ ଦେଶରେ ସହରୀକରଣ, ଅରଣ୍ୟଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଆଦି ଦ୍ରୁତ ଗତିରେ ହେଉଛି ତେଣୁ ଆମେ ଭାରତକୁ ହାନ୍ତା ଭାଇରସ୍‌ର ସଂକ୍ରମଣ ନିମନ୍ତେ ହଟ୍‌ସ୍ପଟ୍ ବୋଲି ବିଚାର କରିପାରିବା। କୋଭିଡ୍ ପରେ ଭାରତ ସରକାର "ନ୍ୟାସନାଲ ୱାନ ହେଲ୍‌ଥ ମିସନ୍" ପ୍ରଣୟନ କରିଥିଲେ ୨୦୨୨ ମସିହାରେ। ଏହାର ଲକ୍ଷ୍ୟ ଥିଲା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟର ମିଳିତ, ସମନ୍ୱିତ ବିକାଶ। ପରବର୍ତ୍ତୀ ସମୟରେ ଏହାକୁ କେନ୍ଦ୍ର କରି "ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାନ୍ ହେଲ୍‌ଥ" ମଧ୍ୟ ନାଗପୁରରେ ସ୍ଥାପିତ ହେଲା। ଏହି ସଂସ୍ଥାନର ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରାଣୀଜାତ ରୋଗର ଦୃଢ଼ ସର୍ବେକ୍ଷଣ, ପ୍ରାଥମିକ ସତର୍କତା ବ୍ୟବସ୍ଥା, ଉନ୍ନତ ଭିତ୍ତିଭୂମି ଓ ଗବେଷଣା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା। ଭବିଷ୍ୟତ ପାଇଁ ଏହା ଏକ ଭଲ ପଦକ୍ଷେପ।

**ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର ମୋବାଇଲ୍‌ଃ୮୧୪୪୦୪୨୯୯୭**

# ପରଂବ୍ରହ୍ମଙ୍କ ନିମଦାରୁ ମୂର୍ତ୍ତିର ମହତ୍ତ୍ୱ



ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ

ଧର୍ମ ଦିଗରୁ ଜଗନ୍ନାଥ ଯେପରି ଶ୍ରେଷ୍ଠ ଦେବତା - ଜଗତର ନାଥ, ସାମାଜିକତା ଦୃଷ୍ଟିରୁ ସେ ଯେପରି ଦୀନ ଜନତାର ବନ୍ଧୁ- ଦୀନବନ୍ଧୁ ଓ ଜଗବନ୍ଧୁ, ସାମ୍ପ୍ରତିକ ଆନ୍ତର୍ଜାତିକ ବିଚାରରେ ସେ ସେହିଭଳି ବିଶ୍ୱ ଭାତୃତ୍ୱର ପ୍ରତୀକ। ଅନ୍ୟ କୌଣସି କାଷ୍ଠରେ ନିର୍ମିତ ନ ହୋଇ ଠାକୁରଗଣ ନିମ କାଷ୍ଠରେ ନିର୍ମିତ ହେବା ଏହି ବିଶ୍ୱ ଭ୍ରାତୃତ୍ୱର ସଙ୍କେତ ବହନ କରେ। କାରଣ ନିମକାଷ୍ଠ, ମୈତ୍ରୀ ପ୍ରୀତିର ପ୍ରତୀକ। ମଳୟ ସ୍ପର୍ଶରେ ଏହା 'ମହାସୌରଭ' ବିତରଣ କରିଥାଏ ଏବଂ ଏହା ଯେତିକି ପୁରୁଣା ହୁଏ, ସେତିକି ମଧୁର ସ୍ୱାଦଯୁକ୍ତ ହୁଏ। ଗୀତାର ପୁରୁଷୋତ୍ତମ ଯୋଗ, ଶାବରତନ୍ତ୍ର ଓ ରାଧିକା ସହସ୍ରନାମ ପ୍ରଭୃତି ପ୍ରାଚୀନ ଶାସ୍ତ୍ରରୁ ନିମଦାରୁର ଶ୍ରେଷ୍ଠତ୍ୱ ପ୍ରତିପାଦିତ। ଏହା ପ୍ରୀତିପ୍ରଦ ମୈତ୍ରୀବୃକ୍ଷ ତଥା 'ଦେବଦାରୁ' ରୂପେ ଗୃହୀତ। ଏହି ପ୍ରୀତିପ୍ରଦାୟକ ନିମଦାରୁ ବିଶ୍ୱ ମୈତ୍ରୀର ସଙ୍କେତ ବହନ କରେ।



ରୂପ ଓ ଅରୂପ, ସଗୁଣ ବ୍ରହ୍ମ ଓ ନିର୍ଗୁଣ ବ୍ରହ୍ମ ଏବଂ ସାକାର ଓ ନିରାକାର ସମ୍ଭୂତ ଅଚିନ୍ତ୍ୟ ରୂପ ଓ ବିଚିତ୍ର ଆକୃତସମ୍ପନ୍ନ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କ ମୂର୍ତ୍ତିରୂପରେ ତାତ୍ତ୍ୱିକ ମହତ୍ତ୍ୱ ବାସ୍ତବିକ ଅତି ରହସ୍ୟମୟ। ସେ 'ନିରାକାର ଜ୍ୟୋତିର୍ମୟ', ସେ 'ସହସ୍ରାଶୀର୍ଷା ବିରାଟ ପୁରୁଷ', 'ଯଜ୍ଞ-ନୃସିଂହ' (ଯଜ୍ଞେଶ୍ୱର ବା ଯଜ୍ଞ ପୁରୁଷ), ନୀଳାଖ୍ୟ ମୂର୍ତ୍ତି ବା ନୀଳମାଧବ। ପ୍ରାଚୀନ କାଳରେ ପ୍ରଥମାବସ୍ଥାରେ ନିର୍ଗୁଣ ଓ ନିରାକାର ଜ୍ୟୋତିର୍ମୟ, ବ୍ରହ୍ମ ଯେତେବେଳେ ମୁନି, ଋଷି, ଅବତାରୀ ପୁରୁଷ ଓ ଦେବତାମାନଙ୍କ ଦ୍ୱାରା ଉପାସିତ ହେଉଥିଲେ, ସେ ସମୟରେ ସେହି ନାରାୟଣ ଜ୍ୟୋତି ଅପୌରୁଷେୟ ପରଂବ୍ରହ୍ମଙ୍କ କୌଣସି ରୂପ ବା ଆକୃତି ନଥିଲା କିମ୍ବା କୌଣସି ମନ୍ଦିରର ଗମ୍ଭୀରା ବା ଦେଉଳ ମଧ୍ୟରେ ସ୍ଥାପିତ ହୋଇନଥିଲେ। ସେ ଥିଲେ କେବଳ ଜ୍ୟୋତିର୍ମୟ, ଏକ ଜ୍ୟୋତିଃ ପ୍ରକାଶନ ବସ୍ତୁ। ତାଙ୍କୁ ଜ୍ୟୋତି ପ୍ରକାଶେ। ଭଗବାନ ସାକ୍ଷାତ ନାରାୟଣ ପ୍ରଭୁ' ରୂପେ ଗ୍ରହଣ କରାଯାଉଥିଲା।

ଶ୍ରୀଜୀଉମାନଙ୍କର ଯେଉଁ ନବକଳେବର ଅନୁଷ୍ଠିତ ହୁଏ, ତାହା ସାଧାରଣ ନିମଦାରୁରେ ହୋଇନଥାଏ। ସେଥିପାଇଁ କାକଟପୁର ମଙ୍ଗଳାଙ୍କ ସ୍ୱପ୍ନାଦେଶ ପ୍ରକାରେ ବିଶେଷ ନିମ ବୃକ୍ଷର ସନ୍ଧାନ କରିବାକୁ ପଡ଼ିଥାଏ, ଯେମିତି ତାହା ଚତୁର୍ଶାଖ ବିଶିଷ୍ଟ ହୋଇଥିବ, କୌଣସି ମଠ, ମନ୍ଦିର, ଉଈହୁଙ୍କା, ନଦୀ, ଶ୍ମଶାନ ବା ସର୍ପବିଳ ନିକଟରେ ଥିବ, ମଧ୍ୟମାଙ୍ଗୁଷ୍ଠରେ ଅନ୍ୟୁନ ୯୬ ଯବମାପର ପ୍ରାୟ ଅଢ଼େଇ ମିଟର ଚୌରସ ହୋଇଥିବ, ଅନ୍ୟ ବୃକ୍ଷର ଡାଳ ସ୍ପର୍ଶ କରିନଥିବ, ବଜ୍ରାଘାତ, ଅସ୍ତ୍ରାଘାତ ବା ପକ୍ଷୀବସା ନଥିବ ଏବଂ ଶଙ୍ଖ, ଚକ୍ରାଦି ଦିବ୍ୟ ସଙ୍କେତ ଦୃଶ୍ୟମାନ ହେଉଥିବ। ବନଯାଗ ଓ ପୂଜା ପ୍ରକରଣାଦି ପରେ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ ଲୌହ କୁରାଢ଼ି ଦ୍ୱାରା ଛେଦନ କରି ବର, ତିନ୍ତୁଳି ବା କେନ୍ଦୁ କାଷ୍ଠରେ ନିର୍ମିତ ସ୍ୱତନ୍ତ୍ର ଶଗଡ଼ରେ ତାହା ମନୁଷ୍ୟଙ୍କ ଦ୍ୱାରା ଟଣାଯାଇ ଅଣାଯାଇଥାଏ। ପରେ ବିଧିମୁତାବକ ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନଙ୍କର ୮୪ ଯବ ଉଚ୍ଚତା ବିଶିଷ୍ଟ ଓ ସୁଭଦ୍ରାଙ୍କର ସାଢ଼େ ୫୨ ଯବ ଉଚ୍ଚ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ଜଗନ୍ନାଥଙ୍କ ରୂପ ଚକ୍ରାକୃତି, ବଳରାମଙ୍କ ଶଙ୍ଖାକୃତି, ସୁଭଦ୍ରାଙ୍କର ପଦ୍ମାକୃତି ଓ ସୁଦର୍ଶନଙ୍କର ଗଦାକୃତି ତଥା ବସ୍ତ୍ର, ନେତ, ଅର୍କ, ଚନ୍ଦନାଦି ଉପକରଣ ଅସ୍ଥି, ଚର୍ମ, ରକ୍ତ, ମାଂସ ଓ ମଜ୍ଜାର ପ୍ରତୀକ ରୂପେ ଗୃହୀତ।

ଆମର ଜୀବ ଓ ଜଡ଼ ଜଗତ ଯେ ଅଦୃଶ୍ୟ ବ୍ରହ୍ମର ପ୍ରକାଶ୍ୟ ଶକ୍ତିରୂପ ଏବଂ ବ୍ରହ୍ମ ଓ ବ୍ରାହ୍ମଣ୍ଡ ମଧ୍ୟରେ ଆତ୍ମା ଓ ଶରୀରର ସମ୍ପର୍କ ନିହିତ, ଏହା ହିଁ ଦାରୁମୟ ପରଂବ୍ରହ୍ମଙ୍କ କିୟାତ୍ମକ ଓ ନିୟାମକ ଶକ୍ତି ତଥା ସୃଷ୍ଟିର ଗତିଶୀଳତାର ପରିଚାୟକ। ଏଥିପାଇଁ, ଶ୍ରୀକ୍ଷେତ୍ର ବ୍ରହ୍ମବାଦୀଙ୍କର ବୈକୁଣ୍ଠ, ସାଧୁ ସନ୍ଥଙ୍କର ଲୀଳାଭୂମି, ସିଦ୍ଧ ସାଧକଙ୍କ ତପୋସ୍ଥଳ, ସମସ୍ତ ସମ୍ପ୍ରଦାୟର ଭକ୍ତଜନଙ୍କର ଶ୍ରେଷ୍ଠ ତୀର୍ଥକ୍ଷେତ୍ର। ସର୍ବୋପରି, ସଂସାରୀମାନଙ୍କର ଏହା ପ୍ରିୟ ଶ୍ରଦ୍ଧାଧାମ, ମୋକ୍ଷ ମାର୍ଗର ମୁଖ୍ୟଦ୍ୱାର। ସ୍କନ୍ଦ ପୁରାଣ ଭାଷାରେ - 'ଦେବଦେବ ଜଗନ୍ନାଥ ସର୍ବତୀର୍ଥ ପ୍ରବର୍ତ୍ତକଃ, ସର୍ବତୀର୍ଥମୟଶ୍ଚାପି ସର୍ବଦେବମୟ ପ୍ରଭୋ। କିଂ ବ୍ରତେ କିଂ ତପୋଦାନେ କିଂ କୃଚ୍ଛେ କ୍ରତୁଭିସ୍ତଥା, କିମଷ୍ଟାଙ୍ଗ ଯୋଗେନ କିଂ ସାଂଖ୍ୟେନ ପରେଣଚ, ତୀର୍ଥରାଜ ଜଳେ ସ୍ନାତ୍ୱା କ୍ଷେତ୍ର ଶ୍ରୀ ପୁରୁଷୋତ୍ତମେ, ନ୍ୟଗ୍ରୋଧମୂଳ ବସତୋ ବସନ୍ତ ଧର୍ମଚକ୍ଷୁଷା, ଦୃଷ୍ଟ୍ୱା ଦାରୁମୟ ବ୍ରହ୍ମଂ ଦେହବନ୍ଧାତ ପ୍ରମୁଚ୍ୟତେ।' ଏହାର ସାରମର୍ମ ହେଲା - ଶ୍ରୀଜଗନ୍ନାଥ ସର୍ବଦେବମୟ, ସେ ଦେବତାମାନଙ୍କର ଦେବତା, ସେ ସର୍ବତୀର୍ଥ ପ୍ରବର୍ତ୍ତକ, ସର୍ବତୀର୍ଥମୟ। ଏଣୁ ରୋଗ, ଶୋକ, ସନ୍ତାପ ଜର୍ଜରିତ ସଂସାର ସାଗରରେ ଉବୁଟୁବୁ ହେଉଥିବା ପ୍ରାଣୀଗଣ ଏହି ଚିରବସନ୍ତ ବିରାଜତି ମର୍ତ୍ତ୍ୟର ଅମରାବତୀ ଧାମରେ ସରିତ, ସାଗର, ସରୋବର ସର୍ବତ୍ର ପରିବ୍ୟାପ୍ତ ପବିତ୍ର ତୀର୍ଥଜଳରେ ସ୍ନାନ ପୂର୍ବକ ସ୍ୱଚକ୍ଷୁରେ ଦାରୁମୟ ବ୍ରହ୍ମଙ୍କୁ ଅବଲୋକନ କରି ଦୈହିକ ବନ୍ଧନରୁ ଅକ୍ଳେଶରେ ମୁକ୍ତିଲାଭ କରିପାରିବେ। ଏଥିପାଇଁ ଜପ, ତପ, ଧ୍ୟାନ, ଧାରଣା, ଦାନ, ଯୋଗାସନ, ବ୍ରତୋପାସନାଦି କୃଚ୍ଛ ସାଧନାର କୌଣସି ପ୍ରୟୋଜନ ନାହିଁ। ଏଥିପାଇଁ ଭକ୍ତକବି ରାମଦାସ 'ଦାର୍ଢ୍ୟତାଭକ୍ତି ରସାମୃତ'ରେ ଭକ୍ତ ରଘୁଦାସ ପ୍ରସଙ୍ଗରେ ଲେଖିଛନ୍ତି - 'ଧୂଳିଆ ପହଣ୍ଡେ ଦର୍ଶନ। କଲା ସେ ପ୍ରଭୁ ଭଗବାନ।। ବୋଇଲା ଆହେ ମହାବାହୁ। ଶରଣ ପଞ୍ଜର ବୋଲାଉ।। ତୋ ରୂପ କରିବି ଦର୍ଶନ। ତୋ ନାମ କରିବି ଗାୟନ।।' ଅନ୍ୟତ୍ର, ଭକ୍ତ ବଳରାମ ଦାସଙ୍କ ସମ୍ପର୍କରେ କବିଙ୍କ ଭାଷାରେ ପ୍ରଭୁ ଜଗନ୍ନାଥଙ୍କ ଉକ୍ତି ହେଉଛି - 'ମୋର ଭକତ ଯେଉଁ ଜନ, ମୋହର ନାମ କରେ ଗାନ। ସେ କେବେ ଅଶୁଚି ନୁହଇ, ସର୍ବଦା ଶୁଚିମନ୍ତ ଦେହୀ।' ଏଠାରେ କହିବା ବାହୁଲ୍ୟ ଯେ ଭକ୍ତବତ୍ସଳ ଭଗବାନ ସରିତ-ସାଗର, ଗିରି-କନ୍ଦର, ତରୁଲତା, ପ୍ରାସାଦ-ଉଦ୍ୟାନ ବା ମଠ-ମନ୍ଦିରର ରତ୍ନବେଦୀ ଅପେକ୍ଷା ଭକ୍ତର ହୃଦୟ-ସିଂହାସନରେ ବିରାଜମାନ କରିବା ଲାଗି ସର୍ବଦା ଅଧିକ ଆଗ୍ରହୀ ହୋଇଥାନ୍ତି।

**ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ, ମୋବାଇଲ୍‌ଃ୯୭୭୮୪୪୯୧୧୯**

### ବିଦେଶୀ କଳାଧନ ପାଇଁ ସର୍ବକ୍ଷମା ଯୋଜନା

# କ୍ଷୁଦ୍ର ଟିକସଦାତାଙ୍କୁ ସାଢ଼େ ୪ ମାସ ରିହାତି

**ନୂଆଦିଲ୍ଲୀ,୧୭।୮:** ବିଦେଶରେ ସ୍ୱଳ୍ପ ପରିମାଣର କଳାଧନ ରଖିଥିବା ଭାରତୀୟଙ୍କ ପାଇଁ କେନ୍ଦ୍ର ସରକାର ଚଳିତବର୍ଷ ବଜେଟରେ କରିଥିବା ଘୋଷଣା ମୁତାବକ ଆଜିଠାରୁ କ୍ଷୁଦ୍ର ଟିକସଦାତାଙ୍କ ବିଦେଶୀ ସମ୍ପତ୍ତି-ପ୍ରକାଶ ଯୋଜନା (ଏଫ୍ଏଏସ୍‌ଟି-ଡିଏସ୍) ଆରମ୍ଭ କରିଛନ୍ତି। ବିଦେଶରେ ଥିବା ଅଘୋଷିତ ସମ୍ପତ୍ତି ଘୋଷଣା କରି ବୈଧ କରିନେବାକୁ ଛୋଟ ଛୋଟ ଟିକସଦାତାଙ୍କ ପାଇଁ ଏହି ସର୍ବକ୍ଷମା ଯୋଜନା ଆରମ୍ଭ ହୋଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ପକ୍ଷରୁ ଏଥିପାଇଁ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଅର୍ଥାତ ସାଢ଼େ ୪ ମାସ ଭିତରେ ଏହି ଯୋଜନାର ଲାଭ ଲୋକମାନେ ଉଠାଇ ପାରିବେ। ଯୋଜନା ଅନୁଯାୟୀ, ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅଘୋଷିତ ବିଦେଶୀ ଆୟ ସଂପର୍କରେ ଘୋଷଣା କରାଯାଇ ପାରିବ। ଯେଉଁମାନେ ଅଘୋଷିତ ଆୟ ଘୋଷଣା କରିବେ ସେମାନଙ୍କୁ ୩୦ ପ୍ରତିଶତ ଟିକସ ଦେବାକୁ ହେବ। ଏଥିସହିତ ସମାନ ପରିମାଣର ଅତିରିକ୍ତ ରାଶି




ମଧ୍ୟ ଦେବାକୁ ହେବ। ଅର୍ଥାତ ଅଘୋଷିତ ଆୟର ୬୦ ପ୍ରତିଶତ ଅର୍ଥ ସେମାନଙ୍କୁ ଦେବାକୁ ପଡ଼ିବ। ଏହାବ୍ୟତୀତ ଅନ୍ୟ ଏକ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏଥିରେ ସୁବିଧା ରହିଛି। ୫ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ବିଦେଶୀ ସମ୍ପତ୍ତି ଅର୍ଜନ କରି ଯେଉଁମାନେ ପୂର୍ବରୁ ଟିକସ ପୈଠ କରିଛନ୍ତି, କିନ୍ତୁ ପୂର୍ବରୁ ସେମାନଙ୍କର ଆୟକର ରିଟର୍ଣ୍ଣରେ ସେହି ସମ୍ପତ୍ତି ବିଷୟରେ ଉଲ୍ଲେଖ କରାଯାଇ ନାହିଁ; ଉକ୍ତ ସର୍ବକ୍ଷମା ଯୋଜନାରେ ସେହି କରଦାତାମାନେ ସୁବିଧା ପାଇପାରିବେ। ସେମାନେ ଏକକାଳୀନ ୧ ଲକ୍ଷ ଟଙ୍କା ପ୍ରଦାନ କରି ସେହି ବିଦେଶୀ ସମ୍ପତ୍ତିକୁ ଘୋଷଣା କରିପାରିବେ। ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ବିଦେଶୀ ସମ୍ପତ୍ତିର ବଜାରମୂଲ୍ୟ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନିର୍ଣ୍ଣୟ କରାଯିବ।

ଏହି ଯୋଜନା କେବଳ ନିର୍ଦ୍ଦିଷ୍ଟ ବର୍ଗର ବିଦେଶୀ ସମ୍ପତ୍ତି ଓ ଆୟ ପାଇଁ ଉପଲବ୍ଧ ଏବଂ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ତ୍ତାବଳୀ ଉପରେ ନିର୍ଭରଶୀଳ। ନୂଆ ଯୋଜନା ଅନୁଯାୟୀ ଯେଉଁମାନେ ବୈଧ ଘୋଷଣା କରିବେ ସେମାନଙ୍କୁ ପୁନଶ୍ଚ ଟିକସ, ଜରିମାନା କିମ୍ବା କଳାଟଙ୍କା (ଅଘୋଷିତ ବିଦେଶୀ ଆୟ ଏବଂ ସମ୍ପତ୍ତି) ଏବଂ ଟିକସ ଆଇନ ୨୦୧୫ରୁ ସୁରକ୍ଷା ମିଳିବ। ନୂଆ ଯୋଜନାରେ ଯୋଗ୍ୟ ବିଦେଶୀ ସମ୍ପତ୍ତି ଓ ଆୟକୁ ଟିକସ ପରିସରକୁ ଆଣିବା ସହ ଜରିମାନା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି।

# ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ରାହୁଲ ଗାନ୍ଧିଙ୍କୁ ଆଶ୍ୱସ୍ତି



**ନୂଆଦିଲ୍ଲୀ,୧୭।୮:** କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ସୁପ୍ରିମକୋର୍ଟରୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମିଳିଛି। ସୋମବାର ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ଉଭୟ ଏଜେନ୍ସିକୁ ଅଭିଯୋଗଗୁଡ଼ିକର ତଦନ୍ତ ଏବଂ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କୁ ଅଗଷ୍ଟ ୨୦ ତାରିଖରେ ହେବାକୁ ଥିବା ଶୁଣାଣିକୁ ସ୍ଥଗିତ ରଖିବାକୁ କହିଛନ୍ତି। ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଏହି ମାମଲାରେ ସିବିଆଇ ଏବଂ ଇଡି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାହୁଲଙ୍କ ଆବେଦନର ଏକ କପି ଅଭିଯୋଗକାରୀଙ୍କୁ ଦିଆଯାଉ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଯେଉଁଥିରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନା ମଧ୍ୟ ସାମିଲ ଥିଲେ। ସୁପ୍ରିମକୋର୍ଟ ସିବିଆଇ ଏବଂ ଇଡିକୁ ବର୍ତ୍ତମାନ ପାଇଁ ଏହି ମାମଲାରେ କୌଣସି ରିପୋର୍ଟ ଦାଖଲ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଶୁଣାଣି ସମୟରେ, ସୁପ୍ରିମକୋର୍ଟ ନ୍ୟାୟର ନୀତିଗୁଡ଼ିକ ଉପରେ ଗୁରୁତ୍ୱାରୋପ କରି ଏପରି କାର୍ଯ୍ୟ ନ୍ୟାୟ ଏବଂ ନିରପେକ୍ଷତାର ନୀତି ପାଳନ କରିବା ଆବଶ୍ୟକ ବୋଲି ସୂଚିତ କରିଛନ୍ତି।

# ଭାରତୀୟ ଦେଶଭକ୍ତି ଗୀତରେ ଉଡ଼ିଲା ପାକିସ୍ତାନୀ ପତାକା



**ନୂଆଦିଲ୍ଲୀ, ୧୭।୮:** ଭାରତୀୟ ଦେଶଭକ୍ତି ଗୀତ ବାଜୁଛି। ଆଉ ସେହି ଗୀତର ତାଳେ ତାଳେ ଲହରାଉଛି ପାକିସ୍ତାନୀ ପତାକା! ଦୃଶ୍ୟଟି ଦେଖିଲେ ହୁଏତ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ପାକିସ୍ତାନର ସ୍ୱାଧୀନତା ଦିବସ ଅବସରରେ କିଛି ପାକିସ୍ତାନୀ ଅଭିନେତ୍ରୀଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରଦାର ଭାବେ ଭାଇରାଲ୍ ହେଉଛି। ଭିଡିଓରେ ପାକିସ୍ତାନୀ ପତାକା ହାତରେ ଧରି ଅଭିନେତ୍ରୀମାନେ ଉତ୍ସବ ପାଳନ କରୁଥିବା ବେଳେ ପଛରେ ବାଜୁଛି ଭାରତୀୟ ଦେଶଭକ୍ତି ଗୀତ। ଆଉ ଏହାକୁ ନେଇ ଉଭୟ ଦେଶର ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା ଓ ଟ୍ରୋଲିଂ। ପାକିସ୍ତାନରେ ପ୍ରତିବର୍ଷ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ବା 'ୟୌମ୍-ଏ-ଆଜାଦି' ପାଳନ କରାଯାଏ। ଏହି ଦିନ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତେ ଦେଶପ୍ରେମର ରଙ୍ଗରେ ରଙ୍ଗିଯାଆନ୍ତି। କିନ୍ତୁ ଏଥର କିଛି ପାକିସ୍ତାନୀ ଅଭିନେତ୍ରୀଙ୍କ ଏକ ଭିଡିଓ ନୂଆ ବିବାଦ ସୃଷ୍ଟି କରିଛି ।

# ଡ୍ରଗ୍ ଟେଷ୍ଟରେ ପଜିଟିଭ୍ ଆଉ ଦୁଇ ଏୟାର ଇଣ୍ଡିଆ ପାଇଲଟ୍




**ନୂଆଦିଲ୍ଲୀ, ୧୭।୮:** ଏୟାର ଇଣ୍ଡିଆର ସଙ୍କଟ ଶେଷ ହେବାର ନା ଧରୁନି। ଏୟାର ଇଣ୍ଡିଆର ଏକ ବିମାନ ଟର୍ବୁଲାନ୍ସ ଘଟଣା ପରେ, ପାଇଲଟ୍‌ଙ୍କ ବ୍ୟବସ୍ଥାକୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏବେ ଆଉ ଦୁଇ ଜଣ ପାଇଲଟ୍‌ଙ୍କର ଡ୍ରଗ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି। ଏହି ଦୁଇ ପାଇଲଟ୍‌ଙ୍କ ଚୂଡ଼ାନ୍ତ ପରୀକ୍ଷା ଫଳାଫଳ ଅପେକ୍ଷାରେ ଥିବା ବେଳେ, ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ଡ୍ୟୁଟି ତଥା ଫ୍ଲାଇଟ୍ ରୋଷ୍ଟରରୁ ହଟାଇ ଦିଆଯାଇଛି। ପ୍ରାରମ୍ଭିକ ଡ୍ରଗ୍ ପରୀକ୍ଷାରେ ଦୁଇ ପାଇଲଟ୍‌ଙ୍କର ନମୁନା ପରୀକ୍ଷା ପଜିଟିଭ୍ ଆସିଛି। ଚୂଡ଼ାନ୍ତ ପରୀକ୍ଷଣ ରିପୋର୍ଟ ଆସିବାକୁ ୨୪ ରୁ ୪୮ ଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ଲାଗିପାରେ। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ହିଁ ଦୁଇ ପାଇଲଟ୍‌ଙ୍କ ବିରୋଧରେ ପରବର୍ତ୍ତୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସ୍ପଷ୍ଟ ହେବ। ଇତିମଧ୍ୟରେ ଏୟାର ଇଣ୍ଡିଆରେ କାର୍ଯ୍ୟରତ ୫ ହଜାରରୁ ଅଧିକ ପାଇଲଟ୍‌ଙ୍କ ମଧ୍ୟରୁ ୩୦୦ରୁ ଅଧିକ ପାଇଲଟ୍‌ଙ୍କର ଡ୍ରଗ୍ ପରୀକ୍ଷା କରାଯାଇଛି।

# ସୋସିଆଲ ମିଡିଆରେ 'ଦିମାଗି ନକ୍ସଲ ଜନତା ପାର୍ଟି' ଆକାଉଣ୍ଟ




**ନୂଆଦିଲ୍ଲୀ, ୧୭।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାମ୍ପ୍ରତିକ 'ଦିମାଗି ନକ୍ସଲ' ମନ୍ତବ୍ୟକୁ ନେଇ ରାଜନୈତିକ ବିବାଦ ମଧ୍ୟରେ ସୋସିଆଲ ମିଡିଆରେ 'ଦିମାଗି ନକ୍ସଲ ଜନତା ପାର୍ଟି' (ଡିଏନଜେପି) ନାମରେ ଏକ ନୂଆ ଆକାଉଣ୍ଟ ସାମ୍ନାକୁ ଆସିଛି। ଆକାଉଣ୍ଟ ଗୋଟିଏ ଦିନରେ ୫୭,୦୦୦ ରୁ ଅଧିକ ଫଲୋଅର୍ସ ସଂଗ୍ରହ କରିଛି। ଇନଷ୍ଟାଗ୍ରାମରେ ଏହାର ଲକ୍ଷେରୁ ଅଧିକ ଫଲୋଅର୍ସ ଅଛନ୍ତି। ଉଲ୍ଲେଖନୀୟ ଯେ, ନୂତନ ଭାବରେ ସୃଷ୍ଟି ହୋଇଥିବା ଏହି ଆକାଉଣ୍ଟକୁ ହଜାର ହଜାର ଫଲୋ କରୁଥିବା ଲୋକଙ୍କ ମଧ୍ୟରେ ୟୁଟ୍ୟୁବର ଧ୍ରୁବ ରାଠି ମଧ୍ୟ ଅଛନ୍ତି।ଏହି ଆକାଉଣ୍ଟଟି ବର୍ତ୍ତମାନ କଂଗ୍ରେସ ନେତା ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆପ ନେତା ଅରବିନ୍ଦ କେଜରିୱାଲ, ୟୁଟ୍ୟୁବର ଧ୍ରୁବ ରାଠି, ହାସ୍ୟ ଅଭିନେତା କୁନାଲ କାମରା, ଅଭିନେତା ପ୍ରକାଶ ରାଜ ଏବଂ ଫ୍ୟାକ୍ଟ-ଚେକର ମହମ୍ମଦ ଜୁବୈରଙ୍କ ସମେତ ୧୭ ଆକାଉଣ୍ଟକୁ ଫଲୋ କରୁଛି।

# ହୋଟେଲରେ ଅଗ୍ନିକାଣ୍ଡ, ୭ ଜୀବନ୍ତ ଦଗ୍ଧ

**କୋଲକାତା:** ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ତାରାପୀଠରେ ଏକ ଘରୋଇ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଭିତରେ ଫସି ରହିଥିବା ସାତ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନେକ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନେ ଆଶଙ୍କା କରୁଛନ୍ତି ଯେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ। ବୀରଭୂମ ଜିଲ୍ଲାର ତାରାପୀଠର ପୁଲିସ ଷ୍ଟେସନ ନିକଟରେ ଥିବା ଏକ ହୋଟେଲରେ ଏହି ଘଟଣା ଘଟିଛି।ହ୍ରଦ ନିକଟରେ ଅବସ୍ଥିତ ବିଦିଶିନି ହୋଟେଲର ତଳ ମହଲାରେ ଭୋର ପ୍ରାୟ ସାଢ଼େ ୪ଟା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ବହୁତ ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଆହତମାନଙ୍କୁ ହୋଟେଲରୁ ବାହାର କରାଯାଇ ଚିକିତ୍ସା ପାଇଁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା।



# ଇରାନ ଉପରେ ପରମାଣୁ ପକାଇବ ଆମେରିକା!



**ୱାଶିଂଟନ,୧୭।୮:** ପୂର୍ବତନ ଆମେରିକୀୟ କଂଗ୍ରେସ ମହିଳା ନେତା ମାର୍ଜୋରି ଟେଲର ଗ୍ରୀନ୍ ଦାବି କରିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଉଚ୍ଚସ୍ତରୀୟ ରଣନୀତି ବୈଠକରେ ଇରାନ ବିରୋଧରେ ପରମାଣୁ ଅସ୍ତ୍ରର ସମ୍ଭାବ୍ୟ ବ୍ୟବହାର ବିଷୟରେ ଆଲୋଚନା କରୁଛନ୍ତି। କିନ୍ତୁ ସେ ଏହି ଅଭିଯୋଗକୁ ପ୍ରମାଣିତ କରିବା ପାଇଁ କୌଣସି ପ୍ରମାଣ ପ୍ରଦାନ କରିନାହାନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଗ୍ରୀନ୍ ଲେଖିଛନ୍ତି, ସେମାନେ ରଣନୀତି ବୈଠକରେ ଇରାନ ଉପରେ ପରମାଣୁ ଅସ୍ତ୍ର ବ୍ୟବହାର ବିଷୟରେ ଆଲୋଚନା କରୁଛନ୍ତି। ଏହା ସତ୍ୟ, ମୁଁ ଅନୁମାନ କରୁନାହିଁ। ଇରାନରେ ଆମେରିକାର ସାମରିକ ସମ୍ପୃକ୍ତିକୁ ପୂର୍ବରୁ ସମାଲୋଚନା କରିଥିବା ଗ୍ରୀନ୍ ଚେତାବନୀ ଦେଇ କହିଛନ୍ତି ଯେ, ପରମାଣୁ ଅସ୍ତ୍ରର ଯେକୌଣସି ବ୍ୟବହାର ଏକ ବ୍ୟାପକ ବିଶ୍ୱ ସଂଘର୍ଷ ସୃଷ୍ଟି କରିପାରେ। ସେ ଆମେରିକୀୟମାନଙ୍କୁ ପରମାଣୁ ଅସ୍ତ୍ର ବ୍ୟବହାରକୁ ବିରୋଧ କରିବାକୁ ଅନୁରୋଧ କରି ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। ତାଙ୍କ ପୋଷ୍ଟରେ, ଗ୍ରୀନ୍ ୧୯୪୫ ମସିହାରେ ହିରୋସିମା ଏବଂ ନାଗାସାକିରେ ହୋଇଥିବା ପରମାଣୁ ବୋମା ବିସ୍ଫୋରଣର ଉଦାହରଣ ଦେଇଛନ୍ତି।

### ଆତଙ୍କବାଦ ଉପରେ ଜୋରଦାର ପ୍ରହାର

# ଶାହଜାଦ ଭଟ୍ଟି ନେଟୱର୍କ ଧ୍ୱଂସ, ୨୫୩ ସନ୍ଦିଗ୍ଧ ଅଟକ



**ନୂଆଦିଲ୍ଲୀ,୧୭।୮:** ସ୍ୱାଧୀନତା ଦିବସ ପୂର୍ବରୁ ସୁରକ୍ଷା ଏଜେନ୍ସିଙ୍କ ବଡ଼ ପଦକ୍ଷେପ। ପାକିସ୍ତାନ ସ୍ଥିତ ଗୁପ୍ତଚର ଏଜେନ୍ସି ଆଇଏସଆଇ ସମର୍ଥିତ ଶହଜାଦ ଭଟ୍ଟୀ ନେଟୱର୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ। କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ଅନୁସାରେ , ଦେଶର ୧୪ଟି ରାଜ୍ୟରେ ମିଳିତ ଅଭିଯାନରେ ୨୫୩ ଜଣ ଲୋକଙ୍କୁ ଅଟକ ରଖାଯାଇଛି। ନେଟୱର୍କ ବିରୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୮୦ରୁ ଅଧିକ ଏଫଆଇଆର ରୁଜୁ ହୋଇଛି ଏବଂ ୨୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି।

ଏହି କାର୍ଯ୍ୟାନୁଷ୍ଠାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସୀମାରେ ଆତଙ୍କବାଦ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ଜିରୋ ଟଲରେନ୍ସ ନୀତି ଅନୁସାରେ କରାଯାଇଛି। ଗୃହ ମନ୍ତ୍ରୀ ଏହାକୁ ଆତଙ୍କବାଦ ବିରୁଦ୍ଧରେ ସୁରକ୍ଷା ବାହିନୀର ବଡ଼ ସଫଳତା ବୋଲି କହିଛନ୍ତି।

ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆରେ କହିଛନ୍ତି ଯେ, ସୁରକ୍ଷା ବାହିନୀ ସ୍ୱାଧୀନତା ଦିବସ ପୂର୍ବରୁ ଶହଜାଦ ଭଟ୍ଟି ନେଟୱର୍କକୁ ଧ୍ୱସ୍ତ କରି ତାହାର ସମ୍ଭାବ୍ୟ ଆତଙ୍କୀ ଷଡ଼ଯନ୍ତ୍ରକୁ ବିଫଳ କରି ଦେଇଛନ୍ତି। ସେ ଜଣାଇଛନ୍ତି ଯେ, ୧୪ଟି ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଏକାସାଙ୍ଗେ ଏହି ମିଳିତ ଅଭିଯାନ ଚଳାଯାଇ ଥିଲା। କାର୍ଯ୍ୟାନୁଷ୍ଠାନ ସମୟରେ ଆଇଡି, ପାକିସ୍ତାନୀ ଅସ୍ତ୍ରଶସ୍ତ୍ର କାରଖାନାର ମାର୍କିଂ ଥିବା ଗ୍ରେନେଡ୍, ପିସ୍ତଲ, ଜୀବନ୍ତ କାରତୁସ ଏବଂ ଗୁପ୍ତଚର ବୃତ୍ତି ପାଇଁ ବ୍ୟବହୃତ ହେଉ ଥିବା ସର୍ଭିଲାନ୍ସ କ୍ୟାମେରା ଜବତ କରାଯାଇଛି।

### ଶିବ ମନ୍ଦିରରେ ଦଳାଚକଟା

# ୭ ଶ୍ରଦ୍ଧାଳୁ ମୃତ, ୧୨ରୁ ଊର୍ଦ୍ଧ୍ୱ ଆହତ



**ଲଖିସରାଇ,୧୭।୮:** ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାରରେ ବିହାରର ଲଖିସରାଇ ଜିଲ୍ଲାର ଅଶୋକ ଧାମ ମନ୍ଦିର ପରିସରରେ ଦଳାଚକଟା ଯୋଗୁଁ ୭ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି। ଘଟଣାରେ ୧୨ରୁ ଅଧିକ ଆହତ ହୋଇଛନ୍ତି। ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଶ୍ରଦ୍ଧାଳୁମାନେ ବାବା ଭୋଲେନାଥଙ୍କୁ ଜଳ ଅର୍ପଣ କରିବା ପାଇଁ ମନ୍ଦିରରେ ପହଞ୍ଚିଥିଲେ। ଦଳାଚକଟାରେ ମୃତ୍ୟୁବରଣ କରିଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ମହିଳା ଅଛନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ତୃତୀୟ ସୋମବାର ଦିନ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିବାକୁ ପହଞ୍ଚିଥିଲେ। ଫଳରେ ଦଳାଚକଟା ହୋଇଥିଲା। ଶ୍ରଦ୍ଧାଳୁମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଅନେକ ଲୋକ ତଳେ ଚାପି ହୋଇଯାଇଥିଲେ। ସୂଚନା ପାଇ ପ୍ରଶାସନିକ ଦଳ ଉଦ୍ଧାର କାର୍ଯ୍ୟ ଚଳାଇଛି। ସୋମବାର ସକାଳେ ଅଶୋକ ଧାମରେ ପୂଜା ସମୟରେ ଏକ ଗୁଜବ ପ୍ରଚାରିତ ହୋଇଥିଲା ଯେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି ଏବଂ ବିଦ୍ୟୁତ୍ କରେଣ୍ଟ ଚାର୍ଜ ହୋଇଯାଇଛି। ଯାହା ଫଳରେ ଲୋକମାନେ ବିଦ୍ୟୁତ୍ ଆଘାତରୁ ନିଜକୁ ବଞ୍ଚାଇବା ପାଇଁ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ।

# ବିଜେପି ଛାଡ଼ିଲେ ଶେହଜାଦ ପୁନାୱାଲା



**ନୂଆଦିଲ୍ଲୀ,୧୭।୮:** ଆର୍ଥିକ ଏବଂ ବ୍ୟକ୍ତିଗତ ପରିସ୍ଥିତିକୁ ଦର୍ଶାଇ ବିଜେପିର ଜାତୀୟ ମୁଖପାତ୍ର ଶେହଜାଦ ପୁନାୱାଲା ଦଳ ଛାଡିଛନ୍ତି। ଟିଭି ବିତର୍କରେ ଶାସକ ଦଳର ସବୁଠାରୁ ଅଧିକ ଦୃଷ୍ଟିଗୋଚର ହେଉଥିବା ଚେହେରା ମଧ୍ୟରୁ ଜଣେ ପୁନାୱାଲା କହିଛନ୍ତି ଯେ, ସେ ପ୍ରଥମେ ଜୁଲାଇ ୩୦ ରେ ତାଙ୍କର ଇସ୍ତଫା ପତ୍ର ପଠାଇଥିଲେ, କିନ୍ତୁ ଦଳ ଏହାକୁ ଗ୍ରହଣ କରିନଥିଲା ଏବଂ ନିଷ୍ପତ୍ତିର ପୁନର୍ବିଚାର କରିବାକୁ କହିଥିଲା। କିନ୍ତୁ ଦୀର୍ଘ ଦିନ ଚିନ୍ତା କରିବା ପରେ, ମୁଁ ଏକ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିଛି ଯେ ମୋତେ ଜାତୀୟ ମୁଖପାତ୍ର ଏବଂ ବିଜେପିର ସକ୍ରିୟ ପ୍ରାଥମିକ ସଦସ୍ୟତାରୁ ମୁକ୍ତ କରାଯାଉ।

ଗତ କିଛି ଦିନର ଘଟଣାବଳୀ, କିଛି ବ୍ୟକ୍ତି ବିଶେଷଙ୍କ ସୌଜନ୍ୟରୁ, ଯାହାଙ୍କ ବିଷୟରେ ମୁଁ ଆପଣଙ୍କୁ ବିସ୍ତୃତ ଭାବରେ କହିଛି, ମୋତେ ମୋର ପୂର୍ବ ନିଷ୍ପତ୍ତିକୁ ଦୃଢ଼ କରିବାକୁ ଏବଂ ସମର୍ଥନ କରିବାକୁ ବାଧ୍ୟ କରିଛି। ତେବେ ସେ କାହାର ନାମ ନେଇ ନାହାନ୍ତି। ପୁନାୱାଲା ସୋସିଆଲ ମିଡିଆ ଏକ୍ସରେ ବିଜେପି ସଭାପତିଙ୍କ ନିକଟକୁ ପଠାଇଥିବା ତାଙ୍କର ଇସ୍ତଫା ପତ୍ର ସେୟାର କରି କହିଛନ୍ତି, ଅତ୍ୟନ୍ତ ନମ୍ରତା, ସ୍ନେହ ଏବଂ କୃତଜ୍ଞତାର ସହିତ, ମୁଁ ପୁଣି ଥରେ ବିଜେପି ଏବଂ ନୀତିନ ନବୀନଙ୍କ ନିକଟରେ ମୋର ଇସ୍ତଫା ପ୍ରଦାନ କରୁଛି ଏବଂ ଏହାକୁ ଗ୍ରହଣ କରିବାକୁ ଅନୁରୋଧ କରୁଛି।

# ଟିକ୍‌ଟକ୍ ଷ୍ଟାରଙ୍କୁ ଗୁଳି କରି ହତ୍ୟା

**ଇସଲାମାବାଦ,୧୭।୮:** ପାକିସ୍ତାନର ଜଣେ ଲୋକପ୍ରିୟ ଟିକଟକ ଷ୍ଟାର ଶାମସୁ ବିବି (ଉରଫ ଆୟେଶା ଗିଲାମାନା)ଙ୍କୁ ତକ୍ଷଶିଳାରେ ଅଜ୍ଞାତ ବନ୍ଧୁକଧାରୀ ମୋଟରସାଇକେଲରେ ଆସି ଗୁଳି କରି ହତ୍ୟା କରିଛନ୍ତି। ତାଙ୍କ ବାପାଙ୍କ କହିବା ଅନୁଯାୟୀ, ତାଙ୍କର ଟିକଟକରେ ୧.୩ ନିୟୁତରୁ ଅଧିକ ଫଲୋଅର୍ସ ଥିଲେ। ପୋଲିସ ଅଭିଯୋଗ ଅନୁଯାୟୀ, ଏହି ଘଟଣା ୨୦୨୬ ଅଗଷ୍ଟ ୧୪ ତାରିଖରେ ଘଟିଥିଲା। ୨୮ ବର୍ଷୀୟ ଶାମସୁ ବିବିଙ୍କ ପିତା ଫଜଲ ସାହିବଜାଦା କହିଛନ୍ତି ଯେ କଶିଶ (ଉରଫ କାଶୀ) ନାମକ ଜଣେ ବ୍ୟକ୍ତି ତାଙ୍କ ଝିଅକୁ ଡାକି ଘରୁ ବାହାରକୁ ଆସିବାକୁ କହିଥିଲେ। ଏହା ପରେ, ବିବି ତାଙ୍କ ୧୫ ବର୍ଷୀୟ ଭଉଣୀ ଅସୀମା ଏବଂ ତାଙ୍କ ଭାଇ ନଇମାତୁଲ୍ଲାଙ୍କ ସହିତ ଏକ କାରରେ ବାହାରି ଯାଇଥିଲେ। ପେଟ୍ରୋଲ ପମ୍ପ ନିକଟରେ ନଇମାତୁଲ୍ଲାଙ୍କ ଅନୁଯାୟୀ, ଏକ ମୋଟରସାଇକେଲରେ ଦୁଇଜଣ ଅଜ୍ଞାତ ଲୋକ ସେମାନଙ୍କ କାର ଉପରେ ଗୁଳି ଚଳାଇଥିଲେ।

# ପ୍ରେମିକାକୁ ମାରି ଅଖାରେ ପୂରାଇ ପ୍ରେମିକ ଫେରାର

**ହାଇଦ୍ରାବାଦ,୧୭।୮:** ୧୬ ଅଗଷ୍ଟ ରାତିରେ ହାଇଦ୍ରାବାଦର ବାଲାପୁର ପୋଲିସ ଷ୍ଟେସନ ଅଧୀନରେ ଥିବା ଶାହିନ ନଗରର ବିସମିଲ୍ଲାହ କଲୋନି ଅଞ୍ଚଳରେ ଜଣେ ୨୧ ବର୍ଷୀୟା ମହିଳାଙ୍କୁ ତାଙ୍କ ଲିଭ-ଇନ ପାର୍ଟନର ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ମୃତ ମହିଳାଙ୍କ ନାମ ରେହାନା, ଯେତେବେଳେ ଅଭିଯୁକ୍ତଙ୍କୁ ମହମ୍ମଦ ସଲାମ ବୋଲି ଚିହ୍ନଟ କରାଯାଇଛି। ପୁଲିସ କହିଛି ଯେ ଉଭୟ ବ୍ୟକ୍ତି ବିହାରର ଏବଂ ପ୍ରାୟ ଏକ ବର୍ଷ ଧରି କଲୋନିରେ ଏକାଠି ରହୁଥିଲେ। ଏକ ବ୍ୟକ୍ତିଗତ ପ୍ରସଙ୍ଗକୁ ନେଇ ଦମ୍ପତିଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଝଗଡ଼ା ସମୟରେ ସଲାମ ରେହାନାଙ୍କୁ ଏକ ଛୁରୀରେ ଆକ୍ରମଣ କରି ଘର ଭିତରେ ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ପ୍ରାଥମିକ ସୂଚନାରୁ ଜଣାପଡିଛି ଯେ ରେହାନା ସଲାମଙ୍କୁ ବିବାହ କରିବାକୁ ଚାପ ଦେଉଥିଲେ; କିନ୍ତୁ, ସରକାରୀ ପୋଲିସ ବୟାନ କିମ୍ବା କୋର୍ଟ ଡକ୍ୟୁମେଣ୍ଟ ଦ୍ୱାରା ଏହି ବିବରଣୀ ସ୍ୱାଧୀନ ଭାବରେ ନିଶ୍ଚିତ କରାଯାଇ ନାହିଁ। ଉପଲବ୍ଧ ରିପୋର୍ଟରେ ବିବାଦକୁ ହତ୍ୟାର କାରଣ ଭାବରେ ଦର୍ଶାଯାଇଥିବା ବେଳେ, ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ କାରଣ ଜଣା ପଡିନାହିଁ।

### ସାନଭାଇ ମୃତ୍ୟୁ ଖବର ଶୁଣି ଚାଲିଗଲା ବଡ଼ଭାଇର ଜୀବନ

# ଗୋଟିଏ ଜୁଇରେ ଜଳିଲେ ଦୁଇଭାଇ

**ରାଜସ୍ଥାନ,୧୭।୮:** ସମ୍ପର୍କର ଡୋରି କେତେ ଗଭୀର ହୋଇଥାଏ, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ରାଜସ୍ଥାନର କୋଟା ସ୍ଥିତ ବୋରଖେଡ଼ା ଅଞ୍ଚଳରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି। ସାନ ଭାଇର ମୃତ୍ୟୁ ଖବର ଶୁଣିବା ପରେ ବଡ଼ ଭାଇ ମଧ୍ୟ ମାନସିକ ଆଘାତ ସହି ନପାରି ପ୍ରାଣ ହରାଇଛନ୍ତି। ଅଳ୍ପ ସମୟର ବ୍ୟବଧାନରେ ଗୋଟିଏ ପରିବାରର ଦୁଇ ଭାଇଙ୍କର ଏଭଳି ମୃତ୍ୟୁ ଘଟିବା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସବୁଠାରୁ ମର୍ମସ୍ପର୍ଶୀ ଦୃଶ୍ୟ ସେତେବେଳେ ଦେଖିବାକୁ ମିଳିଥିଲା, ଯେତେବେଳେ ଦୁଇ ଭାଇଙ୍କର ଅନ୍ତିମ ଯାତ୍ରା ଏକାଠି ବାହାରିଥିଲା ଏବଂ ଗୋଟିଏ ଚିତାରେ ଦୁହିଁଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ସୂଚନା ଅନୁଯାୟୀ, ବୋରଖେଡ଼ା ନିବାସୀ ୭୫ ବର୍ଷୀୟ ଦୁର୍ଗାଲାଲ କୁଶୱାହା ଦୀର୍ଘ ଦିନ ହେବ ଅସୁସ୍ଥ



ଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ କୋଟାର ଏମବିଏସ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଗାଲାଲଙ୍କର ମୃତ୍ୟୁ ଘଟିଥିଲା। ଯେତେବେଳେ ହସ୍ପିଟାଲରୁ ସାନ ଭାଇ ଦୁର୍ଗାଲାଲଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଲା, ସେତେବେଳେ ଘରେ ଥିବା ତାଙ୍କର ବଡ଼ ଭାଇ ଗୋପାଳ କୁଶୱାହା ଏହି ଗଭୀର ଆଘାତକୁ ସହି ପାରିନଥିଲେ। ସାନ ଭାଇଙ୍କ ବିୟୋଗ ଶୋକ ସେ ସହ୍ୟ କରିପାରି ନଥିବାରୁ ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପରିବାର ଲୋକଙ୍କ କହିବାନୁଯାୟୀ, ଉଭୟ ଭାଇଙ୍କ ମଧ୍ୟରେ ଅତ୍ୟନ୍ତ ଗଭୀର ଭାବନାତ୍ମକ ସମ୍ପର୍କ ଥିଲା ଏବଂ ସେମାନେ ସବୁବେଳେ ପରସ୍ପରର ସୁଖଦୁଃଖର ସାଥୀ ଥିଲେ।

ଗୋଟିଏ ପରିବାରରେ ଅଳ୍ପ ସମୟ ବ୍ୟବଧାନରେ ଦୁଇଟି ମୃତ୍ୟୁ ଘଟିବା ଖବର ସମଗ୍ର ବୋରଖେଡ଼ା ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ଯେତେବେଳେ ଦୁଇ ଭାଇଙ୍କର ମରଶରୀର ଗୋଟିଏ ଘରୁ ଏକାଠି ବାହାରିଲା। ଯେଉଁ ଦୁଇ ଭାଇ ଜୀବନର ଦୀର୍ଘ ପଥ ଏକାଠି ଅତିବାହିତ କରିଥିଲେ, ସେମାନଙ୍କର ଶେଷ ଯାତ୍ରା ମଧ୍ୟ ଏକାଠି ହୋଇଥିଲା। ଶେଷରେ ପରିବାରବର୍ଗ ଏବଂ ସ୍ଥାନୀୟ ଲୋକମାନେ ଉଭୟ ଭାଇଙ୍କର ଅନ୍ତିମ ସଂସ୍କାର ଗୋଟିଏ ଚିତାରେ କରିଥିଲେ। ଏହି ହୃଦୟବିଦାରକ ଦୃଶ୍ୟ ସେଠାରେ ଉପସ୍ଥିତ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଥିଲା। ସାଥୀରେ ଜୀବନ ବିତାଇଥିବା ଏବଂ ଶେଷରେ ମୃତ୍ୟୁରେ ମଧ୍ୟ ସାଥୀ ଛାଡ଼ିନଥିବା ଏହି ଦୁଇ ଭାଇଙ୍କ ସମ୍ପର୍କ ସବୁଦିନ ପାଇଁ ଲୋକଙ୍କ ସ୍ମୃତିରେ ଅମର ହୋଇରହିବ।

ଓଡ଼ିଶା ହାଇକୋର୍ଟରେ ନାହାନ୍ତି ଆବଶ୍ୟକ ବିଚାରପତି

# ମଞ୍ଜୁରୀପ୍ରାପ୍ତ ବିଚାରପତି ସଂଖ୍ୟା ୩୩, ଅଛନ୍ତି ମାତ୍ର ୧୭

କଟକ, ୧୭।୮ (ସଂଚାର ବ୍ୟୁରୋ): ହାଇକୋର୍ଟରେ ନାହାନ୍ତି ଆବଶ୍ୟକୀୟ ବିଚାରପତି। ଏହା ଭିତରେ ମାମଲା ସଂଖ୍ୟା ୧ ଲକ୍ଷ ୭୨ ହଜାର ଛୁଇଁଲାଣି। ହେଲେ ଆବଶ୍ୟକୀୟ ବିଚାରପତି ନିଯୁକ୍ତି କରିବାରେ

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବ ଓକିଲ ସଂଘ**

ଆଗ୍ରହ ପ୍ରକାଶ କରୁନାହିଁ ସୁପ୍ରିମକୋର୍ଟ କଲେଜିୟମ୍, ଯାହାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛି ହାଇକୋର୍ଟ ବାର୍ ଆସୋସିଏସନ। ବିଚାରପତି ଅଭାବକୁ ନେଇ ଗତ ୧୪ରେ ଜେନେରାଲ ବଡି ମିଟିଂ ହୋଇଥିଲା। ଯେଉଁଥିରେ ନିଷ୍ପତ୍ତି ହୋଇଛି ସମସ୍ୟା ସମ୍ପର୍କରେ ରାଷ୍ଟ୍ରପତି, ପ୍ରଧାନ ବିଚାରପତି ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଦାବି ପୂରଣ ନହେଲେ ଆନ୍ଦୋଳନ ପାଇଁ ରାଜ୍ୟର ଓକିଲ ସମୁଦାୟ ପ୍ରସ୍ତୁତ ରହେବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛି ହାଇକୋର୍ଟ ଓକିଲ ସଂଘ। ଗତ ୨୦୧୮ ପରଠାରୁ ସୁପ୍ରିମକୋର୍ଟରେ ଓଡ଼ିଆ ବିଚାରପତିଙ୍କ ପ୍ରତିନିଧିତ୍ୱ ନାହିଁ କହିଲେ ଚଳେ। ତେଣେ ଓଡ଼ିଶା ହାଇକୋର୍ଟ ପାଇଁ ଅନୁମୋଦିତ ୩୩ ବିଚାରପତି ପଦବୀ କେବେବି ପୂରଣ ହୋଇନାହିଁ। ଅତୀତରେ କିନ୍ତୁ



ଯେତେ ଆବଶ୍ୟକ ମୁତାବକ ବିଚାରପତି ହାଇକୋର୍ଟରେ ଥିଲେ, ସେବେ ପଦୋନ୍ନତି ପାଇ ସୁପ୍ରିମକୋର୍ଟରେ ସ୍ଥାନ ମଣ୍ଡନ କରିପାରିଥିଲେ ଓଡ଼ିଆ ବିଚାରପତି। ବର୍ତ୍ତମାନ ହାଇକୋର୍ଟରେ ୧୭ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ୨ ଜଣ ବିଚାରପତିଙ୍କ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଖୁବଶୀଘ୍ର ଆଉ ୨ ଜଣ ବିଚାରପତି ଚାକିରିରୁ ଅବସର ନେବେ। ସେତେବେଳକୁ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୩ରେ ପହଞ୍ଚିବ। ଯାହା ରାଜ୍ୟର ବିଚାର ବ୍ୟବସ୍ଥା ପ୍ରଭାବିତ କରିବାରେ ନିଶ୍ଚିତ। ଯାହାକୁ ବିରୋଧ କରିଛି ସଂଘ। ଶେଷ ଥର ପାଇଁ ଜଷ୍ଟିସ ଦୀପକ ମିଶ୍ର ଓଡ଼ିଆ ଭାବେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଯଦିଓ ପୂର୍ବରୁ ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକ ଓ ଜଷ୍ଟିସ ରଙ୍ଗନାଥ ମିଶ୍ର ଏହି ଆସନ ଅଳଙ୍କୃତ କରିସାରିଛନ୍ତି। ହେଲେ ଓଡ଼ିଆଙ୍କ ପାଇଁ ସେଭଳି ଗୌରବମୟ ସମୟ ଆଉ ଆସିବାର ସମ୍ଭାବନା କମ୍ ବୋଲି କୁହାଯାଉଛି।

## ଗ୍ୟାରେଜରେ ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୮ ଗାଡ଼ି

ଭୁବନେଶ୍ୱର,୧୭।୮ (ସଂଚାର ବ୍ୟୁରୋ): ବରମୁଣ୍ଡାରେ ଏକ ଗ୍ୟାରେଜରେ ଭୟାବହ ଅଗ୍ନିକାଣ୍ଡ। ଇଭିରେ ସର୍ଟସର୍କିଟରୁ ଲାଗିଲା ନିଆଁ। ଅଗ୍ନିକାଣ୍ଡରେ ୬ଟି ସିଏନଜି କାର, ୫ ଇଭି ଓ ୨ ପେଟ୍ରୋଲ୍ ଗାଡ଼ି ଜଳିଗଲା। ଭୁବନେଶ୍ୱର ବରମୁଣ୍ଡା କଲୋନୀ ନାକାଗେଟ୍ ଆନନ୍ଦ ବିହାରରେ ଥିବା ଏକ ଗ୍ୟାରେଜରେ ଘଟିଛି ଅଗ୍ନିକାଣ୍ଡ। ଇଭି ଗାଡ଼ିରେ ବିଦ୍ୟୁତ୍ ସର୍ଟସର୍କିଟ୍ ରୁ ନିଆଁ ଲାଗିଥିବା ସୂଚନା। ଘଟଣାର ଖବର ପାଇ ତୁରନ୍ତ ଫାୟାର୍ ଷ୍ଟେସନ୍ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡ ଯୋଗୁଁ ଗ୍ୟାରେଜ ଭିତରେ ହଠାତ୍ ଧୂଆଁ ଓ ନିଆଁ ବ୍ୟାପିଯାଇଥିଲା। ନିଆଁର ତୀବ୍ରତା ଦେଖି ଆଖପାଖ ଅଞ୍ଚଳରେ ମଧ୍ୟ ଆତଙ୍କ ଖେଳିଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ତୁରନ୍ତ ଫାୟାର୍ ଷ୍ଟେସନ୍‌ର ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାଦୁଅରେ ପଶିଲେ...

ଦେଇଛନ୍ତି। ସେହିପରି ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ପ୍ରତ୍ୟକ୍ଷ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ରିଲିଫ୍, ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଚିକିତ୍ସା ସେବା ଓ ଗୋ-ଖାଦ୍ୟ ପହଞ୍ଚାଯାଉଛି ବୋଲି କହିଥିଲେ। ବିପନ୍ନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ଏବଂ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦିଆଯାଇଥିବା ସେ କହିଛନ୍ତି। ବନ୍ୟାଞ୍ଚଳ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି ଯେ ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ଥିତିର ନିରନ୍ତର ଅନୁଧ୍ୟାନ ସହ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ନିଆଯାଉଛି। ପ୍ରଭାବିତଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ଲୋକଙ୍କ ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି।

### ଆଉ ୪ରୁ ୫ ଦିନ...

୨ଟି ଗେଟ୍ ଖୋଲିଥିଲା। ଏବେ ମୋଟ ୭ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ସକାଳ ୯ଟା ସୁଦ୍ଧା ଡ୍ୟାମ୍‌ର ଜଳପତନ ୬୧୯ ଦଶମିକ ୨ ଫୁଟରେ ପହଞ୍ଚିଛି। ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ଡ୍ୟାମର ଉପର ମୁଣ୍ଡରେ ବନ୍ୟାଜଳ ପ୍ରବାହ ବଢ଼ିଥିବାରୁ ସ୍ଥିତିକୁ ନଜରରେ ରଖି ଆଜି ଆଉ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ସେହିପରି ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ତୃତୀୟ ବନ୍ୟା ହୋଇଛି। ପାଣି ଘେରରେ ୧୬ ପଞ୍ଚାୟତ ବୁଡ଼ି ରହିଛି ବୋଲି ଆଶଙ୍କା। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସି ୧୬ ପଞ୍ଚାୟତ ଜଳମଗ୍ନ ହୋଇଛି। ଆଳି ଧୋଇ ଅଞ୍ଚଳର ୧୦ଟି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମାନପୁର-ଗୋବିନ୍ଦପୁର ରାସ୍ତା ଉପରେ ୨ରୁ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଯାତାୟାତ ମୁଖ୍ୟ ମାଧ୍ୟମ ସାଜିଛି ନୌକାଚଳ। ଦିନକୁ ୫୦୦ ଟଙ୍କା ଭଡ଼ା ଦେଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ପାଇଁ ଆସୁଛନ୍ତି। ଏହାଛଡ଼ା ଡେଙ୍ଗୁ ଥିବା କେନ୍ଦ୍ରରେ ସହର ମଧ୍ୟ ଜଳମଗ୍ନ ହେଲାଣି। ଗତକାଲିଠାରୁ ଲଗାଣ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ଅବସ୍ଥା। ସହରର ବିଭିନ୍ନ ମୁଖ୍ୟ ରାସ୍ତା ସବୁରେ ଚାଲିଛି ପାଣି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଞ୍ଜୁଆ ସସାସ ରାସ୍ତା ଧୋଇ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ସହରରେ ପୁଣି ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ନୂଆସାହି ରାସ୍ତା ଉପରେ ଦୁଇ ଫୁଟରୁ ଅଧିକ ଉଚ୍ଚରେ ପାଣି ଜମିଛି। ଫଳରେ ରେମୁଣାରୁ ବାଲେଶ୍ୱର ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଲେଶ୍ୱରରେ ୯୩.୧ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଲଗାତାର ବର୍ଷା ଫଳରେ ବଢୁଛି ବିଭିନ୍ନ ନଦୀର ଜଳସ୍ତର। ଜଳକା ନଦୀର ବିପଦ ସଙ୍କେତ ମଥାନିଠାରେ ୬.୫୦ ମିଟର ଥିବାବେଳେ ସକାଳ ୬ଟାରେ ବିପଦ ସଙ୍କେତ ଉପରେ ୬.୫୨ ମିଟରରେ ପ୍ରବାହିତ ହେଉଛି।

### ଧାରଣାରେ ବସିଲେ...

ବିଧାୟିକା ଓ ଯାଜପୁର ବିଧାୟିକାଙ୍କୁ ବନ୍ୟାଞ୍ଚଳ ଗସ୍ତ କରିଥିବା ଦଳରେ ସାମିଲ୍ ନ କରି କେବଳ ବିଜେପି ସମର୍ଥକଙ୍କୁ ନେଇଥିବା ପ୍ରମିଳା ଅଭିଯୋଗ କରିଛନ୍ତି। ସେ କହିବା କଥା ଯେ ସ୍ଥାନୀୟ ଅଞ୍ଚଳରେ ବନ୍ୟା ଯୋଗୁଁ କ'ଣସବୁ କ୍ଷୟକ୍ଷତି ହୋଇଛି, ସେନେଇ ସ୍ଥାନୀୟ ଜନପ୍ରତିନିଧିଙ୍କ ପାଖରେ ଯଥେଷ୍ଟ ସୂଚନା ରହିଛି। କିନ୍ତୁ ଜିଲ୍ଲା ପ୍ରଶାସନ ସେମାନଙ୍କୁ କୌଣସି କାର୍ଯ୍ୟକ୍ରମରେ ସାମିଲ୍ ନ କରି କେବଳ ବିଜେପି ସମର୍ଥକମାନଙ୍କୁ ଅଗ୍ରାଧିକାର ଦେଉଥିବାରୁ ଏହା କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତୀ ମଲ୍ଲିକ ଅଭିଯୋଗ କରିଛନ୍ତି।

### ୨୨ରେ 'ୱାର୍ଲ୍ଡ ଆଥଲେଟିକ୍ସ...

ଜଣଙ୍କ ମଧ୍ୟରେ ଥିବା ୩୬ ଜଣ ପ୍ରସିଦ୍ଧ ଆଥଲେଟ୍। ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସର ୪୦୦ ମିଟର ବ୍ରୋଞ୍ଜ ପଦକ ବିଜେତା ମୁଜାଲା ସାମୁକୋଙ୍ଗା ଓ ନାଇଜେରିଆର ଶଟପୁଟ୍ ତାରକା ଚୁକୱେବୁକା ଏନେକୱେଚି ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ। ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ସୂଚନା ଦେଇଛନ୍ତି ଯେ ସାଧାରଣ ଜନତା, ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ସେହିପରି ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ଡ. ଆଦିଲେ ସୁମାରିୱାଲା ଓଡ଼ିଶା ସରକାରଙ୍କ ଯୋଗଦାନକୁ ପ୍ରଶଂସା କରିବା ସହ ଏହି ସିଲଭର ମିଟ୍ ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଛନ୍ତି।

### ବାପା-ଝିଅର ପବିତ୍ର...

ଆଘାତ ଦେଇଛି। ବନ୍ଧୁ ମୋ ଝିଅକୁ ଜଣେ ଯୁବତୀ ବୋଲି ଲେଖିଛନ୍ତି। ମୁଁ ଅସ୍ୱୀକାର କରୁନି ମୁଁ ଜଣେ ଜିଲ୍ଲାପାଳ। କିନ୍ତୁ ମୁଁ ଯେତେ ବଡ଼ ଆସନରେ ଅବସ୍ଥାପିତ ଥିଲେ ବି ମୋ ପରିବାର, ମୋ ଆତ୍ମୀୟ ସ୍ୱଜନ, ମୋ ଜିଲ୍ଲାବାସୀଙ୍କ ଉପରେ ମୁଁ ନୁହେଁ। ମୋ ଆସନ ନେଇ ବୃଥା ଗର୍ବ ଆଉ ଅହଂକାରଠୁ ମୁଁ ସବୁବେଳେ ଦୂରେଇ ରହିବା ଜିଲ୍ଲାବାସୀ ତଥା ରାଜ୍ୟବାସୀ ଊଣା ଅଧିକେ ଜାଣିଛନ୍ତି। ସେଦିନ ମୋର ଜନ୍ମଦିନ ଥିଲା। ଅଫିସ୍‌ରୁ ଘରକୁ ଠିକ ସମୟରେ ଆସିପାରିଲିନି ବୋଲି ମୋ ଝିଅ ଅଫିସ ଯାଇ ମୋ ସହ ଖୁସିରେ ଫଟୋ ଉଠେଇଲା। ଗୋଟେ ଝିଅର ଅଧିକାର ଓ ବାପ ପ୍ରତି ଶ୍ରଦ୍ଧାକୁ କୌଣସି ବାପା ବୋଧେ ଏଡ଼ାଇ ଦେଇପାରିବେନି। ଏହାଦ୍ୱାରା ଜିଲ୍ଲାର, ଜିଲ୍ଲାବାସୀଙ୍କର ତଥା ଜନସାଧାରଣଙ୍କର କୋଉ କ୍ଷତିର କାରଣ ମୁଁ ହେଲି, ତା' ବୁଝିପାରୁନି। କିଛି ବନ୍ଧୁ ଏହାକୁ ଆହୁରି କଦର୍ଥ କରି ପ୍ରତକ୍ରିୟା ରଖିଛନ୍ତି। ବହୁ ସଂଖ୍ୟକ ବନ୍ଧୁ ବାପା ଆଉ ଝିଅର ପବିତ୍ର ସମ୍ପର୍କ ବୋଲି ମଧ୍ୟ କହିଛନ୍ତି। ମୋ ପୁଅ, ଝିଅ ଅଥବା ପ୍ରିୟ ପରିଜନଙ୍କ ସ୍ନେହ ଶ୍ରଦ୍ଧା ତୁଳନାରେ ଜିଲ୍ଲାପାଳଙ୍କ ଓଜନ ଖୁବ କମ ମନେହୁଏ। ଅନୁରୋଧ ଆପଣମାନେ ଗୋଟେ ଶ୍ରଦ୍ଧାଶୀଳ ବାପାର ହୃଦୟ ଓ ଆଦୌ କିଛି ଅପରାଧ କରି ନ ଥିବା ଦାୟିତ୍ୱସମ୍ପନ୍ନ ଜଣେ ଜିଲ୍ଲାପାଳର ଆବେଗକୁ ଠିକ୍ ଭାବେ ବୁଝିବେ।

### ୩୨୬ ସାଂସଦଙ୍କ ନାଁରେ...

ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରୁ ୧୪ ଜଣ ମୁଖ୍ୟମନ୍ତ୍ରୀ ସେମାନଙ୍କ ନାମରେ ଫୌଜଦାରୀ ମାମଲା ଥିବା ଘୋଷଣା କରିଛନ୍ତି, ଯେଉଁଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ମଧ୍ୟ ସାମିଲ ରହିଛି। ସତ୍ୟପାଠରେ ତଥ୍ୟ ଅନୁଯାୟୀ, ୮୯ଟି ଫୌଜଦାରୀ ମାମଲା ସହିତ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଅନୁମୁଲା ରେୱନ୍ତ ରେଡ୍ଡୀ ଏହି ତାଲିକାର ପ୍ରଥମ ସ୍ଥାନରେ ଥିବା ବେଳେ ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ (୨୯) ଏବଂ ୧୯ ମାମଲା ସହ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର। ବରିଷ୍ଠ ଆଇନଜୀବୀ ହଁସାରିଆ ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି ଯେ, ମାମଲାଗୁଡ଼ିକର ଦ୍ରୁତ ଦଫାରଫା କରିବା ଲାଗି ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ତଦାରଖ ସତ୍ତ୍ୱେ ୨୦୧୮ ଠାରୁ ଜନପ୍ରତିନିଧିମାନଙ୍କ ନାମରେ ରହିଥିବା ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ଅପରିବର୍ତ୍ତିତ ରହିଛି।

### ୨୦୨୯ ବେଳକୁ ବଦଳିବ...

କଂଗ୍ରେସ ଆକ୍ରମଣାତ୍ମକ ହେବା ସହ ସରକାରଙ୍କୁ ବିରୋଧ ପାଇଁ ଅଭିନବ ପନ୍ଥା ଆପଣାଉଛି। ତେବେ କଂଗ୍ରେସର ଏଭଳି ନାଟକ ବିଶେଷକିଛି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଉଛି। କିନ୍ତୁ ଦେଶର ବିଭିନ୍ନ ରାଜ୍ୟରେ ଥିବା ଆଞ୍ଚଳିକ ଦଳମାନେ ନିର୍ବାଚନ ଅବ୍ୟବହିତ ପୂର୍ବରୁ କାହା ସହ ହାତ ମିଳାଇବେ, ତାହା ଏବେଠାରୁ କେହି କହିପାରୁନାହାନ୍ତି। କାରଣ ସମସ୍ତେ ଏବେ ଉଭୟ ଶାସକ ବିଜେପି ଓ ବିରୋଧୀ କଂଗ୍ରେସ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ରାଜନୀତି ମଧ୍ୟ ଦିନକୁ ଦିନ ଅତ୍ୟନ୍ତ ରୋଚକ ହେବାରେ ଲାଗିଛି। ବିଭିନ୍ନ ଦଳର ରାଜନୈତିକ ନେତାମାନେ ନିଜ ନିଜ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆଲୋଚନା ଚଳାଇଛନ୍ତି। ନିର୍ବାଚନକୁ ଆଉ ଅଢ଼େଇ ବର୍ଷ ଥିବା ବେଳେ ଏହାର ବର୍ଷକ ପୂର୍ବରୁ ନେତାମାନେ ମଇଦାନକୁ ଧୀରେ ଧୀରେ ଓହ୍ଲାଇବେ। ତେଣୁ ସମସ୍ତେ ଏବେ ନିଜ ନିଜ ସ୍ତରରେ ରଣନୀତି ସ୍ଥିର କରୁଛନ୍ତି। ତେଣୁ ୨୦୨୯ ବେଳକୁ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ସହ ବହୁ ନେତାଙ୍କର ରଙ୍ଗ ବଦଳିଯିବ ବୋଲି ଆକଳନ କରାଯାଉଛି।

### ମୁଣ୍ଡ ନୁଆଁଇଲେ ହେମନ୍ତ...

ସମସ୍ତ ନିଯୁକ୍ତି ପରୀକ୍ଷାରେ ଅନିୟମିତତାର ସିଆଇଡି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘୋଷଣା ପରେ ରାଞ୍ଚିର ଜୟପାଳ ସିଂହ ମୁଣ୍ଡା ଷ୍ଟାଡିୟମରେ ଆନ୍ଦୋଳନରତ ଆଶାୟୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ କହିଛନ୍ତି, ଏସଆଇଟି ଓ ସିଆଇଡି ତଦନ୍ତରେ ଅନେକ ତଥ୍ୟ ସାମ୍ନାକୁ ଆସିଛି, ତଦନ୍ତ ଚାଲିଥିବାରୁ ସେସବୁ ସାର୍ବଜନୀନ କରିବା ସମ୍ଭବ ନୁହେଁ। ତଥାପି ସିଜିଏଲ୍ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତ ଲୋକମାନଙ୍କୁ ଏବେ ଜେପିଏସସି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ଗିରଫ କରାଯାଉଛି।

## ପ୍ରଥମ ଟେଷ୍ଟ: ଶ୍ରୀଲଙ୍କା ୨୮୪ରେ ଅଲଆଉଟ୍

● ତୃତୀୟ ଦିନରେ ସ୍ପିନରଙ୍କ ଦବଦବା

ଗଲ୍,୧୭।୮: ଚଳିତ ପ୍ରଥମ ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ଭାରତର ପ୍ରଥମ ଇନିଂସର ସ୍କୋର୍ ୪୭୨ ରନ୍ ଜବାବରେ ୨୮୪ ରନ୍ କରିଛି। ଫଳରେ ଭ୍ରମଣକାରୀ ଦଳ ପ୍ରଥମ ଇନିଂସ ଭିତ୍ତିରେ ୧୮୮ ରନ୍‌ରେ ଆଗୁଆ ରହିଛି। ମ୍ୟାଚ୍‌ର ତୃତୀୟ ଦିନର ଖେଳରେ ଭାରତୀୟ ସ୍ପିନରମାନେ ପ୍ରଭାବ ବିସ୍ତାର କରିଥିଲେ। ଆଜି ଭାରତ ଅନ୍ତିମ ୱିକେଟ୍‌ରେ ଦଳୀୟ ସ୍କୋର୍ ୪୭୨ ଥିବା ବେଳେ ପଡ଼ିଥିଲା। ଅପରାଜିତ ବ୍ୟାଟ୍ସମ୍ୟାନ୍ ପ୍ରସିଦ୍ଧ କ୍ରିଷ୍ଣା ୨ ରନ୍ କରି ଆଉଟ୍ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ସ୍ପିନର ପ୍ରବତ ଜୟସୂରିୟା ୪ଟି, ଅନ୍ୟତମ ସ୍ପିନର କେଶରା ନୁୱନ୍ ୩ଟି ଏବଂ ପେସର ଅସିତା ଫର୍ଣ୍ଣାଣ୍ଡୋ ୨ଟି ୱିକେଟ୍ ନେଇଥିଲେ। ଶ୍ରୀଲଙ୍କା ତା'ର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଓଭର୍‌ରେ ଓପନର୍ ନିଶାନ୍ ମଦୁଶଙ୍କା ଆଉଟ୍ ହୋଇଥିଲେ। ଏହି ଧାରା ଜାରି ରହିବା ଫଳରେ ଶ୍ରୀଲଙ୍କା ୯୦ ରନ୍ ମଧ୍ୟରେ ୫ ଜଣ ଶୀର୍ଷ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇଥିଲା। କିନ୍ତୁ ଷଷ୍ଠ ୱିକେଟ୍‌ରେ ସୋନଲ ଦିନୁଶା ଓ ନିରୋଶନ୍ ଡିକୱେଲା ୧୪୬ ରନ୍ ଯୋଡ଼ିଥିଲେ। ଡିକୱେଲା ୮୦ ରନ୍‌ରେ ଆଉଟ୍ ହୋଇଥିଲେ ହେଁ ଦିନୁଶା ଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ମାନବ ସୂତାର ୪ଟି, ରବୀନ୍ଦ୍ର ଜାଡେଜା ୩ଟି ୱିକେଟ୍ ନେଇଛନ୍ତି।

## ଷ୍ଟେଜରେ ହିନ୍ଦୁ ଛାତ୍ରୀଙ୍କୁ ବୁର୍ଖା ପିନ୍ଧାଇ ନଚାଇଲେ!

ଲକ୍ଷ୍ନୌ, ୧୭।୮: ବିବାଦରେ ସାସ୍କୃତିକ କାର୍ଯ୍ୟକ୍ରମ। ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଶିକ୍ଷାନୁଷ୍ଠାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିବାଦ ଦେଖାଦେଇଛି। ଉତ୍ତର ପ୍ରଦେଶର ଗୋଣ୍ଡା ଜିଲ୍ଲାରେ ଥିବା ନଲେଜ୍ ବିମ୍ ଆକାଡେମୀରେ ଏହି ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ଛାତ୍ରୀମାନେ ବୁର୍ଖା ପିନ୍ଧି ଭିନ୍ନ ଭିନ୍ନ ଗୀତରେ ନାଚ କରିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରିପୋର୍ଟ ଅନୁସାରେ, ନଲେଜ୍ ବିମ୍ ଆକାଡେମୀରେ ସ୍ୱାଧୀନତା ଦିବସ ଉପଲକ୍ଷେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କିଛି ଛାତ୍ରୀ ବୁର୍ଖା ପିନ୍ଧି ନୃତ୍ୟ ପରିବେଷଣ କରିଥିଲେ। ଏହାର ଭିଡିଓ ସେମାନେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଯାହା ଭାଇରାଲ ହେଲା ପରେ ବିବାଦ ଉପୁଜିଛି। ଭିଡିଓ ଭାଇରାଲ ହେଲା ପରେ ଶିକ୍ଷାନୁଷ୍ଠାନର ମୁଖ୍ୟ ରାମକୃଷ୍ଣ ମୌର୍ଯ୍ୟ ଏ ଭିଡିଓ ବାର୍ତ୍ତା ଜାରି କରି ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ, ସେ ଏବଂ ଛାତ୍ରୀମାନେ କେବଳ ମନୋରଞ୍ଜନ ଉଦ୍ଦେଶ୍ୟରେ ଏପରି କରିଛନ୍ତି। ସେମାନେ ଅନ୍ୟ କେଉଁ ସଂପ୍ରଦାୟର ଭାବନାକୁ ଆଘାତ ଦେବା ପାଇଁ ଏପରି ନୃତ୍ୟ ପରିବେଷଣ କରିନାହାଁନ୍ତି। ଭବିଷ୍ୟତରେ ଏପରି ଭୁଲ ଆଉ କେବେ ହେବନି ବୋଲି ସେ ପ୍ରକାଶ କରିଛନ୍ତି।

## ବେଦାନ୍ତ ଆଲୁମିନିୟମ୍‌ର 'ନିର୍ମାଣାଧୀନ ଭାରତ' ଯାତ୍ରାକୁ ସମ୍ମାନ




ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ନିଜର 'ବେମିସାଲ ଭାରତ-ଇନ ଦ ମେକିଙ୍ଗ' ଅଭିଯାନ ମାଧ୍ୟମରେ ଦେଶର ରାଷ୍ଟ୍ର ନିର୍ମାଣ ଯାତ୍ରାକୁ ସମ୍ମାନ ଜଣାଇଛି। ଏହି ଅଭିଯାନରେ ପ୍ରଯୁକ୍ତି, ଦକ୍ଷତା ଓ ମାନବ ସମ୍ବଳ କିପରି ଭବିଷ୍ୟତ ପାଇଁ ପ୍ରସ୍ତୁତ ଭାରତ ଗଠନରେ ଭୂମିକା ନେଉଛନ୍ତି ତାହାକୁ ଉପସ୍ଥାପନ କରାଯାଇଛି। 'ବେମିଶାଲ ଭାରତ'ର ବିଷୟବସ୍ତୁ ହେଉଛି ଭାରତର ଭବିଷ୍ୟତକୁ ଗଢୁଥିବା ଲୋକ, ଚିନ୍ତାଧାରା ଓ ନବସୃଜନ କ୍ଷେତ୍ରର ଉତ୍କର୍ଷ କାହାଣୀ ମାଧ୍ୟମରେ ଦେଶର ପ୍ରଗତିକୁ ଆଗେଇ ନେଉଥିବା ବିଭିନ୍ନ ଶକ୍ତିକୁ ଉଜାଗର କରିବା। ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜେଶ କୁମାର କହିଛନ୍ତି, ଭାରତର ବିକାଶ ଯାତ୍ରା ନାଗରିକଙ୍କ ଆକାଂକ୍ଷା, ପ୍ରତିଭା ଓ ଉଦ୍ୟମ ଦ୍ୱାରା ଆକାର ପାଉଛି। 'ବେମିଶାଲ ଭାରତ' ମାଧ୍ୟମରେ ଆମେ ସେହି ଚିନ୍ତାଧାରା, ନବସୃଜନ ଓ ସାମୂହିକ ପ୍ରୟାସକୁ ସମ୍ମାନ ଜଣାଉଛୁ, ଯାହା ଦେଶକୁ ନିରନ୍ତର ଆଗକୁ ବଢ଼ାଉଛି। ବେଦାନ୍ତ ଆଲୁମିନିୟମ୍‌ରେ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ, ନବସୃଜନ ଓ ସ୍ଥାୟୀ ବିକାଶ ମାଧ୍ୟମରେ ବିକଶିତ ଭାରତର ଭିତ୍ତି ନିର୍ମାଣରେ ସହଯୋଗ କରିବାକୁ ଆମେ ପ୍ରତିବଦ୍ଧ। ବେଦାନ୍ତ ଆଲୁମିନିୟମ୍‌ର ଝାରସୁଗୁଡ଼ା, ଲାଞ୍ଜିଗଡ଼, ଭବାନୀପାଟଣା, ରାୟଗଡ଼ା ଓ ବାଲକୋର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ 'ବେମିଶାଲ ଭାରତ'ର ଭାବନା ପ୍ରତିଫଳିତ ହୋଇଥିଲା। କର୍ମଚାରୀ, ଛାତ୍ରଛାତ୍ରୀ ଓ ପାର୍ଶ୍ୱବର୍ତ୍ତୀ ସମୁଦାୟ ଏକାଠି ହୋଇ ଭାରତର ୮୦ତମ ସ୍ୱାଧୀନତା ଦିବସକୁ ଉତ୍ସାହର ସହ ପାଳନ କରିଥିଲେ।

## ଫାଓ ଫୁଟବଲ ଲିଗ୍‌ରେ ଓଡ଼ିଶା ପୁଲିସ ଚାମ୍ପିଅନ୍




କଟକ, ୧୭।୮ (ସଂଚାର ବ୍ୟୁରୋ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଫାଓ ଫୁଟବଲ ଲିଗ୍‌ରେ ଚାମ୍ପିଅନ୍ ହୋଇଥିବା ଓଡ଼ିଶା ପୁଲିସ ଫୁଟବଲ ଦଳ ସୋମବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କୁ ସାକ୍ଷାତ କରିଥିଲେ। ଡିଜିପି ଶ୍ରୀ ମିଶ୍ର ଚାମ୍ପିଅନ୍ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପ୍ରତିଭା ଓ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଛନ୍ତି। ଡିଜିପି ଶ୍ରୀ ମିଶ୍ର କହିଛନ୍ତି ଯେ, ଓଡ଼ିଶା ପୁଲିସ କ୍ରୀଡ଼ାବିତମାନେ ନିଜର ପ୍ରତିଭା, ଶୃଙ୍ଖଳା ଓ ନିଷ୍ଠା ଦ୍ୱାରା ପୁଲିସ ବାହିନୀର ଗୌରବ ବୃଦ୍ଧି କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୧୬ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଫାଓ ଫୁଟବଲ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୁଲିସ ୫-୧ ଗୋଲ୍‌ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରି ଚମ୍ପିଆନ୍ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୁଲିସ ପକ୍ଷରୁ ପୁରୁଷୋତ୍ତମ କେରକେଟା ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଲଖାଇ ମୁର୍ମୁ, ରାଇସେନ ଟୁଡୁ ଓ ବିଜୟ ବେହେରା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଚାମ୍ପିଆନ୍ ହେବା ସହ ଓଡ଼ିଶା ପୁଲିସ ଦଳ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛି।




## ହୋମଗାର୍ଡ ପ୍ରଦୀପଙ୍କ ପରିବାରକୁ ସହାୟତା

ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): କର୍ତ୍ତବ୍ୟରତ ଅବସ୍ଥାରେ ପ୍ରାଣ ହରାଇଥିବା ହୋମଗାର୍ଡ ପ୍ରଦୀପ କୁମାର ମାର୍ଥାଙ୍କ ପରିବାରକୁ ଓଡ଼ିଶା ଆଇପିଏସ ଅଫିସର ଆସୋସିଏସନ ପକ୍ଷରୁ ୬.୫୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋମବାର ଅପରେସନ୍ସ ମୁଖ୍ୟାଳୟରେ ଆୟୋଜିତ ଏକ ଆଡମ୍ବର ଶୂନ୍ୟ ସମାରୋହରେ ଡିଜି ଅପରେସନ୍ସ ସଞ୍ଜୀବ ପଣ୍ଡା ସ୍ୱର୍ଗତ ମାର୍ଥାଙ୍କ ଧର୍ମପତ୍ନୀ ଉର୍ମିଳା ମାର୍ଥାଙ୍କୁ ସହାୟତା ରାଶିର ଚେକ୍ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅପରେସନ୍ସ ଆଇଜି ଦୀପକ କୁମାର ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର ଆଇପିଏସ ଅଫିସରମାନେ ସ୍ୱେଚ୍ଛାକୃତ ଅଂଶଦାନରୁ ଏହି ଅର୍ଥରାଶି ସଂଗ୍ରହ କରିଥିଲେ। ଶ୍ରୀ ମାର୍ଥା ଭୁବନେଶ୍ୱରସ୍ଥିତ 'ଆଇପିଏସ ଏବଂ ସିନିୟର ଅଫିସର୍ସ ମେସ୍'ରେ କାର୍ଯ୍ୟରତ ଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ଏପ୍ରିଲ ୨୪ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ଶ୍ରୀମତୀ ମାର୍ଥାଙ୍କୁ ଭୁବନେଶ୍ୱର ଡିସିପି-କମ୍-ହୋମଗାର୍ଡ କମାଣ୍ଡାଣ୍ଟ ସ୍ୱାଧୀନତା ଅବସରରେ ତାଙ୍କୁ ଭୁବନେଶ୍ୱର-କଟକ ପୁଲିସ କମିଶନରେଟ୍‌ରେ ହୋମଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି।

## ସଂଗ୍ରାମୀ ଦୈତାରୀ ସାମଲ ସ୍ମୃତି କମିଟିର ସ୍ୱାଧୀନତା ଦିବସ

ଯାଜପୁର,୧୭।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଦିବଂଗତ ସଂଗ୍ରାମୀ ଦୈତାରୀ ସାମଲ ସ୍ମୃତି କମିଟି ପକ୍ଷରୁ ସଂଗ୍ରାମୀ ଦୈତାରୀ ସାମଲ ଓ ଧର୍ମପତ୍ନୀ ପାର୍ବତୀ ସାମଲଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପ୍ରତ୍ୟୁଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ ସଭାରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ସଭାପତିତ୍ୱ କରି ସ୍ୱାଧିନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଶ୍ରୀ ତ୍ରିପାଠୀ ସ୍ମୃତି କମିଟିକୁ ଆହୁରି କ୍ରିୟାଶୀଳ କରି ପ୍ରତିବର୍ଷ ସମସ୍ତ ଜାତୀୟ ଦିବସ ଓ ସଂଗ୍ରାମୀ ଦୈତାରୀ ସାମଲଙ୍କ ଜନ୍ମ ଓ ତିରୋଧାନ ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡିଏଫଓ ଅଲେଖ ଚନ୍ଦ୍ର ସାମଲ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ କଷ୍ଟଲବ୍ଧ ସଂଗ୍ରାମ ପାଇଁ ସେମାନେ ଚିର ନମସ୍ୟ। ସୁଖ ସ୍ୱାଚ୍ଛନ୍ଦକୁ ତ୍ୟାଗ କରି ନିଜ ଜୀବନକୁ ଉତ୍ସର୍ଗ କରି ସେମାନଙ୍କ



ସଂଗ୍ରାମର ଗାଥା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜ କିଶୋର ସାମଲ ଯୋଗଦେଇ ସଂଗ୍ରାମୀମାନଙ୍କ ସମ୍ପର୍କରେ ବହୁ ଅନାଲୋଚିତ କଥାବସ୍ତୁ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ ବସନ୍ତ କୁମାର ସାମଲ ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସଂଗ୍ରାମୀ ଦାୟାଦ ଅନନ୍ତ ଦେବ ସାମଲ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ ସ୍ୱାଧୀନତା ଦିବସ ସମ୍ପର୍କରେଭାଷଣ ପ୍ରଦାନ ମନ୍ତ୍ରମୁଗ୍ଧ କରିଦେଇଥିଲା। ଶିକ୍ଷାବିତ ବସନ୍ତ କୁମାର ସାମଲ ଓ ସମାଜସେବୀ ରାଜକିଶୋର ସାମଲଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜ କିଶୋର ସାମଲ ଯୋଗଦେଇ ସଂଗ୍ରାମୀମାନଙ୍କ ସମ୍ପର୍କରେ ବହୁ ଅନାଲୋଚିତ କଥାବସ୍ତୁ ଉପସ୍ଥାପନା କରିଥିଲେ। ଏହି ଅବସରରେ ସରସ୍ୱତୀ ଇଣ୍ଟରନ୍ୟାସନାଲ ସ୍କୁଲର ଶିକ୍ଷୟିତ୍ରୀ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଜାତୀୟ ସଙ୍ଗୀତ, ବନ୍ଦେ ଉତ୍କଳ ଜନନୀ ଓ ପତାକା ବନ୍ଦନା ଗାନ କରିଥିଲେ।

# ଓଡ଼ିଶା ହାଇକୋର୍ଟ, ଅଧା ବିଚାରପତି ପଦବୀ ଖାଲି

ଭୁବନେଶ୍ୱର,୧୭।୮: ଓଡ଼ିଶା ହାଇକୋର୍ଟରେ ଏବେ ୫୦ ପ୍ରତିଶତ ବିଚାରପତି ପଦବୀ ଖାଲି ପଡିଛି। ସୁପ୍ରିମକୋର୍ଟର ବିଚାରପତିଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର କେହି ନାହାନ୍ତି। ସେହିଭଳି ଦେଶର ବିଭିନ୍ନ ରାଜ୍ୟରେ ଥିବା ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ପଦବୀରେ ବି ଓଡ଼ିଶା ହାଇକୋର୍ଟର କୌଣସି ବିଚାରପତି ନାହାନ୍ତି। ଓଡ଼ିଶା ହାଇକୋର୍ଟ ପାଇଁ ମୁଖ୍ୟ ବିଚାପରତିଙ୍କୁ ମିଶାଇ ୩୪ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ଏବେ ଅଛନ୍ତି ମାତ୍ର ୧୭ ଜଣ। ଏମାନଙ୍କ ଭିତରୁ ଦୁଇ ଜଣ ବିଚାରପତିଙ୍କୁ ଅନ୍ୟ ରାଜ୍ୟକୁ ବଦଳି କରିବା ଲାଗି ପ୍ରକ୍ରିୟା ଚାଲିଛି। ଯଦି ଏହି ଦୁଇ ଜଣ ବିଚାରପତି ଅନ୍ୟ ରାଜ୍ୟକୁ ବଦଳି ହୋଇଯାଆନ୍ତି, ତେବେ ବିଚାରପତି ପଦ ସଂଖ୍ୟା ୧୫କୁ ହ୍ରାସ ପାଇବ। ଏହାଛଡ଼ା ଚଳିତ ବର୍ଷ ଆଉ ଦୁଇ ଜଣ ବିଚାରପତି ଅବସର ନେବାର ଅଛି। ଯଦି ନୂଆ ବିଚାରପତି ଓଡ଼ିଶା ହାଇକୋର୍ଟ ପାଇଁ ନିଯୁକ୍ତ କରାନଯାଏ, ତେବେ ଏଠାକାର ବିଚାରପତି ସଂଖ୍ୟା ୧୩କୁ ଖସିପାରେ।

ନିକଟରେ କେତେକ ରାଜ୍ୟର ହାଇକୋର୍ଟ ପାଇଁ ନୂଆ ବିଚାରପତି ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ସେଥିରେ ଓଡ଼ିଶା ହାଇକୋର୍ଟ ଲାଗି କିନ୍ତୁ କାହାର ନାମ ନ ଥିଲା। ଗୋଟିଏ ପଟେ ମାମଲା ସଂଖ୍ୟା ବଢ଼ି ଚାଲୁଥିବା ବେଳେ ଅନ୍ୟପଟେ ବିଚାରପତି ପଦବୀ ସଂଖ୍ୟା ହ୍ରାସ ପାଉଥିବାରୁ ମାମଲା ଫଇସଲା କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖାଦେଉଥିବା ଘେନି ବହୁ ଆଇନ୍‌ଜୀବୀ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ଚାକିରି ଓ ପେନ୍‌ସନ୍ ସଂକ୍ରାନ୍ତୀୟ ମାମଲାର ବିଚାର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ (କ୍ୟାଟ୍)ରେ ହୋଇଥାଏ। ସେହିଭଳି ରାଜ୍ୟ ସରକାରୀ କର୍ମଚାରୀଙ୍କ ମାମଲା ଫଇସଲା ଲାଗି ୧୯୮୬ରେ ପ୍ରତିଷ୍ଠା କରାଯାଇଥିବା ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍)କୁ ୨୦୧୯ରେ ଉଚ୍ଛେଦ କରାଯାଇଛି। ଏହା ଫଳରେ ଚାକିରି ସଂକ୍ରାନ୍ତ ମାମଲାର ଚାପ ହାଇକୋର୍ଟ ଉପରେ ବଢ଼ିବାରେ ଲାଗିଛି। ଏବେ ଓଡ଼ିଶା ହାଇକୋର୍ଟରେ ପ୍ରାୟ ୧ ଲକ୍ଷ ୭୦ ହଜାର ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଏଥିମଧ୍ୟରେ ପ୍ରାୟ ୧୨ ହଜାର ହେଉଛି ଅଦାଲତ ଅବମାନନା ମାମଲା, ଯେଉଁଥିରେ ଅଧିକାଂଶ ସ୍ଥଳରେ ପଦସ୍ଥ ସରକାରୀ ଅଧିକାରୀମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲୁଛି। ଏଭଳି ସ୍ଥିତିରେ ଓଡ଼ିଶା ହାଇକୋର୍ଟର ବିଚାରପତି ସଂଖ୍ୟା ହ୍ରାସ ପାଇବା ଉଦ୍‌ବେଗଜନକ ବୋଲି କୁହାଯାଉଛି।



ହାଇକୋର୍ଟ ବିଚାରପତି ନିଯୁକ୍ତି ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ରାଷ୍ଟ୍ରପତି ନେଇଥାନ୍ତି। ତେଣୁ ରାଷ୍ଟ୍ରପତିଙ୍କ ସମେତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ବିଚାରପତି ପଦବୀ ପୂରଣ ସଂକ୍ରାନ୍ତ ଦାବି ଉପସ୍ଥାପନ କରିଛନ୍ତି। କେତେକ ପୁରୁଖା ଆଇନ୍‌ଜୀବୀ କହୁଛନ୍ତି ଯେ ଓଡ଼ିଶା ହାଇକୋର୍ଟରେ ଥିବା ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀଗୁଡ଼ିକ ବର୍ଷ ବର୍ଷ ଧରି ଖାଲି ରଖାଯିବା ଫଳରେ ଅନ୍ୟ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ଓ ସୁପ୍ରିମକୋର୍ଟର ବିଚାରପତି ପଦବୀରେ ଓଡ଼ିଶା ହାଇକୋର୍ଟର ପ୍ରତିନିଧିତ୍ୱ ବର୍ଷ ବର୍ଷ ଧରି ରହୁନାହିଁ। ଅତୀତରେ ଓଡ଼ିଶା ହାଇକୋର୍ଟର ଅନେକ ବିଚାରପତି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ ଦକ୍ଷତା ଓ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଷ୍ଟିସ ରଙ୍ଗନାଥ ମିଶ୍ର, ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକ ଓ ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନାମ ଉଲ୍ଲେଖନୀୟ। ପୁରୁଖା ଆଇନ୍‌ଜୀବୀମାନେ କହୁଛନ୍ତି ଯେ ଅଦାଲତ ଅବମାନନା ମାମଲା ଚାପରେ କେତେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜନୈତିକ ନେତାଙ୍କୁ ପ୍ରଭାବିତ କରି ସ୍ୟାଟ୍ ଉଚ୍ଛେଦ କରିବାରେ ସଫଳ ହୋଇଥିଲେ। ଯଦି ସେମାନଙ୍କର କ୍ଷମତା ଥାନ୍ତା ତେବେ ସେମାନେ ଅନ୍ୟ ଅଦାଲତ ମଧ୍ୟ ଉଚ୍ଛେଦ କରିପାରନ୍ତେ। ରାଜ୍ୟର ସ୍ୱାର୍ଥ ଓ ଓଡ଼ିଆ ଅସ୍ମିତା ପାଇଁ ତୁରନ୍ତ ଓଡ଼ିଶା ହାଇକୋର୍ଟରେ ଖାଲି ପଡିଥିବା ସମସ୍ତ ବିଚାରପତି ପଦବୀ ପୂରଣ କରିବା ସହ ପୁନର୍ବାର ସ୍ୟାଟ୍ ପ୍ରତିଷ୍ଠା କରିବା ପାଇଁ ପୁରୁଖା ଓକିଲମାନେ ମତ ଦେଇଛନ୍ତି। (ତଥ୍ୟ)

ଶ୍ରୀମନ୍ଦିର ସୁରକ୍ଷାରେ ବଡ଼ ତ୍ରୁଟି

## ମନ୍ଦିର ଉପରକୁ ଚଢ଼ିଗଲେ ଯୁବକ

ପୁରୀ,୧୭।୮ (ସଂଚାର ବ୍ୟୁରୋ): ଦ୍ୱାଦଶ ଶତାବ୍ଦୀର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଛି। ସୋମବାର ଜଣେ ଅଚିହ୍ନା ଯୁବକ ଶ୍ରୀମନ୍ଦିରର କଡ଼ା ସୁରକ୍ଷା ବଳୟକୁ ଭେଦ କରି ସିଧାସଳଖ ମନ୍ଦିର ଉପରକୁ ଚଢ଼ିଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମନ୍ଦିର ପରିସରରେ ଥିବା ସେବାୟତ ଓ ଶ୍ରଦ୍ଧାଳୁମାନେ ହଠାତ୍ ଜଣେ ବ୍ୟକ୍ତିଙ୍କୁ ମନ୍ଦିର ଉପରେ ବୁଲୁଥିବାର ଦେଖି ଆତଙ୍କିତ ହୋଇପଡ଼ିଥିଲେ। ଖବର ପାଇବା ମାତ୍ରେ ପୁଲିସ ଓ ମନ୍ଦିର ପ୍ରଶାସନର ଏକ ମିଳିତ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ବେଶ୍ କିଛି ସମୟର ଉଦ୍ୟମ ପରେ ଯୁବକ ଜଣଙ୍କୁ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇ ଆଣିବାରେ ସେମାନେ ସଫଳ ହୋଇଥିଲେ। ଏହାପରେ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ନିଜ ହେପାଜତକୁ ନେଇ ସିଂହଦ୍ୱାର ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ଯୁବକ ଜଣକ କିଏ, ସେ କେଉଁଠାରୁ ଆସିଛନ୍ତି ଏବଂ କେଉଁ ଉଦ୍ଦେଶ୍ୟରେ ମନ୍ଦିର ଉପରକୁ ଚଢ଼ିଥିଲେ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

## ୧୬ ବର୍ଷ ବୟସରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

ନୂଆଦିଲ୍ଲୀ, ୧୭।୮: ଯେଉଁ ବୟସରେ ଅଧିକାଂଶ କିଶୋର-କିଶୋରୀ ନିଜର କ୍ୟାରିୟର୍ ବାଛିବାରେ ବ୍ୟସ୍ତ ଥାଆନ୍ତି, ସେହି ବୟସରେ ଲକ୍ଷ୍ମଣନ୍ ମେୟାପ୍ପନ୍ ନିଜର ଆକାଉଣ୍ଟିଂ ପାଠପଢ଼ା ଶେଷ କରିସାରିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ୧୬ ବର୍ଷ ୧୪୧ ଦିନ ବୟସରେ ସେ ବିଶ୍ୱର ସବୁଠାରୁ କମ୍ ବୟସ୍କ ପୁରୁଷ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବରେ ସ୍ୱୀକୃତି ପାଇଛନ୍ତି। କୋଭିଡ୍-୧୯ ମହାମାରୀ ସମୟରେ, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଶେଷ ହେବା ମାତ୍ରେ ତାଙ୍କର ଅର୍ଥଶାସ୍ତ୍ର ଓ ଆକାଉଣ୍ଟିଂ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ୧୫ ବର୍ଷ ବୟସରେ ସେ ଏସିସିଏ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ ଏବଂ ପ୍ରାୟ ବର୍ଷକ ମଧ୍ୟରେ ଏହାକୁ ସଫଳତାର ସହ ଉତ୍ତୀର୍ଣ୍ଣ କରିଥିଲେ। ଏହି ସଫଳତା ପରେ ମଧ୍ୟ ମେୟାପ୍ପନ୍ ନିଜର ଶିକ୍ଷାଗତ ଏବଂ ବ୍ୟାବସାୟିକ ଦକ୍ଷତା ବୃଦ୍ଧି କରିବା ଜାରି ରଖିଛନ୍ତି।

# ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥା ଶୋଚନୀୟ




- ଆରୋଗ୍ୟ କେନ୍ଦ୍ର ନୁହେଁ, ପାଲଟିଛି ରୋଗର ଆଡ୍ଡା
- ଜମୁଛି ବର୍ଷା ପାଣି, ବଢୁଛି ଡେଙ୍ଗୁ-ମ୍ୟାଲେରିଆର ଡର
- ସରକାରୀ ବ୍ଲିଚିଂ ହେଉଛି ବାଟମାରଣା
- ଅଧିକାରୀଙ୍କ ଅବହେଳାରୁ ଅପରିଷ୍କାର ହୋଇପଡିଛି

**କାକଟପୁର/ଅସ୍ତରଙ୍ଗ,୧୭।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧୫ଟି ପଞ୍ଚାୟତର ଲକ୍ଷାଧିକ ଲୋକଙ୍କ ଜୀବନ ସହିତ ଜଡିତ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥା ବର୍ତ୍ତମାନ ଶୋଚନୀୟ। ଯେଉଁଠି ଲୋକେ ରୋଗରୁ ମୁକ୍ତି ପାଇବା ଆଶାରେ ଆସନ୍ତି, ସେହି ମେଡିକାଲ ପରିସର ହେଉ କି ପ୍ରବେଶ ଦ୍ୱାର ଏବେ ନିଜେ ସଂକ୍ରମଣର ଆଖୁଡା ପାଲଟିଛି। ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଚିକିତ୍ସା କେନ୍ଦ୍ରଟି ରୋଗର କାରଖାନାରେ ପରିଣତ ହୋଇଛି।

ଅଳ୍ପ ବର୍ଷା ହେଲେ ହିଁ ସମ୍ପୂର୍ଣ୍ଣ ମେଡିକାଲ ପରିସର ଓ ଫାଟକ ନିକଟରେ ପାଣି ଜମି ରହୁଛି। ସଫା ହେଉନଥିବାରୁ ଏହି ଜମା ପାଣି ସପ୍ତାହେ ଧରି ପଡି ରହୁଛି। ପରିସରର ଚାରିପାଖରେ ଆବର୍ଜନା ଓ କାଦୁଅର ସାମ୍ରାଜ୍ୟ। ଏହି ପାଣିରେ ମଶା ଓ ଜୀବାଣୁ ବେଫିକର ବଂଶବୃଦ୍ଧି କରୁଛନ୍ତି। ଫଳରେ ଡେଙ୍ଗୁ, ମ୍ୟାଲେରିଆ, ଜ୍ୱର, ଡାଇରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଗଭୀର ହୋଇଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ତାଙ୍କ ପରିଜନ ପାଣି ମାଡି ମେଡିକାଲ ଭିତରକୁ ଯିବାକୁ ବାଧ୍ୟ ହେଉଛନ୍ତି।

ସବୁଠୁ ଗମ୍ଭୀର ଅଭିଯୋଗ ଆସିଛି ସରକାରୀ ବ୍ଲିଚିଂ ପାଉଡରକୁ ନେଇ। ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପ୍ରତି ସପ୍ତାହରେ ମେଡିକାଲ ପରିସର ଓ ଆଖପାଖ ଅଞ୍ଚଳରେ ବ୍ଲିଚିଂ ସିଞ୍ଚନ ହେବା କଥା। କିନ୍ତୁ ବାସ୍ତବରେ ତାହା ହେଉନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସରକାରୀ ବ୍ଲିଚିଂ ବସ୍ତା ସିଧା କର୍ମଚାରୀଙ୍କ ଘରକୁ ଯାଉଛି କିମ୍ବା ଅସ୍ତରଙ୍ଗ ବଜାରରେ ଖୋଲାଖୋଲି ବିକ୍ରି ହେଉଛି। କେବଳ ଉଚ୍ଚ ଅଧିକାରୀ ଆସିଲେ କିମ୍ବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ଦୁଇ-ଚାରି ମୁଠା ବ୍ଲିଚିଂ ପଡୁଛି। ଫଳରେ ବିଭିନ୍ନ ପଂଚାୟତ ବ୍ଲିଚିଂ ଅଭାବରୁ ଅସୁବିଧାରେ ପଡୁଛନ୍ତି।

ଏହି ଅବ୍ୟବସ୍ଥା ପାଇଁ ମୁଖ୍ୟତଃ ସିଏଚସିର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ଅଭିଯୋଗ ହେଲା, ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ରହିବା ଯୋଗୁଁ ତାଙ୍କ ମଧ୍ୟରେ ଖାମଖିଆଲି ଆସିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ହସ୍ତକ୍ଷେପ କରି ପାଣି ନିଷ୍କାସନ ବ୍ୟବସ୍ଥା ଓ ବ୍ଲିଚିଂ ସିଞ୍ଚନ କରିବା ସହ ଦୋଷୀ କର୍ମଚାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନନେଲେ ଆଗାମୀ ଦିନରେ ଏହି ମେଡିକାଲ ଏକ ବଡ ମହାମାରୀର କାରଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## କୁକୁଡ଼ା ଭାଡ଼ିରୁ ଅଜଗର ଉଦ୍ଧାର



**ନୀଳଗିରି,୧୭।୮ (ସଂଚାର ବ୍ୟୁରୋ):** ନୀଳଗିରି ଏନ୍ଏସି ଅଧୀନ ୪ ନମ୍ବର ୱାର୍ଡ ମିରିଗିଣି ଗ୍ରାମରୁ ପ୍ରାୟ୮ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି । ସାପଟି ଉକ୍ତ ଗ୍ରାମର ପ୍ରଦୀପ କୁମାର ପ୍ରଧାନଙ୍କ କୁକୁଡ଼ା ଭାଡି ଭିତରେ ପଶି ୭ଟି ଅଣ୍ଡା ଖାଇବା ସହ ଦୁଇଟି କୁକୁଡ଼ାକୁ ଗିଳି ଦେଇଥିଲା। ଶ୍ରୀ ପ୍ରଧାନ କୁକୁଡ଼ା ଭାଡି ମଧ୍ୟରେ ଏତେ ବଡ଼ ଓ ମୋଟା ସାପ ଦେଖି ଭୟରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ। ଶ୍ରୀ ରାଉତ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ବନବିଭାଗକୁ ହସ୍ତାନ୍ତର କରିଥିଲେ। ପରେ ସାପଟିକୁ କୁଲଡିହା ଜଙ୍ଗଲ ମଧ୍ୟରେ ଛାଡ଼ିଦିଆଯାଇଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରୀ ଭୁଷି ହତ୍ୟା ଅଭିଯୋଗ



**ବୋରିଗୁମ୍ମା, ୧୭।୮ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବି.ସିଂହ ପୁର ଥାନା କାମତା ପଞ୍ଚାୟତ ସଦରରେ ଘଟିଛି ଏକ ଅଭାବନୀୟ ଘଟଣା। ଗାଁର ସୋନୁ ଜାନି (୪୪) ଜଗବନ୍ଧୁ କମାର (୩୫)କୁ ରବିବାର ରାତିରେ ଛୁରୀରେ ଭୂଷି ହତ୍ୟା କରିଥିବା ଅଭିଯୋଗ ହୋଇଛି | ସୋନୁ ଜାନି ନାମକ ବ୍ୟକ୍ତି ଘରେ ଘୁଷୁରୀ ରଖିଥିବାବେଳେ ପ୍ରତିଦିନ ଘୁଷୁରୀ ପଲ ପଡୋଶୀରେ ରହୁଥିବା ରଘୁନାଥ କମାର ଘରକୁ ଯାଇ ଅଳିଆ ଆବର୍ଜନା କରୁଥିଲେ, ସେନେଇ ଦୁଇ ପରିବାର ମଧ୍ୟରେ ଝଗଡା ଲାଗିରହିଥିଲା | ଗତ କିଛିମାସ ପୂର୍ବେ ମଧ୍ୟ ସୋନୁ ଜାନି ମୃତ ଯୁବକ ଜଗବନ୍ଧୁ କମାର ଓ ବାପା ରଘୁନାଥ କମାରଙ୍କୁ ଆକ୍ରମଣ କରି ଜେଲ ଯାଇଥିଲା। ଜେଲରୁ ଫେରିବା ପରେ ସୋନୁ ପ୍ରତିଶୋଧ ପାରାୟଣ ହୋଇ ଗତକାଲି ରାତି ୧୧ଟା ସମୟରେ ପୁଣି ପୂର୍ବ କଥାକୁ ବଚସା ଆରମ୍ଭ କରି ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଛୁରୀରେ ପୁଅ ଜଗବନ୍ଧୁକୁ ପେଟରେ ଆକ୍ରମଣ କରି ହତ୍ୟା କରିବା ପରେ ବାପା ରଘୁନାଥକୁ ମଧ୍ୟ ଆକ୍ରମଣ କରିଥିଲା। ପରିବାର ଲୋକେ ଖବରପାଇ ଘଟଣା ସ୍ଥଳରେ ପହଁଚି ଜଗବନ୍ଧୁକୁ ଉଦ୍ଧାର କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ | ଥାନାରେ ଲିଖିତ ଅଭିଯୋଗ ପରେ ବି. ସିଂହପୁର ଥାନା ଅଧିକାରୀ ପ୍ରମୋଦ କୁମାର ନାୟକଙ୍କ ନେତୃତ୍ୱରେ ପୁଲିସ ଟିମ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଅଭିଯୁକ୍ତ ସୋନୁ ଜାନିକୁ ଗିରଫ କରାଯାଇ ଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




**ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି, ୧୭।୮ (ସଂଚାର ବ୍ୟୁରୋ):** ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ କଶ୍ୟପ ପାର୍ଥ ଜଗଦୀଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥାଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୀରା ନାୟକ,ବି ଡି ଓ ମନୋଜ କୁମାର ପାଣିଗ୍ରାହୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ଅଭିଯୋଗ ୫୨ଟି ଆସିଥିଲା।ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୨ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବନ୍ଧିତ ଥିଲା। ସମସ୍ୟା ଗୁଡ଼ିକ ମଧ୍ୟରୁ ପୁଜାରୀ ଗୁଡା ଠାରୁ ଅଞ୍ଚଳଗୁମା,ହିର୍ମିମୁଣ୍ଡା ଠାରୁ ଭିତର ମେଂଗ୍ରା ରାସ୍ତା ମରାମତି,ନିଉକ୍ଲିଇର ପ୍ଲାଣ୍ଟ ନିର୍ମାଣ କୁ ସ୍ଥାନୀୟ ବାସିନ୍ଦା ବିରୋଧ,ମଦ ବିରୋଧ ମହିଳା, ପେନସନ,ରାସନ କାର୍ଡ ଭଳି ଅଭିଯୋଗ ଆସିଥିଲା ଏବଂ ୨ଗୋଟି ତତକାଳ ସମାଧାନ ହେଇଥିଲା।

## ଟିଚ୍ କନ୍ଧମାଳ: ବିଦ୍ୟାଳୟରେ ପହଞ୍ଚିଲେ ଜିଲ୍ଲାସ୍ତରୀୟ ଅଧିକାରୀ



**ଫୁଲବାଣୀ,୧୭।୮ (ସଂଚାର ବ୍ୟୁରୋ):** ବିଦ୍ୟାଳୟର ଚାରିକାନ୍ଥ ଭିତରେ ସୀମିତ ନରହି ଶିକ୍ଷା ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ କନ୍ଧମାଳ ଜିଲ୍ଲାରେ ଆରମ୍ଭ ହୋଇଛି ଅଭିନବ ପଦକ୍ଷେପ 'ଟିଚ୍ କନ୍ଧମାଳ'। ଏହି ପଦକ୍ଷେପ ଅଧୀନରେ ସୋମବାର ବାଲିଗୁଡ଼ା ବ୍ଲକ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଥିଲେ ଜିଲ୍ଲାସ୍ତରୀୟ ଅଧିକାରୀମାନେ। ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ଶିକ୍ଷକଙ୍କ ନିକଟରେ ପହଞ୍ଚି ଶିକ୍ଷାଦାନର ବିଭିନ୍ନ ଦିଗ ଅନୁଧ୍ୟାନ କରିବା, ସମସ୍ୟା ଚିହ୍ନଟ କରିବା ଏବଂ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ସହ ଜଡ଼ିତ ହିତଧାରୀଙ୍କୁ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ୨୦୨୬-୨୭ ଶିକ୍ଷାବର୍ଷରୁ ଏହାକୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ପ୍ରାତଃ ସମାବେଶ, ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି, ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ବିଶେଷକରି ଶୌଚାଳୟର ପରିଚ୍ଛନ୍ନତା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଦି ଯାଞ୍ଚ କରିଥିଲେ। ଏଥିସହ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷା ପରିବେଶର ଉନ୍ନତି ପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ।

ବାଲିଗୁଡ଼ା ବ୍ଲକରେ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ମୋଟ ୧୯ଟି ବିଦ୍ୟାଳୟକୁ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ପରିଦର୍ଶନ ନିମନ୍ତେ ଆବଣ୍ଟନ କରାଯାଇଥିଲା। ତାଲିକାରେ ଜିଲ୍ଲାପାଳ ଦେବେଭୂଷଣ , ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ , ପ୍ରଶିକ୍ଷଣରତ ଆଇ ଏ ଏସ ଯଶକରଣ ସିଂ, ଡିଏଫଓ, ଉପଜିଲ୍ଲାପାଳ ପ୍ରଣୀତା ଦାସ, ପିଡି-ଡିଆରଡିଏ, ଜିଲ୍ଲା ଶିକ୍ଷା ଅଧିକାରୀ, ପିଏଆଇଟିଡିଏଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ।

## କ୍ରୀଡ଼ା ହଷ୍ଟେଲରେ ନୂତନ କ୍ରୀଡ଼ାବିତ୍‌ଙ୍କୁ ସ୍ୱାଗତ



**ମାଲକାନଗିରି, ୧୭।୮ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କ୍ରୀଡ଼ା ହଷ୍ଟେଲ ପରିସରରେ ନୂତନ ଭାବେ ଯୋଗ ଦେଇଥିବା କ୍ରୀଡ଼ା ଛାତ୍ରମାନଙ୍କ ପାଇଁ ଏକ ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ନୂତନ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ତୀରନ୍ଦାଜୀ, ଭଲିବଲ୍ ଏବଂ ଆଥଲେଟିକ୍ସ ବିଭାଗର ପ୍ରତିଭାବାନ କ୍ରୀଡ଼ାବିତମାନେ ଏହି ହଷ୍ଟେଲରେ ନିଜର ନାମଭୁକ୍ତ କରିଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ହଷ୍ଟେଲର ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ହଷ୍ଟେଲର ସମସ୍ତ କର୍ମଚାରୀ ଓ ପ୍ରଶିକ୍ଷକ ଉପସ୍ଥିତ ରହି ଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ।

କ୍ରୀଡ଼ାବିତମାନଙ୍କୁ ପ୍ରେରଣା ଦେଇ ଜିଲ୍ଲାପାଳ କହିଛନ୍ତି, ଖେଳ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଅନୁଶାସନ ଏବଂ କଠିନ ପରିଶ୍ରମର ପ୍ରତୀକ। ମାଲକାନଗିରି ମାଟିରୁ ଅନେକ ପ୍ରତିଭା ବାହାରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ମୋର ଦୃଢ଼ ବିଶ୍ୱାସ, ଆପଣମାନେ ଏହି ଅନୁକୂଳ ପରିବେଶର ସଦୁପଯୋଗ କରି ଆଗାମୀ ଦିନରେ ଜିଲ୍ଲା ତଥା ସମଗ୍ର ଓଡ଼ିଶା ରାଜ୍ୟ ପାଇଁ ଗୌରବ ଓ ଗୌରବମୟ ସଫଳତା ଆଣିବେ। ଏହି ହଷ୍ଟେଲରେ ରହି ଉଚ୍ଚକୋଟୀର ପ୍ରଶିକ୍ଷଣ ପାଇବା ଦ୍ୱାରା ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଏହି ଯୁବ ପ୍ରତିଭାମାନେ ଆଧୁନିକ ଖେଳ ଉପକରଣ, ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ଏବଂ ଅଭିଜ୍ଞ କୋଚ୍‌ଙ୍କ ଦ୍ୱାରା ଉନ୍ନତ ମାନସିକ ଓ ଶାରୀରିକ ତାଲିମ ପାଇପାରିବେ। ଏହା ସେମାନଙ୍କର ଶାରୀରିକ ସ୍ୱାସ୍ଥ୍ୟର ବିକାଶ କରିବା ସହ ଛାତ୍ରମାନଙ୍କ ମଧ୍ୟରେ ସମୟାନୁବର୍ତ୍ତିତା, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବ। ଏହି ସୁବିଧା ଏବଂ ତାଲିମ କ୍ରୀଡ଼ାବିତମାନଙ୍କୁ ଭବିଷ୍ୟତରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜର କ୍ୟାରିୟର ଗଢ଼ିବାରେ ସହାୟକ ହେବ ଏବଂ ମାଲକାନଗିରି ତଥା ସମଗ୍ର ଓଡ଼ିଶା ପାଇଁ ଚାମ୍ପିଅନ୍ସ ପ୍ରସ୍ତୁତ କରିବାରେ ବଡ଼ ଭୂମିକା ଗ୍ରହଣ କରିବ।

## ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଛତ୍ରପୁର, ୧୭।୮ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଗଞ୍ଜାମ ମହାବିଦ୍ୟାଳୟର 'ଶକ୍ତିଶ୍ରୀ ସେଲ୍' ଆନୁକୂଲ୍ୟରେ ଛାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ



ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତି କେନ୍ଦ୍ରର ସଂଯୋଜିକା ଡ. ଅନିତା ଦଳାଇ ଏବଂ ସହ-ସଂଯୋଜିକା ସୁଶ୍ରୀ ଅରୁନ୍ଧତୀ ସିଂହଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଏହି ଶିବିର ପରିଚାଳିତ ହେଉଛି। ଏଥିରେ ମୋଟ ୭୮ ଜଣ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା କୌଶଳ ଶିକ୍ଷା କରୁଛନ୍ତି। ପ୍ରଶିକ୍ଷିକା ଭାବେ ସୁଶ୍ରୀ ମାମିନା ରାଣୀ ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରତିରକ୍ଷା ଓ ସୁରକ୍ଷା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଛନ୍ତି।

## ହାତୀ ଆକ୍ରମଣରେ ଯୁବକ ମୃତ



**ଢେଙ୍କାନାଳ, ୧୭।୮ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ହାତୀ ମୃତ୍ୟୁ, ହାତୀ ଆକ୍ରମଣରେ ମଣିଷ ମୃତ୍ୟୁ ଥମିବାର ନାମ ନେଉନି। ଗତକାଲି ଗୋଟିଏ ହାତୀର ମୃତଦେହ ଉଦ୍ଧାର ହୋଇଥିବାବେଳେ ଆଜି ହାତୀ ଆକ୍ରମଣରେ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁରବିଟ ଅନ୍ତର୍ଗତ ଗୁଳେହି ପଂଚାୟତ ଚନ୍ଦ୍ରଶେଖରପୁର ଗ୍ରାମର ଭାସ୍କର ସାହୁଙ୍କ ପୁଅ ଜିତେନ୍ଦ୍ର ସାହୁ(୩୦) ଆଜି ସକାଳ ୧୧ଘଣ୍ଟା ସମୟରେ ଗ୍ରାମ ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇ ଫେରୁଥିବା ସମୟରେ ନିକଟ କାଜୁ ବଗିଚାରେ ଥିବା ହାତୀ ପଲରୁ ଗୋଟିଏ ହାତୀ ହଠାତ ଦୌଡ଼ି ଆସି ଜିତେନ୍ଦ୍ରଙ୍କୁ ଶୁଣ୍ଢରେ ଟେକି କଚାଡି ଦେବା ସହ ଗୋଡ଼ରେ ଦଳି ଦେବାରୁ ଜିତେନ୍ଦ୍ରର ଗୋଟିଏ ଗୋଡ଼ ଛିଣ୍ଡିଯାଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ଖବରପାଇ ଗ୍ରାମବାସୀ ଜିତେନ୍ଦ୍ରକୁ ଉଦ୍ଧାର କରିଥିବା ବେଳେ ହିନ୍ଦୋଳ ବନବିଭାଗ ଅଧିକାରୀ ତ୍ରିଲୋଚନ ଦେହୁରୀ ଓ ବାଲିମି ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି। ତେବେ ମୃତକ ଜିତେନ୍ଦ୍ରଙ୍କ ପରିବାରକୁ ଅନୁକମ୍ପା ମୂଳକ ୧ଲକ୍ଷ ଟଙ୍କା ତୁରନ୍ତ ପ୍ରଦାନ ସହ ବକେୟା କ୍ଷତିପୂରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରଦାନ କରାଯିବ ବୋଲି ବ ନବିଭାଗ ଅଧିକାରୀ ପ୍ରକାଶ କରିବା ସହ ପ୍ରତିଶ୍ରୃତି ଦେଇଥିବା ଜଣାପଡିଛି।

## କନଷ୍ଟେବଲଙ୍କ ମୃତଦେହ ଉଦ୍ଧାର



**ଢେଙ୍କାନାଳ, ୧୭।୮ (ସଂଚାର ବ୍ୟୁରୋ):** ଢେଙ୍କାନାଳ ସହରର ବିଲ ସାହିରେ ଏକ ଭଡା ଘରେ ରହୁଥିବା ଜଣେ ଓଏପିଏଫ୍ କନେଷ୍ଟବଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ କନେଷ୍ଟବଳ ଗଜପତି ଜିଲ୍ଲା କତମା ସିଙ୍ଗିର ଶଙ୍କର ପ୍ରଧାନ । ତାଙ୍କ ମୃତଦେହ ସେ ରହୁଥିବା ଭଡା ଆଜବେଷ୍ଟସ ଘରର ରୋଷେଇ ଘରୁ ଜବତ କରାଯାଇଛି। ରୋଷେଇ ଘର ଉପର ଲୁହା ବିମ ରେ ବେକରେ ଗାମୁଛା ଫାଶି ଲାଗି ଝୁଲୁଥିବା ଦେଖିବାକୁ ମିଳିଥିଲା। ଟାଉନ ପୁଲିସ ପହଂଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ସଠିକ କାରଣ ଜଣା ପଡିନାହିଁ । ତେବେ ଶଙ୍କର ମଦ୍ୟ ପାନ ଜନିତ କାରଣରୁ ଗତ ବର୍ଷେ ହେଲା ନିଲମ୍ବିତ ହୋଇଥିବା ଜଣାପଡିଛି। ଗତ ରାତିରେ ସେ ପରିବାର ସହିତ ଝଗଡା କରିଥିଲେ। ଏପରିକି ତାଙ୍କ ପତ୍ନୀ ଓ ପିଲା ଛୁଆଙ୍କୁ ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ। ଫଳରେ ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଛି।

## ସୁରତରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ, ୧୭।୮ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଖରିଡ଼ା ଗାନ୍ଧୀ ନଗର ସାହିର ନିରବେହେରା (୪୫) ସୁରତରେ କାର୍ଯ୍ୟ କରିବାକୁ ଯାଇ ସେଠାରେ ମୃତ୍ୟୁ ଘଟିଛି | ସକାଳେ ତାଙ୍କ ଶବ ଗ୍ରାମରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି | ଦୁଇଦିନ ତଳେ ପୁଅ ସହ ଭିଡିଓ କଲରେ କଥା ହୋଇ ଶୋଇ ପଡ଼ିଥିଲେ। ସକାଳେ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବିଡିଓ ସାଗରୀକା ଷଡ଼ଙ୍ଗୀ ଓ ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା ପହଞ୍ଚି ରେଡ଼କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଛନ୍ତି |

## ପୁରୀ ଜିଲ୍ଲା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ପୁନର୍ଗଠନ




**ପୁରୀ, ୧୭।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ପୁନର୍ଗଠନ କରାଯାଇଛି। ରବିବାର କୁଳମଣି ଭବନଠାରେ ୨୦୦୪ରୁ ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଚ୍‌ର ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମିଳିତ ଉଦ୍ୟମରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବୈଠକରେ ଗୋପୀନାଥପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ତରାଇ ମୁଖ୍ୟ ଅତିଥି ଏବଂ ତାପସ କୁମାର ପ୍ରିୟଦର୍ଶନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଚନ୍ଦ୍ରକାନ୍ତ ପଣ୍ଡା ବୈଠକରେ ସଭାପତିତ୍ୱ କରିବା ସହ ସୁପରିଚାଳନା କରିଥିଲେ।

ବୈଠକରେ ସର୍ବସମ୍ମତିକ୍ରମେ ପୁରୀ ଜିଲ୍ଲା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚନ୍ଦ୍ରକାନ୍ତ ପଣ୍ଡାଙ୍କୁ ସଭାପତି ଏବଂ ରଞ୍ଜନ ସେଠୀଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଶଶାଙ୍କ ଜେନା, ପ୍ରତାପ କୁମାର ସାହୁ, ଶ୍ୟାମାଳିନା ଦାଶ, କୈଳାସ ସେଠୀ, ଦେବାଶିଷ ପଣ୍ଡା ଓ ଆଶିଷ କୁମାର ସେଠୀଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଛି।

ସେହିପରି ସୁଚିତ୍ରା ସ୍ୱାଇଁ, ସୋମନାଥ ରାଉତ ଓ ମିଥୁନ ହରିଚନ୍ଦନଙ୍କୁ କାର୍ଯ୍ୟକାରୀ ସଭାପତି, ସୁଚିସ୍ମିତା ସାହୁଙ୍କୁ କୋଷାଧ୍ୟକ୍ଷ ଏବଂ ଗୌତମ ମହାପାତ୍ର ଓ ଅର୍ଜୁନ ବେହେରାଙ୍କୁ ଉପକୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଅସିତ କୁମାର ଦାଶଙ୍କୁ ମିଡିଆ ସମ୍ପାଦକ ଏବଂ ପବିତ୍ର କୁମାର ରାଉଳଙ୍କୁ ସହ-ମିଡିଆ ସମ୍ପାଦକ ଦାୟିତ୍ୱ ମିଳିଛି।

ସଂଗଠନ ସମ୍ପାଦକ ଭାବେ ସନ୍ତୋଷ କୁମାର କୁଣ୍ଡୁ, ରଜନୀକାନ୍ତ ସାମଲ, ଚିତ୍ତରଞ୍ଜନ ସାହୁ, କୁଳମଣି ପାଣିଗ୍ରାହୀ ଓ ଟି. ତ୍ରିନାଥ ରାଓଙ୍କୁ ଚୟନ କରାଯାଇଥିବା ବେଳେ ମିତାଲୀ ମଧୁସ୍ମିତା ମିଶ୍ର ଓ ସୁଶାନ୍ତ କୁମାର ସାହୁଙ୍କୁ ଲିଗାଲ୍ ଆଡଭାଇଜର ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ମହିଳା ପ୍ରତିନିଧି ଭାବେ ପ୍ରିୟଦର୍ଶିନୀ ଜାଲି, ବିଜୟିନୀ ମିଶ୍ର ଓ ବିଜୟଲକ୍ଷ୍ମୀ ପାତ୍ରଙ୍କୁ ଚୟନ କରାଯାଇଛି। ସଂଘର ଉପଦେଷ୍ଟା ଭାବେ ସୁରେନ୍ଦ୍ର କୁମାର ତରାଇ, ତାପସ କୁମାର ପ୍ରିୟଦର୍ଶନ, ଶଙ୍କର ସୁବୁଦ୍ଧି ଓ ପ୍ରଦୀପ୍ତ କୁମାର ବେହେରାଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟା, ଅଧିକାର ଓ ସ୍ୱାର୍ଥ ସୁରକ୍ଷା ଦିଗରେ ସଂଗଠିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ।

## ଆଇନଜୀବୀ ସମେତ ପରିବାରର ୪ ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ



**ନୀଳଗିରି, ୧୭।୮ (ସଂଚାର ବ୍ୟୁରୋ):** ନୀଳଗିରି ମେଡିକାଲରୁ ଡ଼ିସଚାର୍ଜ ହୋଇ ଘରକୁ ଯିବା ବେଳେ ନିଛାଟିଆ ରାସ୍ତାରେ ଜଣେ ଆଇନଜୀବୀଙ୍କ ସମେତ ପରିବାରର ୪ସଦସ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଆକ୍ରମଣକାରୀ ମାନଙ୍କୁ କାବୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଉକ୍ତ ଘଟଣାକୁ ନେଇ ଆଇନଜୀବୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ସୂଚନା ଯୋଗ୍ୟ ନୀଳଗିରି ଥାନା ଅଧିନସ୍ଥ ଦକ୍ଷିଣ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ପୂବଗଡ଼ିଆ ଗ୍ରାମର ଭାଗିରଥି ରାଉତଙ୍କ ପୁଅ ଅରୁଣ କୁମାର ରାଉତ(୪୪)ଙ୍କ ସ୍ତ୍ରୀ ଦେହ ଖରାପ ଥିବାରୁ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ତ୍ରୀ ସୁସ୍ଥ ହେବାପରେ ଗତ ୧୫ ତାରିଖ ଦିନ ଅରୁଣ, ତାଙ୍କ ସ୍ତ୍ରୀ, ପିଉସୀ ଓ ସାନ ଭାଇ ମିଶି ଏକ କାର ଯୋଗେ ଘରକୁ ଫେରୁଥିବା ବେଳେ ରାତ୍ରି ପ୍ରାୟ ୯.୩୦ମିନିଟ ସମୟରେ ରାଜନଗର-ପୂବଗଡ଼ିଆ ଗ୍ରାମର ମଝି ରାସ୍ତା ପାଖରେ ଥିବା ହନୁମାନ ମନ୍ଦିର ପାଖରେ ନିଛାଟିଆ ହୋଇଥିବାରୁ ୫ଜଣ ଅସାମାଜିକ ବ୍ୟକ୍ତି ହାତରେ ମାରଣାସ୍ତ୍ର ଧରି କାରକୁ ଅଟକାଇ ଥିଲେ। ଅରୁଣ ଭୟଭୀତ ହୋଇ ଗାଡିରୁ ଓହ୍ଲାଇବାରୁ ବନେଟ ଉପରେ ପକାଇ ନିସ୍ତୁକ ମାଡ ମାରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଉକ୍ତ ଦୁର୍ବୃତ୍ତଙ୍କୁ କାବୁକରି ପୁଲିସକୁ ଖବର ଦେଇଥିଲେ। ତେବେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ସମସ୍ତଙ୍କୁ ନୀଳଗିରି ଥାନାକୁ ଆଣି ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଏନେଇ ଥାନା ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ୩୭୪/୨୬ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ଉକ୍ତ ଘଟଣା ପଚାରିତ ହେବା ପରେ ଆଜି ନୀଳଗିରି ଉପଖଣ୍ଡ ବାର ଆସୋସିଏସନ ଓ ନୀଳଗିରି ବାରଆସୋସିଏସନ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ପୁଲିସକୁ ଜଣାଇଛନ୍ତି।

## ରେଲୱେ-ଗଣେଶ ବଜାର ରାସ୍ତାରେ ବଡ଼ ଖାଲ

**ଯାଜପୁରରୋଡ଼,୧୭।୮(ସଂଚାରବ୍ୟୁରୋ):** ବ୍ୟାସନଗରପୌରାଂଚଳ ସହରର ଯାଜପୁର ରୋଡ଼ ମେଡିକାଲକୁ ସଂଯୋଗ କରୁଥିବା ରେଲୱେ -ଗଣେଶ ବଜାର ରାସ୍ତାଟି ବ୍ୟସ୍ତବହୁଳ ରାସ୍ତା ଭାବରେ ପରିଚିତ। ଏହି ରାସ୍ତାଟିରେ ରାତିପାହିଲେ ସକାଳୁ ରାତି ୧୧ଟା ଯାଏଁ ବାଇକ, ଟେମ୍ପୋ,ଚାରିଚକିଆ, ସାଇକେଲ ଆଦି ଅହରହ ଚଳପ୍ରଚଳ ହୋଇଥାଏ। ଉକ୍ତ ରାସ୍ତାରେ ଏହି ସହରର ଅଗଣିତ ଜନସାଧାରଣ ନିର୍ଭରଶୀଳ । ତେବେ



ଦୁଃଖ, କ୍ଷୋଭ ଓ ପରିତାପର ବିଷୟ ଯେ ଉକ୍ତ ରାସ୍ତାରେ ହୋଇଥିବା ଦୁଇଟି ସ୍ଥାନରେ ବଡ଼ ବଡ଼ ଖାଲ ଯୋଗୁଁ ଏହି ରାସ୍ତାଟି ଲୋକଙ୍କ ପାଇଁ ଏବେ ମରଣଯନ୍ତା ପାଲଟିଛି । ବହୁ ସମୟରେ ଏହି ଖାଲରେ ଲୋକେ ପଡ଼ି ଯାଇ ଖଣ୍ଡିଆଖାବରା ହୋଇ ଯାଜପୁର ରୋଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପହଞ୍ଚୁଥିବା ନେଇ ଶୁଣିବାକୁ ମିଳୁଛି। ତେଣୁ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ପ୍ରଶାସନ ଏହି ସମ୍ବେଦନଶୀଳ ମରଣଯନ୍ତା ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ପକ୍ଷରୁ ଦାବି ହେଉଛି।

## ମୁକ୍ତା ଯୋଜନାରେ ହରିଲୁଟ୍ | ବର୍ଷା ଜଳ ଅମଳ ପ୍ରକଳ୍ପର ଚିହ୍ନବର୍ଣ୍ଣ ନାହିଁ



**କଳାହାଣ୍ଡି,୧୭।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର ସହରରେ ମୁକ୍ତା ଯୋଜନା ହରିଲୁଟ ହୋଇଥିବାବେଳେ ବର୍ଷା ଜଳ ଅମଳ ପ୍ରକଳ୍ପର ଚିହ୍ନବର୍ଣ୍ଣ ନାହିଁ। ବର୍ଷାଦିନେ ଜଳ ସଂରକ୍ଷଣ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଏସ୍‌ଏଚ୍‌ଜିମାନଙ୍କୁ ଠିକା ଦେଇ ଥିଲେ। କିନ୍ତୁ ଏହି ପ୍ରକଳ୍ପ କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଯୋଗୁଁ ଏହା କାମରେ ଆସୁନାହିଁ ।

ସୂଚନା ଯୋଗ୍ୟ, ଜିଲ୍ଲାର ସହରାଞ୍ଚଳ ବିକାଶ, ମହିଳା ସଶକ୍ତିକରଣ ଓ ଦିନ ମଜୁରିଆ ରୋଜଗାର ଯୋଗାଇବା ପାଇଁ ସହରାଞ୍ଚଳରେ ମୁକ୍ତା ଯୋଜନା ବା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା ଆରମ୍ଭ ହୋଇଥିଲା। ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳରେ ସାମଗ୍ରୀ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇଥିଲେ। ଭବାନୀପାଟଣା ପୌରପାଳିକାର ବେପରୁଆ ନୀତି ଯୋଗୁଁ ଏସଏଚଜି ଆଳରେ ଠିକାଦାର ପୋଷା ଯୋଗୁ ନିର୍ମାଣ କାର୍ଯ୍ୟରେ ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି।

ପୌରପାଳିକାର ୨୦ଟି ୱାର୍ଡରେ ମୁକ୍ତା ଯୋଜନାରେ ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୨ କୋଟି ୮୯ ଲକ୍ଷ୍ୟ ୫୬ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଭବାନୀପାଟଣା ପୌରପାଳିକା ପକ୍ଷରୁ ୨୦ଟି ୱାର୍ଡରେ ବିଭିନ୍ନ ଜାଗାରେ ୬୨୩ଟି ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ବିଭିନ୍ନ ଏସଏଚଜି ନାମରେ ସମୁଦାୟ ୩ କୋଟି ୨ ଲକ୍ଷ୍ୟ ୭୩ ହଜାର ୯୯୫ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରକଳ୍ପ ଗୁଡିକ ବର୍ତ୍ତମାନ ଚିହ୍ନବର୍ଣ୍ଣ ମିଳୁନାହିଁ । ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ବର୍ଷେ ନପୁରୁଣୁ ଭଙ୍ଗିରୁଜି ପଡ଼ିଥିବା ଦେଖିବାକୁ ମିଳିଛି।

ଗୋଟିଏ ସ୍ଥାନରେ ୪ରୁ ୫ଟି ବର୍ଷା ଜଳ ଅମଳ ପ୍ରକଳ୍ପ କରି ବିଲ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ୍ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହୁଥିବାବେଳେ ବର୍ଷା ଜଳ ଅମଳ ପ୍ରକଳ୍ପ ନଥିବା ଯୋଗୁଁ ଜଳ ସଂରକ୍ଷଣ କରାଯାଇ ପାରୁନଥିବା ସହରବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ବା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସହରବାସୀ ଦାବି କରିଛନ୍ତି।

## କୋଲକାତାରେ ଆଞ୍ଚଳିକ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ମିଳନୀ 'କୌଶଳ ମନ୍ଥନ'

# ଓଡ଼ିଶା ଦେଶର ପ୍ରମୁଖ ସ୍କିଲିଂ ହବ୍ ଭାବେ ଉଭା ହେଉଛି: ମନ୍ତ୍ରୀ




ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଦ୍ରୁତ ଗତିରେ ଦେଶର ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଉଭା ହେଉଛି। କୋଲକାତାରେ ଆୟୋଜିତ ଆଞ୍ଚଳିକ କୌଶଳ ମନ୍ତ୍ରୀ ସମ୍ମିଳନୀ 'କୌଶଳ ମନ୍ଥନ'ରେ ଯୋଗଦେଇ ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସ୍କିଲ ଇକୋସିଷ୍ଟମରେ ଉନ୍ନତି ଆଣିବା ଉପରେ ଆଲୋଚନା କରିଛନ୍ତି।

୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଆଇଟିଆଇଗୁଡ଼ିକର ଆଧୁନିକୀକରଣ, ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ସମ୍ପ୍ରସାରଣ, ଭବିଷ୍ୟତର ଜ୍ଞାନକୌଶଳକୁ ନେଇ ଶିଳ୍ପଭିତ୍ତିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ପାଇଁ ପଥ ସୁଗମ କରି ସ୍କିଲିଂ ଇକୋସିଷ୍ଟମରେ ବ୍ୟାପକ ପରିବର୍ତ୍ତନ ଆଣୁଛନ୍ତି। ବର୍ତ୍ତମାନ ସମୟରେ ଦକ୍ଷତା ବିକାଶ ହେଉଛି ନୂତନ ମୁଦ୍ରା। ତେଣୁ ଆମ ଯୁବବର୍ଗଙ୍କୁ ଭବିଷ୍ୟତ-ଉପଯୋଗୀ କୌଶଳରେ ସଶକ୍ତ କରିବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ସମ୍ମିଳନୀରେ ପିଏମ୍ ସେତୁ, ଆଇଟିଆଇଗୁଡ଼ିକର ସୁଦୃଢ଼ୀକରଣ, ଶିଳ୍ପ ସଂଯୋଗକୁ ଅଧିକ ଦୃଢ଼ୀଭୂତ କରିବା ଓ ଭାରତର ଯୁବବର୍ଗଙ୍କୁ ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ପାଇଁ ପ୍ରସ୍ତୁତ କରିବା ନେଇ ଆଲୋଚନା କରାଯାଇଥିଲା। ଦକ୍ଷତା ବିକାଶକୁ ନିଯୁକ୍ତି ସୁଯୋଗରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାରା ବିଶ୍ୱରେ କାର୍ଯ୍ୟପନ୍ଥା ଦିନକୁ ଦିନ ପରିବର୍ତ୍ତନ ହେଉଥିବା ବେଳେ ସୁଦୃଢ଼ ସହଭାଗିତା ଆଗାମୀ କାଲି ପାଇଁ ଶ୍ରେଷ୍ଠ କୌଶଳ, ଉତ୍ତମ ସୁଯୋଗ ଓ ଭବିଷ୍ୟତ-ଉପଯୋଗୀ ଦକ୍ଷ ମାନବସମ୍ବଳ ସୃଷ୍ଟି କରିପାରିବ। ସମ୍ମିଳନୀରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଗୁଜରାଟର ଦକ୍ଷତା ବିକାଶ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

## ୪ ବର୍ଷର ଶିଶୁ କନ୍ୟାକୁ ବାଘ ମୁହଁରୁ ଉଦ୍ଧାର କଲା ମାଆ

ମାଥିଲି, ୧୭।୮ (ସଂଚାର ବ୍ୟୁରୋ): ବାରଣ୍ଡାରେ ଶୋଇଥିଲା ୪ ବର୍ଷର ଶିଶୁକନ୍ୟା। ହଠାତ୍ ଜଙ୍ଗଲରୁ ଆସିଲା ହେଟା ବାଘ। ଆଉ ଛୁଆକୁ ଟାଣିନେବାକୁ କରିଥିଲା ଚେଷ୍ଟା। ହେଲେ ନିଜ ଜୀବନକୁ ବାଜିରେ ଲଗାଇ ଛୁଆକୁ ରକ୍ଷା କରିଥିଲା ମାଆ। ଆପଣ ଏ କଥା ଶୁଣିଲେ ବିଶ୍ୱାସ ଲାଗୁନି ନା। ବାସ୍ତବରେ କିନ୍ତୁ ସେମିତି ଘଟିଛି। ଆଉ କାହାଣୀ ଭଳି ମାଆ ନିଜ ଛୁଆକୁ ସାହା ହୋଇଛି। ମାଥିଲି ବ୍ଲକ ଟେମରୁପାଲ୍ଲୀ ପଞ୍ଚାୟତ ଜନ୍ତ୍ରାଗୁଡ଼ା ଗାଁରେ ଘଟିଛି ଏଭଳି ଘଟଣା। ମେକେ ମାଡ଼କାମୀ ନିଜ ଝିଅ ସରୋଜିନୀକୁ ବାଘ କବଳରୁ ବଞ୍ଚାଇଛନ୍ତି। ଉଭୟ ମାଆ ଛୁଆ ଏବେ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ୪ ବର୍ଷର ଶିଶୁ କନ୍ୟାଟି ଘର ବାରଣ୍ଡାରେ ଶୋଇଥିଲା। ଘରେ ମେକେ କାମ କରୁଥିଲେ। ଏହି ସମୟରେ ଜଙ୍ଗଲରୁ ଏକ ହେଟା ଆସି ତାଙ୍କ ଛୁଆକୁ ଟାଣିନେଉଥିଲା। ବାଘକୁ ଭୟ ନକରି ନିଜ ଛୁଆକୁ ହେଟା ମୁହଁରୁ ଟାଣି ଆଣିଥିଲେ ମେକେ। ତଥାପି ଛୁଆଟିର ଦେହରେ ବାଘର ନଖ ବାଜିଥିବାବେଳେ ଆଘାତ ଲାଗିଛି। ମାଥିଲି ମେଡିକାଲରେ ଭର୍ତ୍ତି କରାଯାଇଛି। ଏବେ ସେଠାରେ ଶିଶୁଟି ଚିକିତ୍ସିତ ହେଉଛି।

● ବଙ୍ଗୋପସାଗରରେ ଅବପାତ

# ଦୁଇ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଅବପାତର ରୂପ ନେବା ପରେ ଏହା ଉତ୍ତର- ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପ୍ରଥମେ ଉତ୍ତର- ଉତ୍ତର ପଶ୍ଚିମ ଏବଂ ପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି। ଫଳରେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଆଜି ସୂଚନା ଦିଆଯାଇଛି। କେଉଁଝର, ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଦୁଇ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେଣୁ ଏହିସବୁ ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ଆଲର୍ଟ। ଏଥିସହ ପ୍ରବଳ ବର୍ଷା ପାଇଁ ବରଗଡ଼, ସୋନପୁର, ବୌଦ୍ଧ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

ସେହିପରି ମଙ୍ଗଳବାର ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଓ ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ଼, କେଉଁଝର ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ଜାରି ହୋଇଛି ୟେଲୋ ଆଲର୍ଟ। ରାଜ୍ୟରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଏହାଛଡ଼ା ଓଡ଼ିଶା ଉପକୂଳରେ ମେଘୁଆ ପାଗ ସହ ଘଣ୍ଟା ପ୍ରତି ୪୫ରୁ ୫୫ କି.ମି ପବନ ସର୍ବାଧିକ ୬୫ କିମି ବେଗରେ ବହିବାର ସମ୍ଭାବନା ରହିଥିବାରୁ ଏହି ସମୟରେ ସମୁଦ୍ର ଆସନ୍ତା ରହିବ। ତେଣୁ ଆସନ୍ତାକାଲି ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## 'ଉତ୍କଳ ଦୀପିକା' ପ୍ରକାଶନ ସ୍ଥାନ ସ୍ମାରକୀପୀଠ ଘୋଷଣା



କଟକ, ୧୭।୮(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା ଓ ଓଡ଼ିଆ ଜାତିର ଗୌରବମୟ ଇତିହାସକୁ ସୁରକ୍ଷିତ ଓ ସ୍ମରଣୀୟ କରି ରଖିବା ଦିଗରେ କଟକ ପୌରନିଗମ ପକ୍ଷରୁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। କଟକର ଦରଘାବଜାରରେ ଯେଉଁ ସ୍ଥାନରୁ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା, ସେହି ଐତିହାସିକ ପ୍ରକାଶନ ସ୍ଥାନକୁ କଟକ ମହାନଗର ନିଗମ ସ୍ମାରକୀପୀଠ ଭାବେ ଘୋଷଣା କରିଛି। କଟକ ମହାନଗର ନିଗମର ୪୧ତମ ସାଧାରଣ ଅଧିବେଶନରେ ଏ ସମ୍ପର୍କିତ ପ୍ରସ୍ତାବ କଟକ ମେୟର ସୁଭାଷ ସିଂହ ଆଗତ କରିଥିଲେ।

## ୪୨ ଲକ୍ଷ ଟଙ୍କା ହଡ଼ପ ମାମଲା

# ତୁଷୁରା ପାକ୍ସର ପୂର୍ବତନ ସମ୍ପାଦକ ଗିରଫ



ଭୁବନେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ସରକାରୀ ଧାନପାଣ୍ଠିର ଅପବ୍ୟବହାର କରି ୪୨.୩୧ ଲକ୍ଷ ଟଙ୍କା ହେରଫେର ଅଭିଯୋଗରେ ତୁଷୁରା ପ୍ୟାକ୍ସର ପୂର୍ବତନ ସମ୍ପାଦକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ତୁଷୁରା ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସମ୍ପାଦକ ସନୋଜ କୁମାର ମିଶ୍ର। ତୁଷୁରା ପ୍ୟାକ୍ସର ତତ୍କାଳୀନ ସମ୍ପାଦକ ସନୋଜ ମିଶ୍ର ସ୍ଥାନୀୟ ଚାଷୀଙ୍କଠାରୁ ଧାନ ସଂଗ୍ରହ ପରିଚାଳନା କରିବା ଏବଂ କଷ୍ଟମ୍ ମିଲିଂ ପାଇଁ ନିର୍ଦ୍ଦିଷ୍ଟ (ଟ୍ୟାଗ୍ ହୋଇଥିବା) ଚାଉଳ ମିଲରମାନଙ୍କୁ ସମୟାନୁସାରେ ପଠାଯିବା ଦାୟିତ୍ୱରେ ଥିଲେ। ସରକାରୀ ପାଣ୍ଠି ବ୍ୟବହାର କରି କ୍ରୟ କରାଯାଇଥିବା ବିପୁଳ ପରିମାଣର ଧାନ ମିଲରମାନଙ୍କୁ ପ୍ରଦାନ କରାଯାଇ ନଥିଲା କିମ୍ବା ସୋସାଇଟିର ଷ୍ଟକ୍ ରେକର୍ଡରେ ଲେଖାଯାଇ ନଥିଲା। ଯାହା ଫଳରେ ସୋସାଇଟିକୁ ସିଧାସଳଖ ୪୨,୩୧,୬୦୮ ଟଙ୍କା ଆର୍ଥିକ କ୍ଷତି ପହଞ୍ଚାଇଥିଲେ। ୨୦୧୪-୧୫ ଖରିଫ ମାର୍କେଟିଂ ଋତୁ ସମୟରେ ଆର୍ଥିକ ଅନିୟମିତତା ହୋଇଥିଲା। ଭିଜିଲାନ୍ସ ଟିମ୍ ଏହାର ତଦନ୍ତ କରି ତୁଷୁରା ପାକ୍ସର ପୂର୍ବତନ ସମ୍ପାଦକଙ୍କୁ ଗିରଫ କରିଛି।

## ଜଳାଭିଷେକ ସାରି ଫେରିଲାବେଳେ ହୃଦଘାତରେ ଚାଲିଗଲା ଜୀବନ

ଆସିକା, ୧୭।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଯମୁନାଗିରି ପାହାଡ ଉପରେ ଥିବା ପ୍ରସିଦ୍ଧ ଶୈବପୀଠ ସିଦ୍ଧେଶ୍ୱର ମନ୍ଦିରରେ ଜଳାଭିଷେକ କରି ତଳକୁ ଫେରିଲାବେଳେ ଅଧା ପାହାଚରେ ହୃଦଘାତରେ ଜଣେ ବୋଲବମ୍ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଙ୍ଗୋଲି ଅନ୍ତର୍ଗତ ଭୋଟିଙ୍ଗିଆ ପଞ୍ଚାୟତର ଲିଚୁ ବିଶ୍ୱାଳ। ସୂଚନା ଅନୁସାରେ, ଲିଚୁ ଓ ତାଙ୍କର ସହଯୋଗୀ ମିଶି ବୋଲବମ୍ ଆସିଥିଲେ। ଆସିକା ଋଷିକୁଲ୍ୟା ନଦୀରୁ ପାଣି ଉଠେଇବା ପରେ ସେମାନେ ଜଳାଭିଷେକ ପାଇଁ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଯମୁନାଗିରି ପାହାଡ ଉପରେ ଥିବା ପ୍ରସିଦ୍ଧ ଶୈବପୀଠ ସିଦ୍ଧେଶ୍ୱର ମନ୍ଦିରକୁ ଜଳାଭିଷେକ କରିବାକୁ ଯାଇଥିଲେ। ୧୨ଶହ ପାହାଚ ଅତିକ୍ରମ କରି ମୁଖ୍ୟପୀଠରେ ପହଞ୍ଚି ଜଳାଭିଷେକ କରି ତଳକୁ ଓହ୍ଲାଇବା ସମୟରେ ଲିଚୁ ହୃଦଘାତର ଶିକାର ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆସିକା ମେଡିକାଲ ଅଣା ଯାଇଥିଲା। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

## କନ୍ଷ୍ଟବଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଢେଙ୍କାନାଳ,୧୭।୮ (ସଂଚାର ବ୍ୟୁରୋ): ଢେଙ୍କାନାଳରେ ଓଏସଏପି କନଷ୍ଟେବଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯବାନଙ୍କ ନାମ ଶଙ୍କର ପ୍ରଧାନ। ସେ ତାଙ୍କ ପରିବାର ସହ ଢେଙ୍କାନାଳ ଖମାର ସାହିର ଏକ ଭଡ଼ାଘରେ ରହୁଥିଲେ। କିଛିଦିନ ତଳେ ଅତ୍ୟାଧିକ ମଦ୍ୟପାନ ହେତୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଗତ ରାତିରେ ସେ ପରିବାର ସହିତ ଝଗଡ଼ା କରିଥିଲେ। ଏପରିକି ତାଙ୍କ ପତ୍ନୀ ଓ ପିଲା ଛୁଆଙ୍କୁ ବାହାର ପଟୁ କବାଟ ଦେଇ ଦେଇଥିଲେ। ସକାଳୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ପାରିବାରିକ କଳହରୁ ସେ ଚରମ ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି।

## ଦୁର୍ଘଟଣାକରି ଚମ୍ପଟ୍ ମାରୁଥିଲା ବୋଲବମ୍ ଗାଡ଼ି

● ଗୋଡ଼ାଇ ଧରିଲେ ଉପଜିଲ୍ଲାପାଳ

ଦିଗପହଣ୍ଡି, ୧୭।୮(ସଂଚାର ବ୍ୟୁରୋ): ଉପଜିଲ୍ଲାପାଳଙ୍କ ସମ୍ମୁଖରେ ଏକ ଡାଲା ଅଟୋକୁ ଧକ୍କା ଦେଇ ଚମ୍ପଟ୍ ମାରୁଥିଲା ବୋଲବମ୍ ଟ୍ରକ୍। ହେଲେ ପିଛା କରି ଟ୍ରକକୁ କାବୁ କରି ପୁଲିସକୁ ହସ୍ତାନ୍ତର କଲେ ଉପଜିଲ୍ଲାପାଳ। ଏଭଳି ଏକ ଘଟଣା ଦେଖିବାକୁ ଗଞ୍ଜାମ ଦିଗପହଣ୍ଡି ବ୍ଲକ୍ ଗଣିଆନାଳ ଛକ ନିକଟରେ।



ସୂଚନା ଅନୁସାରେ, ଦିଗପହଣ୍ଡିଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଡାଲା ଅଟୋକୁ ଗଣିଆନାଳ ଛକ ନିକଟରେ ଏକ ବୋଲବମ ଟ୍ରକ ଧକ୍କା ଦେଇଥିଲା। ଏମିତିକି ଦୁର୍ଘଟଣା ଘଟାଇ ଟ୍ରକଟି ନ ଅଟକି ଚମ୍ପଟ ମାରିଥିଲା। ହେଲେ ଏହି ସମୟରେ ସେହି ବାଟରେ ଯାଉଥିବା ଗଞ୍ଜାମ ଉପଜିଲ୍ଲାପାଳ ଟ୍ରକଟିକୁ ପିଛା କରି କାବୁ କରିବା ସହ ଦିଗପହଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ।

## ଲଗାଣ ବର୍ଷାରେ ଭୁଶୁଡି ପଡ଼ିଲା କାନ୍ଥ, ଆଈ ଓ ନାତିର ମୃତ୍ୟୁ



ଜଳେଶ୍ୱର, ୧୭।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ବିଳମ୍ବିତ ରାତିରେ ଭୁଷୁଡିପଡିଲା କାନ୍ଥ। ଶୋଇଥିବା ଅବସ୍ଥାରେ ଘଟଣାସ୍ଥଳରେ ଆଇ ଏବଂ ନାତିର ମୃତ୍ୟୁ ହୋଇଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ କପାସୁଦା ଗାଁରେ ଘଟିଛି ଅଭାବନୀୟ ଘଟଣା। ବିଳମ୍ବିତ ରାତିରେ ଲଗାଣ ବର୍ଷା ଓ ଜଳବନ୍ଦୀ ଯୋଗୁଁ ଘରର ମାଟିକାନ୍ଥ ଓଲଟି ପଡିଥିଲା। ସମସ୍ତେ କାନ୍ଥ ତଳେ ଚାପି ହୋଇଯାଇଥିଲେ। ମୃତକ ଆଇ ହେଲେ ରାଧିକା ଜେନା ଓ ନାତି ଜ୍ୟୋତିପ୍ରକାଶ ସ୍ୱାଇଁ ଏବଂ ଗୁରୁତର ନାତୁଣୀ ହେଲେ ସ୍ମୃତିରେଖା ସ୍ୱାଇଁ। ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ଦୁଇ ଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

● ଲୌହ ଖଣିରେ ଅଘଟଣ

# ଲୁହାପଥର ପଡ଼ି ଶ୍ରମିକଙ୍କ ମୃତ୍ୟୁ



ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): ଲୌହ ଖଣିରେ ଘଟିଛି ଅଘଟଣ। ଶ୍ରମିକଙ୍କ ମାଡ଼ି ବସିଲା ଲୁହାପଥର। ଫଳରେ ଘଟଣାସ୍ଥଳରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇ ଉପଖଣ୍ଡ ଏକ ଲୌହଖଣିରେ ଏ ଅଘଟଣ ଘଟିଛି। ମୃତ ଶ୍ରମିକ ଜଣଙ୍କ ତରୁଣ ଭୂମିଜ ବୋଲି ଜଣାପଡ଼ିଛି। ଖଣିର ନମୁନା ସଂଗ୍ରହ କରୁଥିବା ତରୁଣଙ୍କ ଉପରେ ଅଚାନକ ଲୁହାପଥର ଧସିଯାଇଥିଲା। ଫଳରେ ସେହି ଲୁହା ପଥର ତଳେ ସେ ଚାପି ହୋଇଯାଇଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକମାନେ ତରୁଣଙ୍କୁ ଉଦ୍ଧାର କରି ଟେନ୍ସା ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ତରୁଣଙ୍କ ମୃତ୍ୟୁ ନେଇ ତାତିଛନ୍ତି ଠିକା ଶ୍ରମିକ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉଭୟ ଠିକା ଶ୍ରମିକ ଓ ତରୁଣଙ୍କ ପରିବାର ଲୋକେ ଲୌହଖଣି ଫାଟକ ଆଗରେ ଧାରଣା ଦେଉଛନ୍ତି। ଖଣି ଫାଟକ ଆଗରେ ମୃତଦେହ ରଖି ସେମାନେ ପ୍ରତିବାଦ ଜଣାଇଛନ୍ତି। ମୃତଦେହ ସଂସ୍କାର ପାଇଁ ୫ ଲକ୍ଷ, ଅନ୍ୟାନ୍ୟ କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଓ ମୃତକଙ୍କ ପୁଅକୁ ଚାକିରି ପ୍ରଦାନ ଦାବିରେ ଧାରଣା ଜାରି ରହିଛି। ତେବେ ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ନିଶା ନିବାରଣ କେନ୍ଦ୍ରକୁ ନେବା ବେଳେ ବନ୍ଧୁକ ଦେଖାଇ ଜଣେ ଗିରଫ, ବନ୍ଧୁକ ଜବତ

ଜଗତସିଂହପୁର,୧୭।୮ (ସଂଚାର ବ୍ୟୁରୋ): ନିଶା ନିବାରଣ କେନ୍ଦ୍ରକୁ ନେବା ବେଳେ ବନ୍ଧୁକ ଦେଖାଇ ଭୟଭୀତ କରିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଜଗତସିଂହପୁର ଥାନା ଅନ୍ତର୍ଗତ ଜଅଂକୋଠି ଗାଁର ଆଶୁତୋଷ ବିଶ୍ୱାଳ। ତାଙ୍କଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି ପୁଲିସ ଜବତ କରିଛି। ଏପରିକି ଆଶୁତୋଷଙ୍କୁ ନିଶାସକ୍ତ ଅବସ୍ଥାରେ ପୋଲିସ କାବୁ କରିଥିଲା। ତାଙ୍କ ପରିବାର ଲୋକେ ନିଶା ନିବାରଣ କେନ୍ଦ୍ରକୁ ପଠାଇବା ପାଇଁ କେନ୍ଦ୍ରର ଲୋକମାନଙ୍କୁ ଡାକିଥିଲେ। ଆଶୁତୋଷକୁ ନିଶା ନିବାରଣ କେନ୍ଦ୍ରର ଲୋକମାନେ ନେବାକୁ ଆସିଥିଲେ। ଏହି ସମୟରେ ଆଶୁତୋଷ ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭିତ କରାଇଥିଲା। ପୋଲିସ ପହଞ୍ଚି ଆଶୁତୋଷଙ୍କୁ କାବୁ କରିବା ସହ ବନ୍ଧୁକ, ଗୁଳି ଜବତ କରିଛି।

● ଜେସିବି-ଚୋର-ପୁଲିସ ଛକାପଞ୍ଝା

# ଜେସିବି ରଖି ଖସି ପଳାଇଲା ଚୋର

ବ୍ରହ୍ମପୁର,୧୭।୮(ସଂଚାର ବ୍ୟୁରୋ): ଫିଲ୍ମ ଷ୍ଟାଇଲରେ ଗୋଡ଼ାଗୋଡ଼ି ହୋଇଥିବା ବେଳେ ଜେସିବି-ଚୋର ଓ ପୁଲିସ ମଧ୍ୟରେ ହୋଇଛି ଛକାପଞ୍ଝା। ଚୋରି ଜେସିବିକୁ ଫିଲ୍ମ ଷ୍ଟାଇଲ୍‌ରେ ଗୋଡ଼ାଇ ଗୋଡ଼ାଇ ଧରିଲା ପୁଲିସ। ସିସିଟିଭିରେ କଏଦ ହୋଇଛି ସମଗ୍ର ଘଟଣାକ୍ରମ। ଘଟଣାଟି ଗଞ୍ଜାମ ଜିଲ୍ଲାରେ ଘଟିଥିବା ବେଳେ ଖଲ୍ଲିକୋଟ ଥାନାଅଞ୍ଚଳରୁ ଚୋରି ହୋଇଥିଲା ଏକ ଜେସିବି। ଖଲ୍ଲିକୋଟରୁ ଜେସିବିକୁ ନେଇ ପୁରୁଷୋତ୍ତମପୁର-କବିସୂର୍ଯ୍ୟନଗର ରାସ୍ତାରେ ଯାଉଥିଲା ଜଣେ ଚୋର। ଖଲ୍ଲିକୋଟ ପୁଲିସ ଜାଣିବା ପରେ ପୁରୁଷୋତ୍ତମପୁର ଓ କବିସୂର୍ଯ୍ୟନଗର ଥାନାକୁ ଜେସିବି ଚୋରକୁ ଧରିବା ପାଇଁ ସହାୟତା ମାଗିଥିଲେ। ଦୁଇ ଥାନାର ପୁଲିସ ଚୋରି ଯାଇଥିବା ଜେସିବିକୁ କାବୁ କରିବା ସକାଶେ ଉଦ୍ୟମ ଆରମ୍ଭ କରିଥିଲେ। ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାକୁ ବ୍ୟାରିକେଡ୍ ରଖି ବନ୍ଦ କରିଥିଲେ। କିନ୍ତୁ ଜେସିବି ଚୋର ବ୍ୟାରିକେଡକୁ ଠେଲି ଖସିଯିବାରେ ସକ୍ଷମ ହୋଇଥିଲା। ଏହାପରେ ଆଉ ଏକ ଛକରେ ମଧ୍ୟ ପୁଲିସକୁ ଚକମା ଦେଇ ଖସିପଳାଇଥିଲା ଜେସିବି। ପୁଣି ଗୋଡ଼ାଇଥିଲା ପୁଲିସ। ଅନ୍ୟ ଏକ ଛକରେ ଟ୍ରକ୍‌କୁ ରାସ୍ତାରେ ରଖି ଜେସିବିକୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଉଦ୍ୟମ ହୋଇଥିଲା। ଶେଷରେ ରାସ୍ତା ଉପରେ ଜେସିବିକୁ ରଖି ସମ୍ପୃକ୍ତ ଚୋର ଖସି ପଳାଇଯାଇଥିଲା।



## ପାଣିରେ ଭାସିଗଲେ ଏକ୍ସ-ଆର୍ମି ଯବାନ

ସୁନ୍ଦରଗଡ଼, ୧୭।୮ (ସଂଚାର ବ୍ୟୁରୋ): ନାଳ ପୋଲ ଉପରୁ ପ୍ରବଳ ପାଣି ସୁଅରେ ଭାସିଗଲେ ଜଣେ ଏକ୍ସ-ଆର୍ମି ଯବାନ। ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କେଶ୍ରାମାଲ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ନିଖୋଜ ଯବାନ ହେଲେ



**ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ**

କେଶ୍ରାମାଲ ପଞ୍ଚାୟତ ଗରିଆମାଲ ଗ୍ରାମର ସୁନିଲ ଡିଗା। ଶନିବାର ସନ୍ଧ୍ୟାରେ ସୁନିଲ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ କେଶ୍ରାମାଲ ନାଳ ପୋଲ ଉପର ଦେଇ ଯାଉଥିଲେ। ଏହି ସମୟରେ ପ୍ରବଳ ପାଣି ସୁଅ ଯୋଗୁଁ ଭାରସାମ୍ୟ ହରାଇ ବୁଲେଟ୍ ସହ ପୋଲ ତଳକୁ ଖସି ପଡ଼ିଥିଲେ। ପରେ ପ୍ରଖର ପାଣି ସୁଅରେ ସୁନିଲ ଭାସିଯାଇଥିବା ଜଣାପଡ଼ିଛି। ଘଟଣା ପରେ ରାଜଗାଙ୍ଗପୁର ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଅନ୍ଧକାର ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ରାତିରେ ଅଭିଯାନକୁ ବନ୍ଦ ରଖାଯାଇଥିଲା। ଅନ୍ୟପଟେ, ପାଣି ଭିତରୁ ସୁନିଲଙ୍କ ମୋଟରସାଇକେଲକୁ ଉଦ୍ଧାର କରାଯାଇଛି। ହେଲେ ଘଟଣାକୁ ପ୍ରାୟ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ ସୁନିଲଙ୍କ କୌଣସି ପତ୍ତା ମିଳିନାହିଁ। ଆଜି ସକାଳୁ ପୁଣିଥରେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ନାଳରେ ଖୋଜାଖୋଜି ଓ ଉଦ୍ଧାର ଅଭିଯାନ ଜାରି ରହିଛି। ନିଖୋଜ ଯବାନଙ୍କୁ ଉଦ୍ଧାର କରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି।

## ଜଗତସିଂହପୁରରେ ପୁଣି ସେକ୍ସ ରାକେଟ ଠାବ

ଜଗତସିଂହପୁର, ୧୭।୮ (ସଂଚାର ବ୍ୟୁରୋ): ସପ୍ତାହେ ତଳେ ତିର୍ତ୍ତୋଲ ପୁଲିସ ରାହାମା ବଜାରରେ ଥିବା ଏକ କୋଠାରେ ଚଢ଼ାଉ କରି ରାଣୀ ମହୁମାଛି ସମେତ ୫ ଜଣଙ୍କୁ ଗିରଫ କରିଥିଲା। ଆଉ ସପ୍ତାହେ ଭିତରେ ପୁଣି ଜଗତସିଂହପୁର ପୁରୋହିତପୁର ଅଞ୍ଚଳରୁ ଠାବ ହୋଇଛି ଆଉ ଏକ ସେକ୍ସ ରାକେଟ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହୋଇଛି ଆଲୋଡ଼ନ। ଅଞ୍ଚଳର ଏକ କୋଠାରେ ଦେହ ବ୍ୟବସାୟ ଚାଲିଥିବା ଖବର ପାଇ ପୁଲିସ ଚଢ଼ାଉ କରିବା ସହ ରାଣୀ ମହୁମାଛି ସମେତ ୨ ଯୁବତୀଙ୍କୁ ଉଦ୍ଧାର କରିଛି। ସେହିଭଳି ୩ ଗ୍ରାହକଙ୍କୁ ଗିରଫ କରିଛି। ତେବେ ଚଢ଼ାଉ ବେଳେ ଦୁଇ ଯୁବକ ଓ ଜଣେ ଯୁବତୀ ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ଦୀର୍ଘ ଦିନ ହେଲା ଗାଁ ଭିତରେ ଏକ ଭଡ଼ା ଘରେ ଦେହ ବ୍ୟବସାୟ ଚାଲି ଆସୁଥିବା ଖବର ପାଇ ଅପରାହ୍ନରେ ମଙ୍ଗଳବାର ଏହି କୋଠା ଉପରେ ଚଢ଼ାଉ କରିଥିଲା। ଜଣାପଡ଼ିଛି ସ୍ୱାମୀଙ୍କ ମୃତ୍ୟୁ ପରେ ଜଗତସିଂହପୁର ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରି ରହିବା ସହ ପେଟ ପୋଷିବା ପାଇଁ ଏହି ଧନ୍ଦା କରୁଥିବା ରାଣୀ ମହୁମାଛି ସ୍ୱୀକାର କରିଛି। ଏମିତିକି ବିଭିନ୍ନ ସମୟରେ ଯୁବତୀମାନଙ୍କୁ ଆଣି କାମରେ ଲଗାଉଥିବାର ସେ କହିଛି। ତେବେ ଜଗତସିଂହପୁରରେ ବିଭିନ୍ନ ସ୍ଥାନରେ ଦେହ ବ୍ୟବସାୟ ବେଧଡ଼କ ଭାବରେ ଚାଲିଥିବା ବେଳେ ଏବେ ଅପରେସନ ଆଶା ଜ୍ୟୋତି ମାଧ୍ୟମରେ ପୋଲିସ ସକ୍ରିୟ ହୋଇ ଉଠିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ପୁଲିସ ୧୦ଟି ମୋବାଇଲ, ୩୭୫୦ ଟଙ୍କା ଓ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ରାଣୀ ମହୁମାଛିକୁ ତା'ର ଦ୍ୱିତୀୟ ସ୍ୱାମୀ ସହଯୋଗ କରୁଥିବା ପୁଲିସ କହିଛି।

● ବ୍ୟବସାୟୀ ଅପହରଣ ମାମଲା

# ମହିଳା ପୁଲିସ ଏସ୍ଆଇ ଓ ସାମ୍ବାଦିକ ଗିରଫ



**ମୋଟ ଗିରଫଦାରୀ ୪କୁ ବଢ଼ିଲା**

ବଲାଙ୍ଗୀର,୧୭।୮(ସଂଚାର ବ୍ୟୁରୋ): ବଲାଙ୍ଗୀରର ବ୍ୟବସାୟୀ ନରେନ୍ଦ୍ର ଓରଫ ଗୁଣ୍ଡା ସାହୁ ଅପହରଣ ମାମଲାରେ ବଲାଙ୍ଗୀର ପୁଲିସ ଆଜି ଭୁବନେଶ୍ୱରରୁ ଜଣେ ମହିଳା ସବ୍‌ଇନ୍ସପେକ୍ଟର ଓ ଜଣେ ସାମ୍ବାଦିକଙ୍କୁ ଗିରଫ କରିଛି। ମହିଳା ସବଇନ୍ସପେକ୍ଟର ଜଣଙ୍କ ହେଲେ ସ୍ନେହାମଞ୍ଜରୀ ସାହୁ ଓ ଗିରଫ ସାମ୍ବାଦିକ ହେଲେ ସଞ୍ଜୟ ଜେନା। ଏନେଇ ଆଜି ଅପରାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବଲାଙ୍ଗୀର ଏସ୍‌ପି ଅଭିଲାଷ। ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏହି ଅପହରଣ ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ବଲାଙ୍ଗୀର ପୁଲିସ ଭୁବନେଶ୍ୱରରୁ ଘଟଣାର ମୁଖ୍ୟ ଅଭିଯୁକ୍ତ କ୍ଷୀତିଶ ଚନ୍ଦ୍ର ସାହୁ ଓ ବଲାଙ୍ଗୀରର ତୁଳସୀନଗରର ସଞ୍ଜିତ ବେହେରାଙ୍କୁ ଗିରଫ କରିଥିଲା।

ଆଜି ଗିରଫ ହୋଇଥିବା ମହିଳା ଏସ୍ଆଇ ଜଣଙ୍କ ହେଉଛନ୍ତି ଏହି ଅପହରଣ ଘଟଣାର ମାଷ୍ଟରମାଇଣ୍ଡ କ୍ଷୀତିଶଙ୍କ ଭଉଣୀ। ମୁଖ୍ୟ ଅଭିଯୁକ୍ତ କ୍ଷୀତିଶ, ତାଙ୍କ ଭଉଣୀ ସ୍ନେହାମଞ୍ଜରୀ ଓ ସାମ୍ବାଦିକ ସଞ୍ଜୟ ସହ ମିଳିତ ଭାବେ ଅପହରଣ ଷଡ଼ଯନ୍ତ୍ର ରଚିଥିଲେ। ଏଥିସହ ବଲାଙ୍ଗୀର ପୁଲିସ ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଓ ବଲାଙ୍ଗୀର ସହରର କେତେକ ଲୋକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିସାରିଛି ଓ ଘଟଣାର ବିଭିନ୍ନ ଅପରାଧିକ ଦିଗକୁ ତର୍ଜମା କରୁଛି। ଏହି ଘଟଣାରେ ଆଗକୁ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଇଛି।

# ଭିଜିଲାନ୍ସ ହାତରେ କ୍ୟାପିଟାଲ୍ ହସ୍ପିଟାଲ୍ ଡାକ୍ତର

**୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲରେ ହୋଇଛି ଲାଞ୍ଚ କାରବାର। ୩୦ ହଜାର ଟଙ୍କା ନେବାବେଳେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ଭିଜିଲାନ୍ସ ମାଡ଼ି ବସିଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଲାଞ୍ଚ କାରବାର ଅଭିଯୋଗ। ଏକ ଏନଜିଓ କର୍ମକର୍ତ୍ତାଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କ୍ୟାପିଟାଲ ହସ୍ପିଟାଲର ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ସତ୍ୟଜିତ ବେହେରାଙ୍କୁ ଓଡ଼ିଶା ଭିଜିଲାନ୍ସ ଧରିଥିବା ସୂଚନା ମଳିଛି। କ୍ୟାପିଟାଲ ହସ୍ପିଟାଲର କାଜୁଆଲଟିକୁ ଚିକିତ୍ସା ପାଇଁ ଆସୁଥିବା ଅଜଣା ଓ ଅସହାୟ



ରୋଗୀଙ୍କୁ ସହାୟତା କରିବା ପାଇଁ ଏକ ଏନଜିଓକୁ ନିୟୋଜିତ କରାଯାଇଥିଲା। ଏହି କାମରେ ଏନଜିଓ ପକ୍ଷରୁ କର୍ମଚାରୀମାନେ ନିୟୋଜିତ ଥିଲେ। ଏହି କର୍ମଚାରୀଙ୍କ ଜୁନ୍ ଓ ଜୁଲାଇ ମାସର ଦରମା ବିଲ୍ ପାସ୍ କରାଇବା ପାଇଁ ଆବଶ୍ୟକ ୱାର୍କ ସାର୍ଟିଫିକେଟ୍‌ରେ ଡାକ୍ତର ବେହେରାଙ୍କ ଦସ୍ତଖତ ଆବଶ୍ୟକ ଥିଲା। ଅଭିଯୋଗ ଅନୁସାରେ, ଏନଜିଓର ଜଣେ କର୍ମକର୍ତ୍ତା ଗତ ଜୁନ୍ ମାସରୁ ଏଥିପାଇଁ ଡାକ୍ତର ବେହେରାଙ୍କୁ ନିବେଦନ କରିଆସୁଥିଲେ। ତେବେ ୱାର୍କ ସାର୍ଟିଫିକେଟରେ ଦସ୍ତଖତ କରିବା ବଦଳରେ ଡାକ୍ତର ବେହେରା ୩୦ ହଜାର ଟଙ୍କା ଦାବି କରିଥିବା ଭିଜିଲାନ୍ସ ଅଭିଯୋଗ କରିଛି।

ବାରମ୍ବାର ଲାଞ୍ଚ ଦାବି ଓ ହଇରାଣ ହେବା ପରେ ସମ୍ପୃକ୍ତ ଏନଜିଓ କର୍ମକର୍ତ୍ତା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଜାଲ ବିଛାଯାଇଥିଲା। ଆଜି ଏନଜିଓ କର୍ମକର୍ତ୍ତାଙ୍କଠାରୁ ୩୦ ହଜାର ଟଙ୍କା ଗ୍ରହଣ କରୁଥିବା ସମୟରେ ଡାକ୍ତର ସତ୍ୟଜିତ ବେହେରାଙ୍କୁ ଭିଜିଲାନ୍ସ ଟିମ୍ ଧରିଥିବା କହିଛି। ତାଙ୍କ ନିକଟରୁ ଲାଞ୍ଚ ବାବଦରେ ଦିଆଯାଇଥିବା ସମ୍ପୂର୍ଣ୍ଣ ୩୦ ହଜାର ଟଙ୍କା ଜବତ କରାଯାଇଛି। ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଦିଗକୁ ମଧ୍ୟ ଭିଜିଲାନ୍ସ ତଦନ୍ତ ବଢ଼ାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଡାକ୍ତର ବେହେରାଙ୍କ ସହ ଜଡ଼ିତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ ଓ ତଲାସି ଚାଲିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି।

## ଶିବୁଲାପଶି ଓଭରବ୍ରିଜ୍‌ରେ ଦୁଇ କାର୍ ମୁହାଁମୁହିଁ

**ଜଣେ ମୃତ, ୪ ଗୁରୁତର**

ଢେଙ୍କାନାଳ ୧୭।୮(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ୫୩ ନମ୍ବର ଜାତୀୟ ରାଜପଥର ଶିବୁଲାପଶି ଗ୍ରାମ ନିକଟ ଓଭରବ୍ରିଜ୍ ଉପରେ ରାତି ପ୍ରାୟ ୧ଟା ସମୟରେ ଦୁଇଟି କାର୍ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ଗଁଦିଆ ଥାନା କାଲୁରିଆ ଗ୍ରାମର ବିପିନି ବେହେରା। ଗୁରୁତର ଆହତମାନେ ମହାବିରୋଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ବିପିନିଙ୍କ ସମେତ ୫ ଜଣ ଏକ କାର୍‌ରେ ପୁରୀରୁ ତାଳଚେର ଫେରୁଥିଲେ। ଶିବୁଲାପଶି ଓଭରବ୍ରିଜ୍ ଉପରେ ଉକ୍ତ କାର୍ଟି ରଙ୍ଗ୍ ରୁଟ୍‌ରେ ଯାଇ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର୍‌କୁ ଧକ୍କା ଦେଇଥିବା ପ୍ରାଥମିକ ସୂଚନା ମିଳିଛି। ଅନ୍ୟ କାର୍‌ଟି ରାଉରକେଲାରୁ ଭୁବନେଶ୍ୱର ଯାଉଥିଲା। କାର୍ରେ ଥିବା ଯାତ୍ରୀମାନେ ସୁରକ୍ଷିତ ଥିବା ବେଳେ ସେମାନେ ଜଣେ ହୃଦ୍‌ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇ ଯାଉଥିଲେ। ଦୁର୍ଘଟଣା ପରେ ଆହତମାନଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲ୍‌କୁ ନିଆଯାଇଥିଲା। ସେଠାରେ ୪ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଦୈନିକ ୬୩,୮୧୦ ଟନ୍ ଏଲ୍‌ପିଜି ଉତ୍ପାଦନ ଲକ୍ଷ୍ୟ



ନୂଆଦିଲ୍ଲୀ, ୧୭।୮: ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁ ଦେଶରେ ଏଲ୍‌ପିଜି ଯୋଗାଣରେ ବଡ଼ ସମସ୍ୟା ଉପୁଜିଛି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ପ୍ରଥମ ଥର ଲାଗି ଦେଶର ରାଷ୍ଟ୍ରାୟତ୍ତ ଘରୋଇ, ଅପ୍‌ଷ୍ଟ୍ରିମ କମ୍ପାନିଙ୍କ ଲାଗି ଏଲ୍‌ପିଜି ଉତ୍ପାଦନର ସର୍ବାଧିକ ସୀମା ନିର୍ଦ୍ଧାରଣ କରିଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶ ମୁତାବକ, ୨୧ କମ୍ପାନିଙ୍କ ଲାଗି ଦୈନିକ ଉତ୍ପାଦନ କ୍ଷମତାକୁ ୬୩,୮୧୦ ଟନ୍ କରାଯାଇଛି। ଯାହା ୨୦୨୫-୨୬ ଅବଧି ଲାଗି ୩୫୯୦୦ ମେଟ୍ରିକ ଟନ୍ କ୍ଷମତାଠାରୁ ୨ ଗୁଣ ରହିଛି। ଏହା ଦେଶର ଦୈନିକ ଚାହିଦାର ପ୍ରାୟ ୭୦ ପ୍ରତିଶତକୁ ପୂରଣ କରିବାରେ ସହାୟକ ହେବ। ଯଦି ବଜାରରେ ଗ୍ୟାସର ଅଭାବ ଏବଂ ଯୋଗାଣ କ୍ଷେତ୍ରରେ ସଙ୍କଟ ରହିବ ନୂଆ ନିୟମକୁ ତୁରନ୍ତ ଲାଗୁ କରାଯାଇପାରିବ। ଏହି ଲକ୍ଷ୍ୟର ଏକ ବଡ଼ ଅଂଶ ଘରୋଇ କ୍ଷେତ୍ର କମ୍ପାନି ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ପ୍ରଦାନ କରାଯାଇଛି। ରିଲାଏନ୍ସର ଗୁଜରାଟ ସ୍ଥିତ ଜାମନଗର ରିଫାଇନାରିରୁ କମ୍ପାନି ୧୮ ହଜାର ଟନ୍ ଦୈନିକ ଏଲ୍‌ପିଜି ଉତ୍ପାଦନ କରିବା ନେଇ ଲକ୍ଷ୍ୟ ରଖିଛି। ସେହିଭଳି ରୁଷର ରୋଜନେଫ୍ଟ ସମର୍ଥିତ ନାଏରା ଏନର୍ଜିର ୱାଡିନାର ରିଫାଇନାରି ଦୈନିକ ୪୪୮୦ ଟନ୍ ଏଲ୍‌ପିଜି ପ୍ରସ୍ତୁତ ରଖିବାକୁ ପରାମର୍ଶ ରହିଛି। ବର୍ତ୍ତମାନ କମ୍ପାନି ଗୁଡିକୁ ସେମାନଙ୍କ ଭିତ୍ତିଭୂମି ଏବଂ ଟେକ୍ନୋଲୋଜି ଅପ୍‌ଗ୍ରେଡ କରିବା ଲାଗି ନିର୍ଦ୍ଦେଶ ରହିଛି। ପ୍ରତି ୬ ମାସରେ ଉତ୍ପାଦନ ସ୍ଥିତି ସମୀକ୍ଷା କରାଯାଇ ଏଥିରେ ପରିବର୍ତ୍ତନ କରାଯିବ। ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ମୋଟ୍ ଏଲ୍‌ପିଜି ଚାହିଦା ୩୩.୨ ନିୟୁତ ଟନ୍ ଥିଲା। ଦୈନିକ ପ୍ରାୟ ୯୧ ହଜାର ଟନ୍ ଏଲ୍‌ପିଜି ବ୍ୟବହାର କରିଛି ଘରୋଇ ବଜାର।

ଦେଶରେ ଦୈନିକ ୩୫,୯୦୦ ଟନ୍ ଏଲ୍‌ପିଜି ଉତ୍ପାଦନ ହୋଇଥିଲା। ୫୮,୪୦୦ ଟନ୍ ଦୈନିକ ହିସାବରେ ବିଦେଶରୁ ମଗାଇବାକୁ ପଡିଛି। ଆମଦାନି ନିର୍ଭରତା ୬୪% ରହିବାରୁ ଆମେରିକା ଇରାନ ଯୁଦ୍ଧ ଯୋଗୁ ଷ୍ଟ୍ରେଟ ଅଫ୍ ହୋର୍ମୁଜ ବନ୍ଦ ଫଳରେ ଭାରତ ବଡ ମାତ୍ରାରେ ପ୍ରଭାବିତ ହୋଇଥିଲା। କାରଣ ସାଉଦି ଆରବ ଭଳି ଦେଶ ଗୁଡିକରୁ ଏହି ଜଳପଥ ଦେଇ ଭାରତ ଏହାର ଏଲ୍‌ପିଜି ଚାହିଦାର ୯୦% ଭାଗ ଏଲ୍‌ପିଜି ଆଣୁଥିଲା।

ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁ କେନ୍ଦ୍ର ସରକାରଙ୍କୁ ପେଟ୍ରୋକେମିକାଲ ଉତ୍ପାଦନରେ ବ୍ୟବହାର ହେଉଥିବା ଗ୍ୟାସକୁ ଏଲ୍‌ପିଜି ଉତ୍ପାଦନ ଲାଗି ବ୍ୟବହାର କରିବାକୁ କୁହାଯାଇଥିଲା। ଏହି ସମୟରେ ଦୈନିକ ଏଲ୍‌ପିଜି ଉତ୍ପାଦନକୁ ୫୫ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି କରାଯାଇଥିଲା। ସଙ୍କଟ ସମୟରେ ବାଣିଜ୍ୟିକ ଓ ଶିଳ୍ପ ୟୁଜରଙ୍କ ଲାଗି ବିକ୍ରି ହେଉଥିବା ଏଲ୍‌ପିଜି ଉପରେ କଟକଣା ଲଗାଯାଇଥିଲା। ଘରୋଇ ଏଲ୍‌ପିଜି ବୁକିଂ ସମୟ ଅବଧିକୁ ବୃଦ୍ଧି କରାଯାଇଥିଲା। ପିଏନ୍‌ଜି ନେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ସ୍ଥିତି ସ୍ୱାଭାବିକ ହେବା ଯୋଗୁ ଜୁନ୍ ମଧ୍ୟ ଭାଗରେ କଟକଣା କୋହଳ କରାଯାଇଥିଲା।

## ରେଳବାଇର ଜରୁରୀ ନିୟମ

# ପ୍ଲାଟଫର୍ମ ଟିକେଟର ବୈଧ ମାତ୍ର ୨ ଘଣ୍ଟା

ନୂଆଦିଲ୍ଲୀ,୧୭।୮:ପ୍ରାୟତଃ ଲୋକମାନେ ରେଳ ଷ୍ଟେଶନକୁ ନିଜ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କୁ ନେବା ବା ଛାଡ଼ିବା ପାଇଁ ଯାଆନ୍ତି। ଏଥିପାଇଁ ସେମାନଙ୍କୁ ପ୍ଲାଟଫର୍ମ ଟିକେଟ ନେବାକୁ ପଡ଼େ। ବିନା ପ୍ଲାଟଫର୍ମ ଟିକେଟରେ ଷ୍ଟେଶନର ପ୍ଲାଟଫର୍ମକୁ ଯାଇଲେ ଜରିମାନା ମଧ ହୋଇପାରେ। ତେଣୁ ଆପଣ ଯଦି ରେଳ ଷ୍ଟେଶନକୁ ଯାଇ ପ୍ଲାଟଫର୍ମ ଟିକେଟ କିଣନ୍ତି, ତେବେ ଏହା ସହିତ ଜଡ଼ିତ ନିୟମଗୁଡ଼ିକ ଜାଣି ରଖିବା ଜରୁରୀ।

ପ୍ଲାଟଫର୍ମ ଟିକେଟ ନେବା ପରେ ଆପଣ ପୂରା ଦିନ ପ୍ଲାଟଫର୍ମରେ ରହିପାରିବେ ନାହିଁ। ପ୍ଲାଟଫର୍ମ ଟିକେଟ ନେବା ପରେ ଏହା ସାଧାରଣତଃ ୨ ଘଣ୍ଟା ପର୍ଯ୍ୟନ୍ତ ବୈଧ ରହେ। ଏହି ସମୟ ସୀମା ପରେ ମଧ ପ୍ଲାଟଫର୍ମରେ ରହିଲେ ଜରିମାନା ଦେବାକୁ ପଡ଼ିପାରେ। ୨ ଘଣ୍ଟା ପରେ ରହିଲେ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଆପଣ ରେଳ ଷ୍ଟେଶନର ଟିକେଟ କାଉଣ୍ଟରକୁ ଯାଇ ପ୍ଲାଟଫର୍ମ ଟିକେଟ କିଣିପାରିବେ। ଏହା ବ୍ୟତୀତ, କାଉଣ୍ଟରରୁ ଟିକେଟ ନେବାକୁ ଚାହୁଁନଥିଲେ ଷ୍ଟେଶନରେ ଥିବା ଅଟୋମେଟିକ ଟିକେଟ ଭେଣ୍ଡିଂ ମେସିନ (ATVM) ମାଧ୍ୟମରେ ମଧ ନିଜେ ଟିକେଟ କାଢ଼ିପାରିବେ।

ଅନଲାଇନରେ ମଧ ବୁକ କରିପାରିବେ ପ୍ଲାଟଫର୍ମ ଟିକେଟ। ଏଥିପାଇଁ ପ୍ରଥମେ RailOne ଆପ ଖୋଲି ମୋବାଇଲ ନମ୍ବର ଦ୍ୱାରା ଲଗ ଇନ କରନ୍ତୁ। ପ୍ଲାଟଫର୍ମ ଟିକେଟ ବିକଳ୍ପ ଚୟନ କରନ୍ତୁ। ଆପଣ ଷ୍ଟେଶନ ଭିତରେ ଅଛନ୍ତି କି ଷ୍ଟେସନ ବାହାରେ ଅଛନ୍ତି, ସେହି ବିକଳ୍ପ ଚୟନ କରନ୍ତୁ। ଷ୍ଟେଶନର ନାମ ଏବଂ ଯାତ୍ରୀଙ୍କ ସଂଖ୍ୟା ଦିଅନ୍ତୁ। ଅନଲାଇନ ପେମେଣ୍ଟ କରନ୍ତୁ। ଟିକେଟ ଆପରେ My Booking ସେକ୍ସନରେ ମିଳିଯିବ। ପ୍ଲାଟଫର୍ମ ଟିକେଟ ସମ୍ପର୍କରେ ଜରୁରୀ କଥା

ପ୍ଲାଟଫର୍ମ ଟିକେଟ କେବଳ କାହାକୁ ରେଳ ଷ୍ଟେସନରେ ଛାଡ଼ିବା କିମ୍ବା ନେବା ପାଇଁ ପ୍ଲାଟଫର୍ମକୁ ଯିବା ନିମନ୍ତେ ହୋଇଥାଏ। ଏହି ଟିକେଟ ଦ୍ୱାରା କୌଣସି ଟ୍ରେନରେ ଯାତ୍ରା କରିହେବ ନାହିଁ। ଟ୍ରେନରେ ଯାତ୍ରା କରିବା ପାଇଁ ଅଲଗା ବୈଧ ଯାତ୍ରା ଟିକେଟ ଆବଶ୍ୟକ। କେହି ପ୍ଲାଟଫର୍ମ ଟିକେଟ ନେଇ ଟ୍ରେନରେ ଯାତ୍ରା କଲେ, ତାଙ୍କ ବିରୋଧରେ ରେଳବାଇ ପକ୍ଷରୁ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରେ।




## ପ୍ରସ୍ତାବ ଦେଲେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା

# ପୁରୁଣା ଗାଡ଼ି ପାଇଁ ଇ୧୦ ପେଟ୍ରୋଲ୍ ଫେରାଇ ଆଣ

ନୂଆଦିଲ୍ଲୀ,୧୭।୮: ଇଥାନଲ୍ ମିଶା ଇ୨୦ ପେଟ୍ରୋଲ୍‌କୁ ନେଇ ଚାଲିଥିବା ବିତର୍କରେ ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ ସାମିଲ ହୋଇଛନ୍ତି। ପୁରୁଣା ଗାଡ଼ି ପାଇଁ ଇ୧୦ ତେଲ ଫେରାଇ ଆଣିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ଗାଡ଼ିର କ୍ଷତି ହେଉଛି ବୋଲି ନୁହେଁ, ବରଂ ଇ୨୦କୁ ନେଇ ଲୋକମାନଙ୍କ ମନରେ ରହିଥିବା ଭୟ ଦୂର କରିବା ପାଇଁ ଇ୧୦ ତେଲ ବିକ୍ରି ହେବା ଉଚିତ୍। ଏକ ସମ୍ବାଦପତ୍ର ନିବନ୍ଧରେ ନାଗେଶ୍ୱରନ ଲେଖିଛନ୍ତି ଯେ ଇ୨୦ ପେଟ୍ରୋଲ୍ ପ୍ରଭାବରେ ଇଞ୍ଜିନର କ୍ଷତି ହେଉଥିବା ନେଇ ବହୁ ଅଭିଯୋଗ ଆସୁଛି।

ସେହି ଧାରଣା କିନ୍ତୁ ଠିକ୍ ନୁହେଁ। ଇଞ୍ଜିନ ଖରାପ ହେଉଥିବା ନେଇ ଲୋକମାନଙ୍କ ମନରେ ଥିବା ଭୟକୁ ସମର୍ଥନ କରିବା ଭଳି କୌଣସି ପ୍ରମାଣ ନାହିଁ। ପେଟ୍ରୋଲର ଦୁଇ ତୃତୀୟାଂଶ ଶକ୍ତି ଇଥାନଲରେ ରହିଛି। ତେଣୁ ଇ୨୦ ପେଟ୍ରୋଲ ଆପଣଙ୍କୁ ପେଟ୍ରୋଲ ତୁଳନାରେ ଅଳ୍ପ ଦୂର ନେଇପାରେ, କିନ୍ତୁ ତାହା ଦ୍ୱାରା ଗାଡ଼ି ଖରାପ ହେବନାହିଁ ବୋଲି ସେ କହିଛନ୍ତି। ପରୋକ୍ଷରେ ସେ ଇ୨୦ ପେଟ୍ରୋଲ୍‌ରେ ମାଇଲେଜ୍ କମୁଥିବାକୁ ସ୍ୱୀକାର କରିଛନ୍ତି। ଏକ ଲିଟର ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଇଥାନଲ ରହୁଛି। ତେଣୁ ମାଇଲେଜ୍‌ରେ ହ୍ରାସ ୬ରୁ ୭ ପ୍ରତିଶତ ମଧ୍ୟରେ ରହିବ , ୩୦ ପ୍ରତିଶତ ନୁହେଁ ବୋଲି ନାଗେଶ୍ୱରନ କହିଛନ୍ତି। ପେଟ୍ରୋଲ୍ ପାଇଁ ଇଞ୍ଜିନ କ୍ଷତି ହେଉଥିବାର କୌଣସି ପ୍ରମାଣ ଭାରତ ଓ ଆମେରିକାରେ ହୋଇଥିବା ବ୍ୟାପକ ପରୀକ୍ଷଣରୁ ସାମନାକୁ ଆସିନାହିଁ। ଇ୨୦ରେ ପୁରୁଣା ଗାଡ଼ି ପ୍ରତି ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରି ନାଗେଶ୍ୱରନ ଜଣାଇଛନ୍ତି ଯେ ପୁରୁଣା ଗାଡ଼ି କାର୍ବୁରେଟରରେ ଚାଲୁଛି। ଇ୨୦ରୁ ଉତ୍ପନ୍ନ ହେଉଥିବା ଅତିରିକ୍ତ ଅମ୍ଳଜାନକୁ ତାହା ଜାଣିପାରିବ ନାହିଁ ଓ ପରିଚାଳନା କରିପାରିବ ନାହିଁ। ସେହିପରି ପୁରୁଣା ଗାଡ଼ିର ରବର୍ ସିଲ୍‌ଗୁଡ଼ିକ ମଧ୍ୟ ଇଥାନଲ ପାଇଁ ତିଆରି ହୋଇନାହିଁ। ତାହା ଆଉ ଏକ ସମସ୍ୟା। ତେଣୁ ଇଞ୍ଜିନ ଗରମ ଥାଉ ବା ନଥାଉ ସେଗୁଡ଼ିକ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହି ରବର୍ ସିଲ୍‌କୁ ଅଳ୍ପ ଦାମ୍‌ରେ ବଦଳାଇହେବ। କିନ୍ତୁ ଭାରତରେ ୮ କୋଟିରୁ ଅଧିକ ପୁରୁଣା ଗାଡ଼ି ରହିଛି। ଯଦି ରବର୍ ସିଲ୍ ବଦଳାଇବା କାମ ସବୁ ୱାର୍କସପ୍‌ରେ ଆଜିଠାରୁ ଆରମ୍ଭ କରାଯିବ ତେବେ ସେହି କାମ ସରିବାକୁ ଏକ ବର୍ଷ ସମୟ ଲାଗିଯିବ।ପେଟ୍ରୋଲ ପମ୍ପରେ ଉଭୟ ଇ୨୦ ଓ ଇ୧୦ ପେଟ୍ରୋଲ୍ ବିକ୍ରି ହେଲେ ଗ୍ରାହକମାନଙ୍କ ମନରେ ରହିଥିବା ଭୟ ଦୂର ହୋଇପାରିବ। ପୁରୁଣା ଗାଡ଼ିଗୁଡ଼ିକରେ ଯନ୍ତ୍ରାଂଶଗୁଡ଼ିକ ଇଥାନଲକୁ ସହ୍ୟ କରିବା ପାଇଁ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଇ୧୦ ବିକ୍ରି ଜାରି ରଖାଯାଇପାରିବ।






ଇଥାନଲ ମିଶ୍ରଣକୁ ନେଇ ନାଗେଶ୍ୱରନ ଆଉ ଏକ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ କେତେ ଦୂର ଯିବ? ଯଦି ଇ୩୦ ପେଟ୍ରୋଲ ଆସିବ ତେବେ ଭାରତର ଖାଦ୍ୟ ସୁରକ୍ଷା ଓ ତୈଳ ଆବଶ୍ୟକତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା କଷ୍ଟକର ହୋଇପଡ଼ିବ। କାରଣ ଇଥାନଲ ପାଇଁ ବିଶେଷ କରି ଆଖୁ, ମକା, ଚାଉଳ ଆଦିକୁ ଫିଡ୍ ଷ୍ଟକ୍ ଭାବେ ବ୍ୟବହାର କରାଯାଉଛି।

# ଏଆଇ ଲେଖିଥିବା ଟେକ୍ସଟ୍ ଚିହ୍ନିବା ହେବ ସହଜ

ନୂଆଦିଲ୍ଲୀ, ୧୭।୮: ମଣିଷ ଏବଂ ଏଆଇ ଦ୍ୱାରା ଲିଖିତ କଣ୍ଟେଣ୍ଟ ମଧ୍ୟରେ ପାର୍ଥକ୍ୟ ଜାଣିବାକୁ ସହଜ ହେବ। ୟୁରୋପୀୟ ୟୁନିୟନ (ଇୟୁ) ଏଆଇ ଆକ୍ଟର ନିୟମ ପାଳନ କରିବା ପାଇଁ, ପ୍ରସିଦ୍ଧ ଏଆଇ କମ୍ପାନୀ 'ଆନ୍ଥ୍ରୋପିକ୍' ଏହାର ଲୋକପ୍ରିୟ ଚାଟବଟ୍ 'କ୍ଲାଉଡ୍' ର ଟେକ୍ସଟ୍‌ରେ ଏକ ସ୍ୱତନ୍ତ୍ର ୱାଟରମାର୍କ ଯୋଗ କରୁଛି। ତେବେ ଏହି ୱାଟରମାର୍କ କୌଣସି ଦୃଶ୍ୟମାନ ଲେବଲ୍ କିମ୍ବା କୋଡ୍ ନୁହେଁ। ବର୍ତ୍ତମାନ ପର୍ଯ୍ୟନ୍ତ ଆପଣ ଏଆଇ ଦ୍ୱାରା ତିଆରି ଫଟୋ ଏବଂ ଭିଡିଓରେ ୱାଟରମାର୍କ ଦେଖିଥିବେ। କିନ୍ତୁ ବର୍ତ୍ତମାନ କ୍ଲାଉଡ୍ ଚାଟବଟ୍ ପ୍ରସ୍ତୁତକାରୀ କମ୍ପାନୀ ଆନ୍ଥ୍ରୋପିକ୍ ଏହାର ଟେକ୍ସଟ୍ କଣ୍ଟେଣ୍ଟରେ ମଧ୍ୟ ଏହାକୁ ଲାଗୁ କରିବାକୁ ଯାଉଛି। କାରଣ ଏଆଇ ଏବଂ ମଣିଷ ଲେଖିଥିବା ଲେଖା ମଧ୍ୟରେ ପାର୍ଥକ୍ୟ ଜାଣିବା ଦିନକୁ ଦିନ କଷ୍ଟକର ହୋଇପଡୁଛି। ଏହି ୱାଟରମାର୍କ କୌଣସି ଚିହ୍ନ କିମ୍ବା କୋଡ୍ ପରି ଟେକ୍ସଟ୍‌ରେ ସାଧାରଣ ଲୋକଙ୍କୁ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବ ନାହିଁ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଇୟୁର ଏଆଇ ଆକ୍ଟର ନିୟମ ପାଳନ ପାଇଁ ଏହି ପଦକ୍ଷେପ ବିଶ୍ୱବ୍ୟାପୀ ଗ୍ରହଣ କରାଯାଉଛି। ଏହି ଆଇନ ଅନୁଯାୟୀ, ଏଆଇ ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟକୁ ଏପରି ଭାବରେ ଚିହ୍ନିତ କରାଯିବା ଆବଶ୍ୟକ, ଯାହାକୁ ମେସିନ୍ ପଢ଼ିପାରିବ।




ଶବ୍ଦ ଚୟନ ପ୍ରକ୍ରିୟା: କ୍ଲାଉଡ୍ ଏଆଇ ଏହାର ଉତ୍ତର ଦେବା ସମୟରେ ଗୋଟିଏ ପରେ ଗୋଟିଏ ଶବ୍ଦ ଚୟନ କରିଥାଏ। ଯେତେବେଳେ ଏହା ସମ୍ମୁଖରେ ଅନେକ ସଠିକ୍ ଶବ୍ଦର ବିକଳ୍ପ ଥାଏ, ସେତେବେଳେ ଏହା ଏକ ସ୍ୱତନ୍ତ୍ର ସିଷ୍ଟମ ବ୍ୟବହାର କରି ଶବ୍ଦଗୁଡ଼ିକୁ ବାଛିଥାଏ। ଲୁକ୍କାୟିତ ପ୍ୟାଟର୍ଣ୍ଣ: ଶବ୍ଦ ଚୟନର ଏହି ତରିକା ହିଁ ଏହାର ପରିଚୟ ବା ୱାଟରମାର୍କ ପାଲଟିଯାଏ। ଏହି ଚୟନଗୁଡ଼ିକ ଏପରି ଏକ ପ୍ୟାଟର୍ଣ୍ଣ ଛାଡ଼ିଥାଏ ଯାହା ସାଧାରଣ ପାଠକଙ୍କୁ ଦୃଶ୍ୟମାନ ହୁଏ ନାହିଁ, କିନ୍ତୁ ସଠିକ୍ 'Key' ରଖିଥିବା ବ୍ୟକ୍ତି ଏହାକୁ ସହଜରେ ଚିହ୍ନିପାରିବେ।

କମ୍ପାନୀ ସ୍ପଷ୍ଟ କରିଛି ଯେ ଏହି ୱାଟରମାର୍କ ଯୋଗୁଁ କ୍ଲାଉଡ୍ ର ଆଉଟପୁଟ୍ କ୍ୱାଲିଟି କିମ୍ବା କଣ୍ଟେଣ୍ଟ ଉପରେ କୌଣସି ପ୍ରକାରର ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ୱାଟରମାର୍କ ଥିବା ଏବଂ ନଥିବା ଟେକ୍ସଟ୍ ମଧ୍ୟରେ ପାର୍ଥକ୍ୟ ପାଠକମାନେ ଜାଣିପାରିବେ ନାହିଁ। ଏହି ଉତ୍ତରଗୁଡ଼ିକରେ କୌଣସି ଅତିରିକ୍ତ କ୍ୟାରେକ୍ଟର ବା ଟୋକନ ଯୋଗ କରାଯାଏ ନାହିଁ, ଯାହାଫଳରେ ଏହାର ବ୍ୟବହାର ମହଙ୍ଗା ହୁଏ ନାହିଁ କିମ୍ବା ଗତି ମଧ୍ୟ କମେ ନାହିଁ। ଏହି ୱାଟରମାର୍କକୁ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ, ଏଆଇ ଟେକ୍ସଟ୍ କପି-ପେଷ୍ଟ କଲେ ମଧ୍ୟ ଏହା ସେଥିରେ ରହିଥାଏ ଏବଂ ସାମାନ୍ୟ ଏଡିଟିଂ ପରେ ମଧ୍ୟ ସହଜରେ ହଟେ ନାହିଁ। ତଥାପି, ଏହାକୁ ହଟାଇବା ସମ୍ପୂର୍ଣ୍ଣ ଅସମ୍ଭବ ନୁହେଁ। ଯଦି ସମଗ୍ର ଟେକ୍ସଟ୍‌କୁ ପୁନର୍ବାର ଲେଖାଯାଏ ଏବଂ ପ୍ରତ୍ୟେକ ଶବ୍ଦ ବଦଳାଇ ଦିଆଯାଏ, ତେବେ ଏହି ୱାଟରମାର୍କ ହଟିଯାଇପାରେ। ଏହା ବ୍ୟତୀତ, କମ୍ପାନୀ ସ୍ପଷ୍ଟ କରିଛି ଯେ ୱାଟରମାର୍କ ଦ୍ୱାରା କେବଳ ଏହା ଜଣାପଡିବ ଯେ କ୍ଲାଉଡ୍ ର ସେହି କଣ୍ଟେଣ୍ଟ ସହିତ କୌଣସି ନା କୌଣସି ସ୍ତରରେ ସମ୍ପୃକ୍ତି ରହିଛି। ଏହାର ଅର୍ଥ ଏହା ନୁହେଁ ଯେ କ୍ଲାଉଡ୍ ହିଁ ସମ୍ପୂର୍ଣ୍ଣ ଆର୍ଟିକିଲ୍, ପ୍ରବନ୍ଧ କିମ୍ବା ଡକ୍ୟୁମେଣ୍ଟ୍ ଲେଖିଛି ବୋଲି ସମ୍ପୂର୍ଣ୍ଣ ପ୍ରମାଣିତ ହୋଇଯିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୦୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ପୋତି ହୋଇଯିବ କଳାହାଣ୍ଡିର ପ୍ରାଣ 'ଇନ୍ଦ୍ରାବତୀ'

■ ଜଳଭଣ୍ଡାରକୁ ବିପଦ ହେଲାଣି ପଙ୍କ ■ ନିରାପତ୍ତା ରିପୋର୍ଟ ଓଲଟାଉନି ଜଳ ସମ୍ପଦ ବିଭାଗ



କଳାହାଣ୍ଡି,୧୭।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ପ୍ରାଣ ଇନ୍ଦ୍ରାବତୀ। ଭୋକର୍ ମାନଚିତ୍ର ବଦଳାଇ ଇନ୍ଦ୍ରାବତୀ ଜିଲ୍ଲା ପାଇଁ ଜୀବନ ରେଖା ପାଲଟିଛି। କିନ୍ତୁ ଏହାର ସୁରକ୍ଷାକୁ ନଜର ଅନ୍ଦାଜ କଲେ ଇନ୍ଦ୍ରାବତୀ ଚିର ନିଦ୍ରାର ପଥିକ ହୋଇଯିବ। କାରଣ, ଅପର ଇନ୍ଦ୍ରାବତୀ ଡ୍ୟାମର ନିରାପତ୍ତା ପ୍ରସଙ୍ଗ ଉପରେ ୨୦୧୮ ମସିହାରେ ଜଳସମ୍ପଦ ବିଭାଗକ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା । ଏହାକୁ କାର୍ଯ୍ୟକାରୀ କରାନଗଲେ ଡ୍ୟାମ ପୋତି ହୋଇଯିବ ବୋଲି ଆଶଙ୍କା କରାଯାଇଥିଲା । କେବେ ରୋପୋର୍ଟକୁ କାର୍ଯ୍ୟକାରୀ କରି ଇନ୍ଦ୍ରାବତୀକୁ ଦୀର୍ଘାୟୁ କରାଯିବ ତାକୁ ନେଇ ଆରମ୍ଭ ହୋଇଛି ଆଲୋଚନା, ପର୍ଯ୍ୟାଲୋଚନା।

କଳାହାଣ୍ଡି ଜିଲ୍ଲାର ବିକାଶରେ ଇନ୍ଧନ ସାଜିଥିବା ଇନ୍ଦ୍ରାବତୀ ଡ୍ୟାମର ନିରାପତ୍ତା ସବୁଠୁ ବଡ଼ ପ୍ରସଙ୍ଗ। ତେଣୁ ଏକ ଟିମ୍ ଗଠନ ହୋଇଥିଲା । ୨୦୧୮ ମସିହା ଅଗଷ୍ଟ ୨ରୁ୪ ତାରିଖ ପର୍ଯ୍ୟନ୍ତ ୭ ଜଣିଆ ଟିମ୍ ଇନ୍ଦ୍ରାବତୀ ଡ୍ୟାମ ପରିଦର୍ଶନ କରିଥିଲେ । ଏନେଇ ଚିଠି ସଂଖ୍ୟା ୧୯୮୫/୧୪ ଅଗଷ୍ଟ ୨୦୧୮ରେ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫଙ୍କୁ ରିପୋର୍ଟ ଦିଆଯାଇଥିଲା । ରିପୋର୍ଟରେ ଏକାଧିକ ଦିଗରେ ନିୟମିତ ନିରୀକ୍ଷଣ ଓ ମରାମତି ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଥିଲା। ଉପର ଇନ୍ଦ୍ରାବତୀ ପ୍ରକଳ୍ପରେ ୪ଟି ବନ୍ଧ ଓ ୮ଟି ଡାଇକ୍ ରହିଛି। ପ୍ରକଳ୍ପର କ୍ୟାଚ୍‌ମେଣ୍ଟ ଅଞ୍ଚଳ ୨୬୩୦ ବର୍ଗ କିମି, ଜଳାଶୟର ଷ୍ଟୋରେଜ୍ କ୍ଷମତା ୨୩୦୭.୭୦ ମିଲିୟନ୍ ଘନମିଟର ଓ ଲାଇଭ୍ ଷ୍ଟୋରେଜ୍ କ୍ଷମତା ୧୪୫୫.୭୬ ମିଲିୟନ୍ ଘନମିଟର। ମୁଖ୍ୟ ଇନ୍ଦ୍ରାବତୀ ବନ୍ଧ ୫୩୯ ମିଟର ଲମ୍ବା ଓ ୪୫ ମିଟର ଉଚ୍ଚ। ଏହାର ସ୍ପିଲ୍‌ୱେରେ ୭ଟି ରେଡିଆଲ୍ ଗେଟ୍ ରହିଛି। ପ୍ରତ୍ୟେକର ଆକାର ୧୮୭.୫ ମିଟର। ପ୍ରକଳ୍ପର ଗେଟ୍, ଡ୍ରେନେଜ୍ ଓ ଆନୁସଙ୍ଗିକ ଯନ୍ତ୍ରପାତି ନିୟମିତ ପରୀକ୍ଷା ଜରୁରି।

ସୁରକ୍ଷା ଦୃଷ୍ଟିରୁ ସିପେଜ୍ ଓ ଅପ୍‌ଲିଫ୍ଟ ପ୍ରେସରର ନିୟମିତ ଯାଞ୍ଚ, ଫାଉଣ୍ଡେସନ୍ ଡ୍ରେନେଜ୍ ହୋଲ୍ ସଫା କରିବା, ଆବଶ୍ୟକ ସ୍ଥାନରେ ଗ୍ରାଉଟିଂ ଓ ଡ୍ରେନ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବନ୍ଧ ଗ୍ୟାଲେରିରେ ଆଲୋକ ବ୍ୟବସ୍ଥା ସୁଧାରିବା ସହ ଅଟୋମେଟିକ୍ ଡି-ୱାଟରିଂ ପମ୍ପ ଓ ସେନ୍‌ସର ବ୍ୟବସ୍ଥା କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପୋଡ଼ାଗଡ଼ା, କପୁର ଓ ମୁରାନ୍ ବନ୍ଧରେ ମଧ୍ୟ ଡ୍ରେନ୍ ସଫା, ଭେଜିଟେସନ୍ ହଟାଇବା, ପାଇଜୋମିଟର୍ ଓ ସିପେଜ୍ ମନିଟରିଂ ଯନ୍ତ୍ରକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ମୁରାନ୍ ବନ୍ଧର ସିପେଜ୍ ଓ ଡ୍ରେନେଜ୍ ସମ୍ପର୍କିତ ସମସ୍ୟାର ତୁରନ୍ତ ମୂଲ୍ୟାଙ୍କନ, ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ ସମସ୍ତ ଗେଟ୍‌ର ମକ୍ ଡ୍ରିଲ୍, ଲୁବ୍ରିକେସନ୍ ଓ ଟ୍ରାଏଲ୍ ଅପରେସନ୍ ସହ ଆପାତକାଳୀନ ଯୋଜନାକୁ ଦୃଷ୍ଟିରେ ରଖି ଅପରେସନ୍ ଓ ରକ୍ଷଣାବେକ୍ଷଣ ମେନୁଆଲ୍ ରଖିବା ଆବଶ୍ୟକ ବୋଲି ଟିମ୍ ରିପୋର୍ଟରେ ସ୍ପଷ୍ଟ ସୂଚନା ଦେଇଛନ୍ତି। ଇନ୍ଦ୍ରାବତୀର ଡ୍ୟାମ୍ ସୁରକ୍ଷା ପ୍ରୋଟୋକଲ୍ ସୁଦୃଢ଼ କରିବା ବାଧ୍ୟତାମୂଳକ। ପ୍ୟାନେଲ୍‌ର ରିପୋର୍ଟ ଅନୁଯାୟୀ ଇନ୍ଦ୍ରାବତୀ ଡ୍ୟାମ୍ ପଙ୍କ ଯୋଗୁଁ ପୋତି ହେବା ଓ ଉଭୟ ଜଳସେଚନ ତଥା ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ୧ ଲକ୍ଷ ୧୮ ହଜାର ହେକ୍ଟର ମଧ୍ୟରୁ ୧ ଲକ୍ଷ ୧୨ ହଜାର ହେକ୍ଟର ଜମି ଜଳସେଚିତ ହେଉଛି।

## ନିଟ୍ ପରୀକ୍ଷାରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବସ୍ତା ବିଧାୟିକା



ବାଲିଆପାଳ,୧୭।୮ (ସଂଚାର ବ୍ୟୁରୋ): ନିଟ୍ ପରୀକ୍ଷାରେ ସଫଳଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା ଖବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅଧିନସ୍ତ ଦେଉଳା ଗ୍ରାମର ହରେକୃଷ୍ଣ ଗିରି ଓ ଜୟନ୍ତୀ ପ୍ରଧାନଙ୍କ ପୁଅ ଜ୍ୟୋତିପ୍ରକାଶ ଗିରି ୭୨୦ ରୁ ୬୩୦ ମାର୍କ ସହ କୃତକାର୍ଯ୍ୟ ହାସଲ କରିଛନ୍ତି। ସେହିପରି ଉକ୍ତ ପଞ୍ଚାୟତ ଅଧିନସ୍ତ ଧର୍ମଦ୍ୱାର ଗ୍ରାମର ରଘୁନାଥ ଦାସ ଏବଂ ମମତା ଦାସଙ୍କ ପୁଅ ବିଜୁୟ କୁମାର ଦାସ ୭୨୦ ରୁ ୫୯୨ ନମ୍ବର ରଖି ବାଲିଆପାଳ ବ୍ଲକ ତଥା ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେବିଧାୟିକା ବସ୍ତାର ମାନ୍ୟବର ବିଧାୟିକା ସୁବାସିନୀ ଜେନା ଉଭୟଙ୍କ ବାସଭବନରେ ପହଞ୍ଚି ନିଟ୍‌ରେ ସଫଳ ଛାତ୍ରଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ। ମହାପ୍ରଭୁ ଙ୍କ ନିକଟରେ ସଫଳ ଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ।

ଜାତୀୟ ପତାକାକୁ ଅସମ୍ମାନ ଘଟଣା

## ସାଂସଦ ଓ ବିଇଓଙ୍କଠାରେ ଅଭିଯୋଗ କଲେ ଗ୍ରାମବାସୀ



ବାଲିଆପାଳ,୧୭।୮ (ସଂଚାର ବ୍ୟୁରୋ): ଶନିବାର ଅଗଷ୍ଟ ୧୫ ତାରିଖ ଦିନ ବାଲିଆପାଳ ବ୍ଲକ ଜାମକୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା ସକାଳେ ପତାକା ଉତ୍ତୋଳନ କରି ଦିନ ୧୧ ଟା ସୁଦ୍ଧା ପତାକାକୁ ଖୋଲି ଦେଇ ଘରକୁ ପଳାଇଯାଇଥିଲେ। ଗାଁ ଲୋକ ବିଦ୍ୟାଳୟ ପରିସରରେ କେବଳ ବାଉଁଶ ଠିଆ ହୋଇଥିବାର ଦେଖି ପ୍ରଧାନଶିକ୍ଷକ ଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟ ଫାଟକରେ ଆଗରେ ହୁହାଲ୍‌ଆ କରିବା ସହିତ ସିଆରସିସି ଏବଂ ଏବିଓଙ୍କୁ ଏବିଷୟରେ ଅବଗତ କରାଇଥିଲେ। ପୂର୍ବବର୍ଷ ମଧ୍ୟ ଅଗଷ୍ଟ ୧୫ ତାରିଖରେ ରାତି ଆଠଟା ସମୟରେ ପାଚେରୀ ଡେଇଁ ଗ୍ରାମବାସୀମାନେ ପତାକାକୁ ଓଲ୍ଲାଇ ଥିବା କଥା ବିନୋଦ ବିହାରୀ ଜେନା, ଗୌରାଙ୍ଗ ରଣା, ସୁବାସ ବେହେରା, ରବିନ୍ଦ୍ର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କର ଏଭଳି ଖାମଖିଆଲି ନୀତି ପାଇଁ ବାରମ୍ବାର ଜାତୀୟ ପତାକାକୁ ଅସମ୍ମାନ କରୁଥିବା ନେଇ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ଜାମକୁଣ୍ଡା ଗ୍ରାମବାସୀ ପ୍ରଥମେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରିଣୀ ସୋମା ରାଣୀ ସେଠି ପରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀକୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କର ଅଭିଯୋଗକୁ ଆଧାର କରି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀମତୀ ସେଠି କହିଛନ୍ତି। ଏଭଳି ତ୍ରୀରଙ୍ଗା ପତାକାକୁ ଅସମ୍ମାନ କରୁଥିବା ପ୍ରଧାନ ଶିକ୍ଷକଙ୍କୁ କ୍ଷମା କରାଯାଇ ପାରିବ ନାହିଁ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

## ପଞ୍ଚାମୁଣ୍ଡାଇରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ପଞ୍ଚାମୁଣ୍ଡାଇ,୧୭।୮ (ସଂଚାର ବ୍ୟୁରୋ): ପବିତ୍ର ସ୍ୱାଧୀନତା ଦିବସ ଅବସରରେ ସମୃଦ୍ଧଶାଳୀ ନୂଆ ପଞ୍ଚାମୁଣ୍ଡାଇ ଗଢ଼ିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଞ୍ଚାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ପ୍ୟାରେଡ଼ ପଡ଼ିଆରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ପ୍ରକାଶ କରିଛନ୍ତି। ଜାତୀୟ ଦିବସ ପାଳନ କମିଟି ସହକାରୀ ଅଧକ୍ଷା ସ୍ଥାନୀୟ ଅତିରିକ୍ତ ତହସିଲଦାର ସାଗରୀକା ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ସ୍ୱାଧୀନତା ଦିବସର ମହତ୍ୱ ପଞ୍ଚାମୁଣ୍ଡାଇ ଅଂଚଳର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ।

ଏଇ ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ବିଧାୟକ ମାନପତ୍ର ଓ କପ ପ୍ରଦାନ କରିଥିଲେ ।

ସେହିପରି ପଞ୍ଚାମୁଣ୍ଡାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଅଫିସ ଦପ୍ତର ଓ ବ୍ୟବସାୟ ପ୍ରତିଷ୍ଠାନ ଓ ସଂଗଠନ ପକ୍ଷରୁ ସ୍ୱାଧୀନତା ଦିବସ ସମାରୋହରେ ପାଳିତ ହୋଇଯାଇଛି ।

## ଭାରତୀୟ ମଜଦୁର ସଂଘ ପକ୍ଷରୁ ଶ୍ରମିକ ସମାବେଶ




ଫୁଲବାଣୀ,୧୭।୮ (ସଂଚାର ବ୍ୟୁରୋ): ଭାରତୀୟ ମଜଦୂର ସଂଘ (ବିଏମଏସ) କନ୍ଧମାଳ ପକ୍ଷରୁ ଶ୍ରମିକମାନଙ୍କ ବହୁ ଦିନର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ଉପସ୍ଥିତିରେ ଫୁଲବାଣୀ ଠାରେ ବିଶାଳ ସମାବେଶ ଅନୁଷ୍ଠିତ ହେଇଯାଇଛି। ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ କାର୍ଯ୍ୟ ସମିତି ନିଷ୍ପତ୍ତି ଅନୁସାରେ ସଂଗଠିତ ଓ ଅସଂଗଠିତ ଶ୍ରମିକ ଓ ପ୍ରକଳ୍ପ କର୍ମଚାରୀମାନଙ୍କର ଦୀର୍ଘଦିନର ସମସ୍ୟା ସମାଧାନ ହେଉ ନଥିବାରୁ ରାଷ୍ଟ୍ରୀ ବ୍ୟାପି ଆନ୍ଦୋଳନ ଜରିଆରେ ସରକାରଙ୍କ ଦୃଷ୍ଟିଗୋଚର କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକଙ୍କ ଜରିଆରେ ଦେଶର ପ୍ରଧାନମନ୍ତ୍ରୀ, ଶ୍ରମମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ମୁଖ୍ୟ ଦାବିଗୁଡିକ ମଧ୍ୟରେ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶାକର୍ମୀମାନଙ୍କୁ କର୍ମଚାରୀ ମାନ୍ୟତା ସହିତ ସମ୍ମାନଜନକ ବେତନ ପ୍ରଦାନ କରିବା ଓ ଅବସରକାଳୀନ ଗ୍ରାଚ୍ୟୁଇଟି ଦଶ ଲକ୍ଷ ଟଙ୍କା, କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ହେଲେ ଦଶ ଲକ୍ଷ ଟଙ୍କା ପ୍ରଦାନ ସହ ପରିବାରର ଜଣକୁ ଚାକିରି, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରମୋସନ ପାଇଁ ଦାବି କରାଯାଇଛି।

ଆଶାକର୍ମୀ ମାନଙ୍କୁ ପ୍ରସୂତି କାଳୀନ ଛୁଟି ସହିତ ପୂର୍ଣ୍ଣ ମାନଦେୟ ନିୟମିତ ପ୍ରଦାନ, ଗତ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ଅଙ୍ଗନବାଡି ଓ ଆଶାକର୍ମୀଙ୍କ ମାନଦେୟ ବୃଦ୍ଧି, ଚୁକ୍ତିଭିତ୍ତିକ/ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ ଓ ସମସ୍ତ କର୍ମଚାରୀଙ୍କ ପାଇଁ "ସମାନ କାମ ପାଇଁ ସମାନ ଦରମା" ଲାଗୁ କରାଯିବା ଦାବିପତ୍ରରେ ଉଲେଖ ରହିଛି। ବଜାର ଦରକୁ ଦେଖି ସର୍ବନିମ୍ନ ମଜୁରୀ ଟ.୩୦,୦୦୦/- କୁ ବୃଦ୍ଧି, ଇପିଏସ୍-୯୫ ଅନ୍ତର୍ଭୁକ୍ତ ନ୍ୟୁନତମ ପେନସନକୁ ୭,୫୦୦କୁ ବୃଦ୍ଧି ସହିତ ମହଙ୍ଗା ଭତ୍ତା ଯୋଡ଼ିବା ଏବଂ 'ଆୟୁଷ୍ମାନ ଭାରତ ଯୋଜନା'ରେ ସାମିଲ କରିବାକୁ ଦାବି କରାଯାଇଛି।

ଇପିଏଫ୍, ଇଏସ୍ଆଇସି ଏବଂ ବୋନସ ସୀମାକୁ ଦ୍ୱିଗୁଣିତ କରିବା, ପୁରୁଣା ପେନସନ ପୁନଃ ପ୍ରଚଳନ କରିବା, ଗ୍ରାଚ୍ୟୁଇଟି ଗଣନାକୁ ୧୫ ଦିନର ବଦଳରେ ୩୦ ଦିନ କରିବା, ଲାଗୁ ହେବାକୁ ଥିବା ନୂତନ ଶ୍ରମ ସଂହିତାରେ ଶ୍ରମିକ-ବିରୋଧୀ ନିୟମଗୁଡ଼ିକୁ ଆବଶ୍ୟକୀୟ ସଂଶୋଧନ କରିବା, ଓଡିଶାର ବିଭିନ୍ନ ଅନୁଷ୍ଠାନ, ଉଦ୍ୟୋଗରେ ବେଆଇନି ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବୀ କରାଯାଇଛି।

## କାଣ୍ଡଗରଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ



ନୀଳଗିରି,୧୭।୮ (ସଂଚାର ବ୍ୟୁରୋ): ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୮୦ତମ ସ୍ୱାଧିନତା ଦିବସ ଉପଲକ୍ଷେ ୫ତମ ବାର୍ଦ୍ଧକ୍ୟ ସେବା ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ସକାଳେ ପଞ୍ଚାୟତ ଅଫିସରୁ ତ୍ରିରଙ୍ଗା ଯାତ୍ରା ବାହାରି ସନ୍ତରାଗଡ଼ିଆ ବଜାର ପରିକ୍ରମା ପରେ ପଞ୍ଚାୟତ ଅଫିସରେ ପତାକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତ ସଭାପତିତ୍ୱ କରିବା ସହ କୃତି ଛାତ୍ରଛାତ୍ରୀ ଓ ପୂର୍ବତନ ଜନପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରି ନୂଆ ପରମ୍ପରା ସୃଷ୍ଟି କରିଛନ୍ତି।

ଉକ୍ତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ସମ୍ମାନିତ ଅତିଥି ଭାବେ ୨ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବାଉଁଶ ବଣିଆ ପଞ୍ଚାୟତର ସମିତି ସଭ୍ୟ ଶୁଭେନ୍ଦୁ ସ୍ୱାଇଁ, ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ବାବା ପଂଚଲିଙ୍ଗେଶ୍ୱର କଲେଜ +୨ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଧୀନତା ଦିବସ ଓ ବାର୍ଦ୍ଧକ୍ୟ ହୋଇଗଲେ ବାପ,ମା' କିପରି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି, ବାପ, ମା ଙ୍କୁ କିପରି ସେବା ଯୋଗାଇବେ ସେ ବିଷୟରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନଥିଲେ।

ଅତିଥିମାନଙ୍କ ଦ୍ୱାରା ୧୯୯୩ ମସିହା ଠାରୁ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେଶ୍ୱର ମାଝୀ, ଶୁଭସ୍ମିତା ସେଠୀ, ପାର୍ବତୀ ନାୟକ, ସମିତି ସଭ୍ୟା ମାଳତୀ ମାଝୀ, କୌଶଲ୍ୟା ମଡୁଆଳ ପ୍ରମୁଖଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପଞ୍ଚାୟତର ଥିବା ମହାବିଦ୍ୟାଳୟର +୩, +୨ ବିଦ୍ୟାଳୟର ୧୦ମ, ୭ମ ଓ ୫ମର ଶ୍ରେଣୀର ୨୫ଜଣ କୃର୍ତ୍ତି ଛାତ୍ର/ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ମାଟାପାକା ପଞ୍ଚାୟତରେ ମିଳିତ ଜନଶୁଣାଣି ଶିବିର



ମାଲକାନଗିରି,୧୭।୮ (ସଂଚାର ବ୍ୟୁରୋ): ମାଲକାନଗିରି ବ୍ଲକ ଅନ୍ତର୍ଗତ ମାଟାପାକା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି ଓ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍., ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି। ଏହି ସମ୍ପୂର୍ଣ୍ଣ ଅଭିଯୋଗ ପ୍ରକ୍ରିୟାକୁ ସହକାରୀ ଜିଲ୍ଲାପାଳ ପ୍ରୀତମ ଦେବତା ସୁଚାରୁରୂପେ ସଂଯୋଜନା ଓ ପରିଚାଳନା କରିଥିଲେ।

ଅନୁଷ୍ଠିତ ଏହି ଶିବିରରେ ଗ୍ରାମବାସୀଙ୍କ ପକ୍ଷରୁ ସମୁଦାୟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୫ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ହୋଇଥିବା ବେଳେ ୨୦ଟି ସାମୂହିକ ବା ଗ୍ରାମ୍ୟ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଏହି ଶିବିରରେ ପ୍ରଶାସନ ପକ୍ଷରୁ ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ଏବଂ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ପ୍ରତ୍ୟେକ ଅଭିଯୋଗର ତଦନ୍ତ କରି ସମସ୍ତ ୨୫ଟି ଯାକ ସମସ୍ୟାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯଥାଶୀଘ୍ର ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ବର୍ଷା ବିପ୍ରାତ:କାନ୍ଥ ଭୁଶୁଡ଼ି ଗୋଟିଏ ପରିବାରର ୪ ଆହତ



ବାରିପଦା,୧୭।୮ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାରେ ରେ ଲଗାଣ ବର୍ଷା ଯୋଗୁଁ ସହର ଗ୍ରାମାଞ୍ଚଳରେ ନାହିଁ ନଥିବା କ୍ଷତି ଘଟିଛି ।ବହୁ ଧନ ଜୀବନ,ଘର ଦ୍ୱାର ,ରାସ୍ତାଘାଟ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଲଗାଣ ବର୍ଷାରେ କୁସୁମି ବ୍ଲକର ଯୋରନ୍ଦା ପଞ୍ଚାୟତର ଦାନ୍ଧୁ ଆଦିବାସୀ ସାହିରେ ଜନୈକ ପରିବାରର ସଦସ୍ୟ ରାତିରେ ଖାଇ ପିଇ ଶୋଇଥିବାବେଳେ ମଧ୍ୟରାତ୍ରରେ କଚାକାନ୍ଥ ଭୁଷୁଡି ସେମାନଙ୍କ ଉପରେ ପଡିଯାଇଥିଲା । ଫଳରେ ପରିବାରର ୪ ଜଣ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି । ଆହତମାନେ ହେଲେ ସାକିଲା ହାଁସଦା (୩୪)ତାଙ୍କ ପତ୍ନୀ ପାନ ହାଁସଦା (୨୮) ଓ ଗୋଟିଏ ଝିଅ ସୂର୍ଯ୍ୟ ହାଁସଦା ଓ ଆଉ ଜଣେ ବର୍ଷ କର ଶିଶୁ କନ୍ୟା । ଆହତ ୪ ଜଣଙ୍କୁ ଦାନ୍ଧୁ ସାହି ଗ୍ରାମବାସୀ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଦାମ ପାହାଡ଼ ମେଡିକାଲ କୁ ପଠାଇ ଚିକିତ୍ସା କରାଇଥିଲେ । ଘରଟି ଭାଙ୍ଗି ଯିବା ଦ୍ୱାରା ଦମ୍ପତି ବାସହରା ହୋଇ ପଡିଛନ୍ତି। ଏହା ସହିତ ଆବାସ ଯୋଜନାରେ ଘର ପାଇଥିଲେ ମଧ୍ୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବା ଏହି କଚ୍ଚା ଘରେ ପରିବାର ବସବାସ କରୁଥିଲେ। ଏହା ସହିତ ଗୋବିନ୍ଦପୁର ଗ୍ରାମ ଦାନ୍ଧୁ ସାହିର ଫୁଲ ମୁର୍ମୁ, ରାମ ମାଣ୍ଡି, ସାନ ପଡିଆ ର ବଳରାମ ନାଏକ, ଝିପାବନ୍ଧ ପଞ୍ଚାୟତ ପଣ୍ଡୁଗଣ୍ଡି ଗ୍ରାମର ତିରିଲଟଲା ସାହିର ସୁମିତ୍ରା ନାଏକ ଙ୍କ ଘର ମଧ୍ଯ ଭାଙ୍ଗିଛି। ଯୋରଦା ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମାଝୀ ଉକ୍ତ ଆହାତ ପରିବାରଙ୍କୁ ଭେଟି ସହାନୁଭୂତି ଦେଖାଇଛନ୍ତି। ଏହା ସହିତ ସରକାରଙ୍କ ତରଫରୁ ଯାହା ସାହାଯ୍ୟ ଦିଆଯାଉଛି ଯୋଗାଇବା ନେଇ ପ୍ରତିଶୃତି ଦେଇଛନ୍ତି। ଅନ୍ୟ ପକ୍ଷରେ ପ୍ରକୃତ କଚାଘର ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଭିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

## ଗଞ୍ଜେଇ ଜବତ, ଚାରି ଗିରଫ



ରାଇଘର,୧୭।୮ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା ଯୋଢ଼େଙ୍ଗାରୁ ବରଗାଁ ଯିବା ରାସ୍ତାରେ ଥିବା ହୀରାପରା ଠାରେ ଗଞ୍ଜେଇ ବେପାରର ମୂଳଚାଲ ଚାଲିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଚାରିଜଣ ବେପାରୀଙ୍କୁ ଧରିବାରେ ସଫଳ ହୋଇଥିଲା ରାଇଘର ପୁଲିସ। ଜଣେ ରାଇଘର ଅଂଚଳର ପୋଖନାପାରା ଗ୍ରାମର ଗିରିଧାରୀ ଗଣ୍ଡ ହୋଇଥିବାବେଳେ ଅନ୍ୟ ତିନିଜଣ ରାଜୁ ଚାଲାନ, ଅର୍ଜୁନ ପାଙ୍ଗି, ରାଜେନ୍ଦ୍ର ମାରି ମାଲକାନଗିରିର ବୋଲି ଜଣାପଡିଛି। ଏମାନଙ୍କ ପାଖରୁ ଦୁଇଟି ବାଇକ, ଚାରିଟି ମୋବାଇଲ, ଅଠର ହଜାର ଛଅସହ ଟଙ୍କା ସହ ବାଇଶ କିଲୋ ତିନି ସହ ଦଶ ଗ୍ରାମ ଗଞ୍ଜେଇ ଜବତ ହୋଇଛି |

## ବରିଷ୍ଠ ନାଗରିକ ମଞ୍ଚର ଚାରାରୋପଣ

କେନ୍ଦ୍ରାପଡ଼ା,୧୭।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓସ୍ତପୁର ତାରିଣୀ ମଣ୍ଡପ ନିକଟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବୃକ୍ଷରୋପଣ କରାଯାଇଛି ।

ମଞ୍ଚର ସଭାପତି ଶିକ୍ଷାବିତ୍ ମଧୁସୁଦନ ରାଉତ ଜାତୀୟ ପତାକା ଉତ୍ତଳୋନ କରି ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ଉପରେ ମତ ରଖିଥିଲେ । ମଞ୍ଚର ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ଜାତୀୟ ପତାକାର ତିନିରଙ୍ଗର ମାହାତ୍ମ୍ୟ ଓ ସ୍ୱାଧୀନତା ଦିବସରେ ନାଗରିକଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ । ଏହାପରେ ଦେପୁରସ୍ଥିତ ବଟ ମହାପୁରୁଷଙ୍କ ନିକଟରେ ତାଳମଞ୍ଜି ସହିତ ବିଭିନ୍ନ ପ୍ରକାରର ବୃକ୍ଷର ଚାରାରୋପଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମଞ୍ଚର ସହ ସମ୍ପାଦକ ହୃଷିକେଶ ନାୟକ, ଉପଦେଷ୍ଟା ଧନେଶ୍ୱର ତ୍ରିପାଠୀ, ବୈଷ୍ଣବ ରାଉତ, ଶିକ୍ଷାବିତ୍ ମୁରଲୀଧର ପାତ୍ର, କୃଷକ ନେତା ରାମଚନ୍ଦ୍ର ରାଉତ, ମଦନ ନାୟକ, ବୁଲା ପରିଡା, ପ୍ରଫୁଲ୍ଲ ଖଟୁଆ, ଖଗେଶ୍ୱର ରାଉତ, ଗଗନ ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ରାଉତ, ରାମଚନ୍ଦ୍ର ରାଉତ, ଚେମାନନ୍ଦ ନାୟକ ପ୍ରମୁଖ ସାମିଲ ଥିଲେ । ଶିକ୍ଷାବିତ୍ ତପନ ଦାସ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



## ଇଫିକୋ ଲୋକସମ୍ପର୍କ ଅଧିକାରୀଙ୍କ ଧର୍ମପତ୍ନୀଙ୍କ ପରଲୋକ



ପାରାଦ୍ୱୀପ,୧୭।୮ (ସଂଚାର ବ୍ୟୁରୋ): ଇଫିକୋ ପାରାଦ୍ୱୀପର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ଧର୍ମପତ୍ନୀ ରୀନା ବେଉରାଙ୍କର ୪୮ ବର୍ଷ ବୟସରେ ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ବେଙ୍ଗାଲୁରୁସ୍ଥିତ ଆପୋଲୋ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି। ସ୍ୱର୍ଗତା ରୀନା ବେଉରା ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ପରିଚିତ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତାଙ୍କ ମରଶରୀର ଆସନ୍ତାକାଲି ତାଙ୍କ କୁସୁନପୁରସ୍ଥିତ ଗ୍ରାମକୁ ଅଣାଯିବା ପରେ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି। ତାଙ୍କ ବିୟୋଗରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ବିଭିନ୍ନ ମହଲରୁ ସମବେଦନା ଜ୍ଞାପନ କରାଯାଇଛି। ଶୋକାକୁଳ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ସମସ୍ତେ ପ୍ରାର୍ଥନା କରିଛନ୍ତି।

## ମାନସ ଖଣ୍ଡୁଆଳଙ୍କୁ 'କଳିଙ୍ଗ ରତ୍ନ' ସମ୍ମାନ



କାକଟପୁର/ଅସ୍ତରଙ୍ଗ,୧୭।୮ (ସଂଚାର ବ୍ୟୁରୋ): -ସେ ସରଳ, ନିଷ୍କପଟ ମଣିଷ। ମୁହଁରେ ସବୁବେଳେ ହସ, କଥାରେ କୌଣସି ବଡପଣ ନାହିଁ। କିନ୍ତୁ କାମରେ ଅଛି ଅଦମ୍ୟ ଜିଦ୍। ପୁରୀ ଜିଲ୍ଲା ନିମାପଡା, କୋଣାର୍କ, ଗୋପ, କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଯେଉଁଠି ଯେକୌଣସି ଘଟଣା ଘଟୁ, ସେଠାରେ ସମସ୍ତଙ୍କ ଆଗରେ କ୍ୟାମେରା ଧରି ପହଞ୍ଚିଯାଉଥିବା ବ୍ୟକ୍ତିଙ୍କ ନାମ ହେଉଛନ୍ତି ଖବର ଦାତା ମାନସ ଖଣ୍ଡୁଆଳ।

ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ସେ ଗଣମାଧ୍ୟମ ଜଗତରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏକମାତ୍ର ଲକ୍ଷ୍ୟ ହେଲା ସାଧାରଣ ଲୋକଙ୍କ ସ୍ୱରକୁ ସରକାର ନିକଟରେ ପହଞ୍ଚାଇବା। ବାତ୍ୟା ହେଉ କି ବନ୍ୟା, ସେ ଘରେ ବସି ରହି ନାହାନ୍ତି। ଯେତେବେଳେ ନିମାପଡା ର ଧନୁଆ, କୁଶଭଦ୍ରା ସମେତ ବଳଙ୍ଗା ଅଞ୍ଚଳରେ ବନ୍ୟା ହୁଏ, ସେ ଅସ୍ତରଙ୍ଗରୁ ସିଧା ବଳଙ୍ଗା, ଗୋପ ଧାଇଁ ଯାଆନ୍ତି। ପାଣିରେ ବୁଡି ଯାଉଥିବା ଗାଁର ଲୋକଙ୍କ ଦୁଃଖ, ତ୍ରାଣର ଅଭାବକୁ ସେ ନିଜ ଖବର ମାଧ୍ୟମରେ ସରକାର ନିକଟରେ ପହଞ୍ଚାଇ ସହାୟତା ଆଣିବାକୁ ଚେଷ୍ଟା କରନ୍ତି।

ରାତି ହେଉ କି ଦିନ, କୌଣସି ଜାଗାରେ ଘଟଣା ଘଟିଲେ ସେ ସବୁଠୁ ଆଗରେ ଥାଆନ୍ତି। ଯେମିତିକି କିଛି ଦିନ ତଳେ କୁଣ୍ଢେଇରେ ସୁନା ଦୋକାନରେ ଗୁଳିକାଣ୍ଡ ହେଲା, ଘଟଣା ଘଟିବାର କିଛି ସମୟ ମଧ୍ୟରେ ସେ ସେଠାରେ ପହଞ୍ଚି ସୁନା ଦୋକାନୀ ଶହ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରତିକ୍ରିୟା ନେଇ ବାସ୍ତବ ଖବର ପ୍ରସାର କରିଥିଲେ। ଅଞ୍ଚଳର ପ୍ରତି ଛୋଟ ବଡ ଖବର ଉପରେ ତାଙ୍କର ନଜର ରହିଥାଏ। ଲୋକଙ୍କ ନିକଟରେ ସତ୍ୟ ଓ ବାସ୍ତବ ଖବର ପହଞ୍ଚାଇବା ହିଁ ତାଙ୍କୁ ଆଜି ଏତେ ବଡ ପରିଚୟ ଦେଇଛି। କିନ୍ତୁ ତାଙ୍କ ଜୀବନର ସବୁଠୁ ବଡ ଲଢେଇ ଥିଲା ନିଜ ଜୀବନ ସହ। କିଛି ବର୍ଷ ପୂର୍ବେ ଗୁରୁତର ଅସୁସ୍ଥତା ଯୋଗୁଁ ସେ ଜୀବନ-ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ସେହି ଅନ୍ଧାର ସମୟରେ ଅଞ୍ଚଳବାସୀଙ୍କ ସ୍ନେହ, ଭଲପାଇବା ଓ ପ୍ରାର୍ଥନା ତାଙ୍କୁ ନୂଆ ଜୀବନ ଦେଇଥିଲା। ଲୋକେ ଘରକୁ ଆସି ଖବର ନେଉଥିଲେ, ସାହସ ଦେଉଥିଲେ। ସେହି ଭଲପାଇବାର ଋଣ ସୁଝିବା ପାଇଁ ସେ ସୁସ୍ଥ ହେବା ପରେ ପୁନର୍ବାର ନିଜ ବୃତ୍ତି ସାମ୍ବାଦିକତାକୁ ଆପଣାଇଲେ। ଆଜି ବି ସେ ସେହି ପୁରୁଣା ଉଦ୍ୟମରେ ଲୋକଙ୍କ ସମସ୍ୟାକୁ ଖବର କରି ସରକାର ନିକଟରେ ପହଞ୍ଚାଇବା କାମ ଜାରି ରଖିଛନ୍ତି।

ଯେମିତିକି ବନ୍ୟା ହେଉ କି, ଖରା ଦିନରେ ପାନୀୟ ଜଳ ସମସ୍ୟା ହେଉ କି ସାର କଳାବଜାର ସହ ପ୍ରଶାସନିକ ଅଧିକାରୀ, ଅଧିକାରିଣୀ ଲୋକ ଙ୍କ ସମସ୍ୟା ନ ବୁଝିବା ହେଉ କି ଆଇନି ରକ୍ଷକ ସଠିକ କାର୍ଯ୍ୟ ନ କଲେ ଶାଣିତ ସ୍ୱରରେ ଉପସ୍ଥାପନା ହେଉ ସେ କେବେ ପଛକୁ ଫେରି ନାହାନ୍ତି।ଏହି ନିରବ ସେବା ପାଇଁ ସେ ଅନେକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ସ୍ୱାଧୀନତା ଦିବସ ଅବସର ରେ ଅସ୍ତରଙ୍ଗ ପ୍ରେସ କ୍ଲବର ୧୦ମ ବାର୍ଷିକ ଉତ୍ସବରେ ତାଙ୍କୁ "କଳିଙ୍ଗ ରତ୍ନ ସମ୍ମାନ ୨୦୨୬" ପ୍ରଦାନ କରାଯାଇଛି। ଏହି ସମ୍ମାନ ତାଙ୍କୁ ଆଗକୁ ଆହୁରି କାମ କରିବା ପାଇଁ ନୂଆ ପ୍ରେରଣା ଦେଇଛି।

ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନାରୀ ସଶକ୍ତିକରଣ ଆୟୋଗ ଚେୟାରମ୍ୟାନ ଶ୍ରୀମତୀ ନମ୍ରତା ଚଢ଼ା, ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ, ଅସ୍ତରଙ୍ଗ ପ୍ରେସ କ୍ଲବ ସଭାପତି ଶରତ କୁମାର ପରିଡା, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା, ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ଏବଂ ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୁରୀ ଜିଲ୍ଲାର ଗାଁ ଗାଁରେ ଘଟଣାସ୍ଥଳରୁ ସତ୍ୟ ଖବର ପହଞ୍ଚାଉଛନ୍ତି**




# ଭଲ ଓ ଖରାପ କୋଲେଷ୍ଟ୍ରଲ୍ ଭିତରେ ପାର୍ଥକ୍ୟ କ'ଣ



ଖାଦ୍ୟପ୍ରେମୀମାନେ ପ୍ରାୟତଃ ଉଚ୍ଚ କୋଲେଷ୍ଟ୍ରଲ୍ ଅଭିଯୋଗ କରନ୍ତି, ଯାହା ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଅନିୟମିତ ଖାଦ୍ୟପେୟ ଯୋଗୁଁ ହୋଇଥାଏ। ଏସବୁ ମଧ୍ୟରେ, ଲୋକମାନେ ଏକ ସରଳ ନିଷ୍କର୍ଷରେ ପହଞ୍ଚିଛନ୍ତି, କୋଲେଷ୍ଟ୍ରଲ୍ କୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି: ଭଲ ଏବଂ ଖରାପ। ଏଲଡିଏଲ କୁ ଖରାପ କୋଲେଷ୍ଟ୍ରଲ୍ କୁହାଯାଏ, ଏବଂ ଏଚଡିଏଲ କୁ ଭଲ କୋଲେଷ୍ଟ୍ରଲ୍ କୁହାଯାଏ। ସେମାନଙ୍କ ରିପୋର୍ଟରେ ଏଚଡିଏଲ ସଂଖ୍ୟା ଦେଖି ଲୋକମାନେ ଖୁସି ହୁଅନ୍ତି, କିନ୍ତୁ ଏହି ବିଶ୍ୱାସ ସତ୍ୟ କି, ନା ଏହା ପଛରେ ଅନ୍ୟ କୌଣସି ସତ୍ୟ ଅଛି? ଆସନ୍ତୁ ଜାଣିବା....

## କୋଲେଷ୍ଟ୍ରଲ୍ କ'ଣ?

କୋଲେଷ୍ଟ୍ରଲ ଏକ ମହମ ଭଳି ଚର୍ବି ଯାହା ଆମ ଶରୀରକୁ କୋଷ, ଭିଟାମିନ୍ ଡି ଏବଂ ହରମୋନ ନିର୍ମାଣ କରିବାରେ ସାହାଯ୍ୟ କରେ। ଆମର ଯକୃତ ଆବଶ୍ୟକତା ଅନୁସାରେ କୋଲେଷ୍ଟ୍ରଲ ଉତ୍ପାଦନ କରେ, କିନ୍ତୁ ଆମେ ଖାଦ୍ୟ ଏବଂ ପାନୀୟ ମାଧ୍ୟମରେ ମଧ୍ୟ ଯଥେଷ୍ଟ ପରିମାଣରେ ଏହାକୁ ଗ୍ରହଣ କରୁ। ଯଦିଓ ଅତ୍ୟାବଶ୍ୟକ, ଉଚ୍ଚ ସ୍ତର ଧମନୀ କାନ୍ଥରେ ପ୍ଲାକ୍ ତିଆରି କରିପାରେ, ଯାହା ହୃଦରୋଗ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ।

## ଏଲଡିଏଲ କ'ଣ ପ୍ରକୃତରେ ଖରାପ କୋଲେଷ୍ଟ୍ରଲ୍?

ହୃଦରୋଗ ପାଇଁ ପ୍ରାୟତଃ ଏଲଡିଏଲକୁ ଦାୟୀ କରାଯାଏ, କିନ୍ତୁ ସମସ୍ତ ଏଲଡିଏଲ ସମାନ ନୁହେଁ। କିଛି ଏଲଡିଏଲ କଣିକା ବଡ଼ ଏବଂ ହାଲୁକା, ଯେତେବେଳେ ଅନ୍ୟଗୁଡ଼ିକ ଛୋଟ ଏବଂ ଘନ। ଧମନୀରେ ପ୍ଲାକ୍ ଗଠନରେ ଛୋଟ ଏବଂ ଘନ କଣିକାଗୁଡ଼ିକ ଅଧିକ ଭୂମିକା ଗ୍ରହଣ କରନ୍ତି। ଏସିଆନ୍ ହସ୍ପିଟାଲର ଡାକ୍ତର ଦିବାକର କୁମାରଙ୍କ ଅନୁଯାୟୀ, "ସମସ୍ତ ଏଲଡିଏଲ କ୍ଷତିକାରକ ନୁହେଁ; ଗୋଟିଏ ଏଲଡିଏଲ ସଂଖ୍ୟା ସମ୍ପୂର୍ଣ୍ଣ ଚିତ୍ର କହିପାରିବ ନାହିଁ।

## ଏଚଡିଏଲ ପ୍ରକୃତରେ ଭଲ କୋଲେଷ୍ଟ୍ରଲ୍ କି?

ଏଚଡିଏଲକୁ ସାଧାରଣତଃ ଭଲ କୋଲେଷ୍ଟ୍ରଲ କୁହାଯାଏ କାରଣ ଏହା ରକ୍ତରୁ ଅତିରିକ୍ତ କୋଲେଷ୍ଟ୍ରଲକୁ ବାହାର କରିବାରେ ସାହାଯ୍ୟ କରେ, କିନ୍ତୁ ଉଚ୍ଚ ସ୍ତର ସର୍ବଦା ସୁରକ୍ଷାର ଗ୍ୟାରେଣ୍ଟି ଦିଏ ନାହିଁ। ଡକ୍ଟର କୁମାରଙ୍କ ଅନୁଯାୟୀ, "ଯଦି ଏଚଡିଏଲ ସ୍ତର ଅତ୍ୟଧିକ ଅଧିକ ଥାଏ, ତେବେ ଏହା ଚିନ୍ତାର କାରଣ ହୋଇପାରେ, ବିଶେଷକରି ଯେତେବେଳେ ଜୀବନଶୈଳୀ ପସନ୍ଦ ସୁସ୍ଥ ନୁହେଁ।" ଡକ୍ଟର ନେହା ଶାହଙ୍କ ଅନୁଯାୟୀ, "ଏହା ସତ୍ୟ ଯେ ଏଚଡିଏଲ ଶରୀରକୁ ସୁରକ୍ଷା ଦିଏ ଏବଂ ଏଲଡିଏଲ ବିପଦ ବୃଦ୍ଧି କରେ, କିନ୍ତୁ ଏହି ସଂଖ୍ୟାଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ପ୍ରକାଶ କରେ ନାହିଁ।

କୋଲେଷ୍ଟ୍ରଲର ବିପଦରୁ କିପରି ରକ୍ଷା ପାଇବେ?

କୋଲେଷ୍ଟ୍ରଲ୍ ଆପଣଙ୍କ ଦୈନନ୍ଦିନ ଅଭ୍ୟାସ ଦ୍ୱାରା ପ୍ରଭାବିତ ହୁଏ। ନିଦ୍ରା ଅଭାବ, ଅତ୍ୟଧିକ ଚାପ, ଧୂମପାନ ଏବଂ ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ ଆପଣଙ୍କୁ ଉଚ୍ଚ କୋଲେଷ୍ଟ୍ରଲ୍ ପାଇଁ ବିପଦରେ ପକାଇପାରେ। ଏହାକୁ ରୋକିବା ପାଇଁ ନିୟମିତ ବ୍ୟାୟାମ ଲାଭଦାୟକ। ଏହା ସହିତ, ପ୍ରତିଦିନ ଏକ ସନ୍ତୁଳିତ ଏବଂ ସୁସ୍ଥ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ, ଏବଂ ଯୋଗ କିମ୍ବା ଧ୍ୟାନ ଅଭ୍ୟାସ ମଧ୍ୟ ଚାପ ହ୍ରାସ କରିବାରେ ସହାୟକ ହୋଇପାରେ।

# ସିଗାରେଟ୍, ମଦ ବ୍ୟତୀତ ଜଙ୍କ୍‌ଫୁଡ୍ ଲିଭରକୁ ଖରାପ କରେ



ଲିଭର ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ବିଷାକ୍ତ ପଦାର୍ଥକୁ ଫିଲ୍ଟର, ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ ଏବଂ ମେଟାବୋଲିଜିମକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ତଥାପି, କିଛି ଅସ୍ୱାସ୍ଥ୍ୟକର ଅଭ୍ୟାସ ଯକୃତକୁ କ୍ଷତି ପହଞ୍ଚାଇପାରେ ଏବଂ ଗମ୍ଭୀର ରୋଗର କାରଣ ହୋଇପାରେ। ଏକ ଅସ୍ୱାସ୍ଥ୍ୟକର ଖାଦ୍ୟ, ଅତ୍ୟଧିକ ଖାଦ୍ୟ, ବ୍ୟାୟାମର ଅଭାବ, ଅତ୍ୟଧିକ ଔଷଧ ବ୍ୟବହାର ଏବଂ ଅତ୍ୟଧିକ ମଦ୍ୟପାନ ଲିଭରକୁ ଦୁର୍ବଳ କରିପାରେ। ଯଦି ଏହି ଅଭ୍ୟାସ ଗୁଡ଼ିକୁ ସମୟ ମଧ୍ୟରେ ସଂଶୋଧନ କରାନଯାଏ, ତେବେ ଫ୍ୟାଟି ଲିଭର, ହେପାଟାଇଟିସ୍ ଏବଂ ଲିଭର ସିରୋସିସ୍ ଭଳି ଜଟିଳତା ସୃଷ୍ଟି ହୋଇପାରେ। ଏଠାରେ, ଆମେ ପାଞ୍ଚଟି ଅଭ୍ୟାସ ଅନୁସନ୍ଧାନ କରିବୁ । ଯାହା ଲିଭରକୁ କ୍ଷତି ପହଞ୍ଚାଇପାରେ ଏବଂ ସେଗୁଡ଼ିକୁ ସୁଧାରିବା ପାଇଁ ସରଳ ପ୍ରତିକାର ମଧ୍ୟ ପ୍ରଦାନ କରିବୁ।

ଅସ୍ୱାସ୍ଥ୍ୟକର ଖାଦ୍ୟ-ଜଙ୍କଫୁଡ୍, ଭଜା ଜିନିଷ ଏବଂ ଅତ୍ୟଧିକ ପରିମାଣର ଚିନି ଏବଂ ଲୁଣ ଖାଇବା ଦ୍ୱାରା ଲିଭର ଉପରେ କ୍ଷତିକାରକ ପ୍ରଭାବ ପକାଇପାରେ। ଏହା ଫ୍ୟାଟି ଲିଭର ଭଳି ସମସ୍ୟା ସୃଷ୍ଟି କରିପାରେ। ଅତ୍ୟଧିକ ଖାଦ୍ୟ ଖାଇବା-ଲଗାତାର ଅଧିକ ଖାଇବା ଦ୍ୱାର ମଧ୍ୟ ଲିଭର ଖରାପ ହୋଇପାରେ। ମେଦବହୁଳତା ବୃଦ୍ଧି ଯୋଗୁଁ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ ହେବାର ଆଶଙ୍କା ବଢ଼ାଇଥାଏ। ଯଦି ଆପଣ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ନହୁଅନ୍ତି, ତେବେ ଏହା ଲିଭରରେ ଚର୍ବି ଜମା କରିପାରେ। ନିୟମିତ ବ୍ୟାୟାମ ଏକ ସୁସ୍ଥ ଯକୃତ ବଜାୟ ରଖିବାରେ ସାହାଯ୍ୟ କରେ। କିଛି ଆଣ୍ଟିବାୟୋଟିକ୍, ଆଣ୍ଟି-ଇନ୍‌ଫ୍ଲାମେଟରୀ ଔଷଧ ଏବଂ ଆଣ୍ଟିଫଙ୍ଗାଲ୍ ଔଷଧ ଲିଭର ଉପରେ ପ୍ରଭାବ ପକାଇପାରେ। ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ଖାଆନ୍ତୁ ନାହିଁ।

ଅତ୍ୟଧିକ ମଦ୍ୟପାନ-ମଦ୍ୟପାନ ଲିଭରରେ ଫ୍ୟାଟି ଏସିଡ୍ ଜମା କରିଥାଏ। ଯାହା ଫଳରେ ଲିଭର କୋଷଗୁଡ଼ିକୁ କ୍ଷତି ପହଞ୍ଚେ। ଏଥିପାଇଁ ମଦ୍ୟପାନରୁ ଦୂରେଇ ରହିବା ଉଚିତ୍। ଯଦି ଆପଣ ଆପଣଙ୍କର ଲିଭରକୁ ସୁସ୍ଥ ରଖିବାକୁ ଚାହାଁନ୍ତି, ତେବେ ଏହି କ୍ଷତିକାରକ ଅଭ୍ୟାସ ଗୁଡ଼ିକୁ ଏଡାନ୍ତୁ ଏବଂ ଏକ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଦିନଚର୍ଯ୍ୟା ଏବଂ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରନ୍ତୁ। ଆପଣଙ୍କ ଶରୀରକୁ ହାଇଡ୍ରେଟେଡ୍ ରଖନ୍ତୁ (ଅତି କମରେ ୨.୫-୩ ଲିଟର ପାଣି ପିଅନ୍ତୁ)। ସବୁଜ ପନିପରିବା, ଫଳ ଏବଂ ଓମେଗା-୩ ଯୁକ୍ତ ଖାଦ୍ୟ ଖାଆନ୍ତୁ। ମଦ୍ୟପାନ, ପ୍ରୋସେସ୍ଡ୍ ଫୁଡ ଏବଂ ଚିନିଯୁକ୍ତ ପାନୀୟରୁ ଦୂରେଇ ରୁହନ୍ତୁ । ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ବର୍ଷକୁ ଥରେ ଲିଭର ଟେଷ୍ଟ (ଏଲଏଫଟି) କରାନ୍ତୁ।

# ଦୃଷ୍ଟିଶକ୍ତି ପାଇଁ ଟମାଟୋ ଉପକାରୀ



ପ୍ରତ୍ୟେକ ପନିପରିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରୀ ହୋଇଥାଏ। ସବୁ ଋତୁ ଅନୁସାରେ ପନିପରିବା, ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ପ୍ରତ୍ୟେକ ଖାଦ୍ୟରେ କିଛି ନା କିଛି ଲାଭକାରୀ ଗୁଣ ରହିଛି। ଯାହା ଆମର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ସେହି ସବୁ ମଧ୍ୟରୁ ଟମାଟୋ ହେଉଛି ଅନ୍ୟତମ।

ଟମାଟୋକୁ ଆମେ ସାଧାରଣତଃ ବିଲାତି ବୋଲି କହିଥାଉ। ଯାହା ଶରୀର ପାଇଁ ଖୁବ୍ ଉପଯୋଗୀ ହୋଇଥାଏ। ଘରେ ଘରେ ଟମାଟୋର ବ୍ୟବହାର ଖୁବ୍ ମାତ୍ରାରେ ହୋଇଥାଏ। ଟମାଟୋ ଏମିତି ଏକ ପରିବା ଯାହା ସ୍ୱାଦକୁ ବଢାଇବା ସହ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେଇଥାଏ। ଟମାଟୋକୁ ସାଲାଡ୍, ସୁପ୍ ଏବଂ ଜୁସ୍ ତିଆରି କରି ଲୋକେ ଖାଇବା ପସନ୍ଦ କରିଥାଆନ୍ତି। କେବଳ କଞ୍ଚା ଟମାଟୋ ନୁହେଁ ବରଂ ଏହାର ଜୁସ୍ ମଧ୍ୟ ସ୍ୱାସ୍ଥ୍ୟ ହିତକର ହୋଇଥାଏ। ଟମାଟୋରେ ଭିଟାମିନ୍ ସି ଏବଂ କେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ରହିଛି। ଯାହାକୁ ନିୟମିତ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ।

ଏହା ଚର୍ମ, କେଶ, ହାଡ଼ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ। ଶୀତଦିନେ ଟମାଟୋ ରସ ପିଇବା ବିଶେଷ ଫଳପ୍ରଦ ହୋଇଥାଏ। ତେବେ ଆସନ୍ତୁ ଏହାର ଅନେକ ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା।

ତ୍ୱଚା ପାଇଁ ଲାଭଦାୟକ : ଟମାଟୋରେ ଭିଟାମିନ୍ ସି ଗୁଣ ଥିବାରୁ ଏହା ଚର୍ମ ପାଇଁ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ। ଯାହା ସୁସ୍ଥ ଚର୍ମ ବଜାୟ ରଖିବାରେ ସାହାଯ୍ୟ କରେ। ପିଗମେଣ୍ଟେସନ୍, ବ୍ରଣ, ମୁହଁରେ ଭାଙ୍ଗ ପଡିବା ଭଳି ସମସ୍ୟାକୁ ଏହା ଦୂର କରିଥାଏ।

ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ : ଟମାଟୋ ଜୁସ୍ ପାଚନ ପ୍ରକ୍ରିୟାରେ ଉନ୍ନତି କରିଥାଏ। ଯାହା ଏସିଡିଟି ଏବଂ ବଦହଜମୀକୁ ସହଜରେ କମ୍ କରିଥାଏ। ଟମାଟୋରେ ଫାଇବର ଥିବାରୁ ଅନ୍ତନଳୀର ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ କୋଷ୍ଠକାଠିନ୍ୟକୁ ଦୂର କରେ।

ଓଜନ ହ୍ରାସ କରେ : ଟମାଟୋ ରସରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥାଏ। ଯାହା ଓଜନ ହ୍ରାସ କରିବାରେ ସହାୟକ କରେ। ଏହାର ଜୁସ୍ ପିଇବା ଦ୍ୱାରା ଭୋକକୁ ନିୟନ୍ତ୍ରଣରେ ରଖିଥାଏ।

ଏହା ବ୍ୟତୀତ ଟମାଟୋ ମେଟାବୋଲିଜିମକୁ ବୃଦ୍ଧି କରି ଚର୍ବିକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ : ଟମାଟୋରେ ଭିଟାମିନ୍ ସି ଭରପୁର ମାତ୍ରାରେ ଥାଏ। ଯାହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରି ରଖିଥାଏ। ଏଥିସହ ଶରୀରରୁ ଥଣ୍ଡା ସର୍ଦ୍ଦି ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା କରେ।

ହାର୍ଟ ପାଇଁ ଲାଭଦାୟକ : ଟମାଟୋ ଜୁସ୍ ହାର୍ଟ ପାଇଁ ରାମବାଣ ଭଳି କାମ କରେ। ଏଥିରେ ଲାଇକୋପିନ୍, ପୋଟାସିୟମ୍ ଏବଂ ଫାଇବର ରହିଛି। ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦରୋଗର ଆଶଙ୍କା କମାଇବାରେ ସାହାଯ୍ୟ କରେ।

ଆଖିକୁ ସୁସ୍ଥ ରଖେ : ଟମାଟୋରେ ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ଥାଏ, ଯାହା ଆପଣଙ୍କ ଆଖି ପାଇଁ ଲାଭଦାୟକ। ଏହା ଆପଣଙ୍କ ଦୃଷ୍ଟିଶକ୍ତିକୁ ଉନ୍ନତ କରିଥାଏ। ଏହା ଡାଇବେଟିସ୍ ଲୋକଙ୍କ ପାଇଁ ମଧ୍ୟ ଖୁବ୍ ପ୍ରଭାବଶାଳୀ। ଏତିକି ନୁହେଁ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ରକ୍ଷା କରେ। ତେଣୁ ଆପଣଙ୍କ ନିତିଦିନିଆ ଖାଇବାରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସାମିଲ କରିବାକୁ ଚେଷ୍ଟା କରନ୍ତୁ।

# ପୁଦିନାରେ ଭରି ରହିଛି ବହୁ ଔଷଧୀୟ ଗୁଣ

ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା ରଖିବା ତଥା ସତେଜତା ବଜାୟ ରଖିବା ପାଇଁ ଆମେ ଅନେକ ପଦକ୍ଷେପ ନେଇଥାଉ। ଏହା ମଧ୍ୟରେ ପୁଦିନା ମଧ୍ୟ ସାମିଲ ଅଛି, ଯାହା ଆପଣଙ୍କ ରୋଷେଇ ଘର କିମ୍ବା ବଗିଚାରେ ସହଜରେ ଉପଲବ୍ଧ ହୋଇଯାଏ। ପୁଦିନା କେବଳ ସ୍ୱାଦ ବୃଦ୍ଧି କରୁଥିବା ଏକ ଗଛ ନୁହେଁ ବରଂ ଗ୍ରୀଷ୍ମ ଋତୁରେ ଏହା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ। ପୁଦିନା ଏକ ଗ୍ରୀଷ୍ମକାଳୀନ ସୁପରଫୁଡ୍ ଯାହା କେବଳ ଡିହାଇଡ୍ରେସନ୍ ନୁହେଁ ବରଂ ଅନ୍ୟାନ୍ୟ ରୋଗ ସହିତ ଲଢ଼ିବାର ଶକ୍ତି ରଖେ। ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରି ଆପଣ ଗ୍ରୀଷ୍ମ ଋତୁରେ ନିଜକୁ ସୁସ୍ଥ ଏବଂ ଥଣ୍ଡା କରିପାରିବେ। ତେବେ ଆସନ୍ତୁ ଜାଣିବା ପୁଦିନା ଖାଇବାର ଲାଭ...

ଡିହାଇଡ୍ରେସନ୍ ଦୂର ହେବ:ପୁଦିନା ପାଣି କିମ୍ବା ପୁଦିନା ଚଟଣି ଶରୀରକୁ ଥଣ୍ଡା କରିଥାଏ ଏବଂ ଡିହାଇଡ୍ରେସନରୁ ରକ୍ଷା କରିଥାଏ। ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ସ ଶରୀରକୁ ହାଇଡ୍ରେଟ୍ ରଖିଥାଏ।

ପାଚନ ତନ୍ତ୍ରକୁ ସୁସ୍ଥ ରଖେ:ପୁଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମେନ୍ଥଲ ରହିଥାଏ ଯାହା ଗ୍ୟାସ, ଏସିଡିଟି ଏବଂ ବଦହଜମୀ ଭଳି ଅନେକ ରୋଗରୁ ମୁକ୍ତି ଦିଏ। ପେଟ ଯନ୍ତ୍ରଣା ପାଇଁ ପୁଦିନା ଚା' ମଧ୍ୟ ଖୁବ ପ୍ରଭାବଶାଳୀ ହୋଇଥାଏ।

ଶ୍ୱାସକ୍ରିୟା ସମସ୍ୟାରେ ଆରାମ:ସାଇନସ୍, କାଶ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ସମସ୍ୟାରେ ମଧ୍ୟ ପୁଦିନା ଲାଭଦାୟକ। ଏହାର ସୁଗନ୍ଧ ଏବଂ ମେନ୍ଥଲ୍ କଫରୁ ମୁକ୍ତ କରିବାରେ ସାହାଯ୍ୟ କରେ, ଯାହା ଶ୍ୱାସକ୍ରିୟାକୁ ସହଜ କରିଥାଏ। ପୁଦିନା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଅନେକ ସମସ୍ୟାକୁ ଦୂରେଇ ରଖିବାରେ ସାହାଯ୍ୟ କରେ।

ଚର୍ମ ପାଇଁ ମଧ୍ୟ ଲାଭଦାୟକ:ଗ୍ରୀଷ୍ମ ଋତୁରେ ଚର୍ମରେ ରାସେସ୍, ସନବର୍ଣ୍ଣ କିମ୍ବା ବ୍ରଣ ହେବା ସ୍ୱାଭାବିକ। ଏଥିରୁ ରକ୍ଷା ପାଇବା ପାଇଁ ପୁଦିନା ବହୁତ ଉପଯୋଗୀ ହୋଇଥାଏ। ପୁଦିନା ପେଷ୍ଟ ଲଗାଇବା ଦ୍ୱାରା ଚର୍ମ ଥଣ୍ଡା ରହିଥାଏ ଏବଂ ସଂକ୍ରମଣରୁ ମଧ୍ୟ ମୁକ୍ତି ମିଳିଥାଏ।

ପୁଦିନା ଏକ ନ୍ୟାଚୁରାଲ୍ ମାଉଥ୍ ଫ୍ରେସନର୍ ଭାବରେ କାମ କରେ। ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଅଛି ଯାହା ମୁଖର ଜୀବାଣୁକୁ ମାରିଦିଏ ଏବଂ ଶ୍ୱାସକୁ ସତେଜ ରଖେ। ଏହା ପାଟିର ଦୁର୍ଗନ୍ଧ ଦୂର କରେ ଏବଂ ଓରାଲ୍ ହେଲ୍ଥରେ ମଧ୍ୟ ଉନ୍ନତି ଆଣେ।

ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍:ପୁଦିନା ଷ୍ଟ୍ରେସ କମ କରିଥାଏ। ଏହା ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍ ଭାବରେ କାମ କରେ। ଏକ କପ୍ ପୁଦିନା ଚା' କିମ୍ବା ସରବତ ଆପଣଙ୍କ ସାରା ଦିନର ଥକାପଣ ଦୂର କରିପାରିବ।

ତେବେ ଆସନ୍ତୁ ଜାଣିବା କିପରି ସେବନ କରିବେ ପୁଦିନା:ପୁଦିନା ପାଣି କିମ୍ବା ସରବତ ତିଆରି କରି ପିଅନ୍ତୁ। ଦହିରେ ପୁଦିନା ଚଟଣି ମିଶାନ୍ତୁ। ସାଲାଡରେ ପୁଦିନା ପତ୍ର ମିଶେଇପାରିବେ। ପୁଦିନା ଚା'ରୁ ଆପଣଙ୍କ ଦିନର ଆରମ୍ଭ କରନ୍ତୁ। ପୁଦିନା କେବଳ ଯେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ତା' ନୁହେଁ ଏହା ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଖୁବ ଲାଭକାରୀ ହୋଇଥାଏ। ତେଣୁ ଆପଣ ନିଜ ତ୍ୱଚାରେ ମଧ୍ୟ ପୁଦିନା ପେଷ୍ଟ ଲଗାଇପାରିବେ ଯାହାଦ୍ୱାରା ଆପଣଙ୍କ ଚର୍ମ ଥଣ୍ଡା ରହିଥାଏ। ପୁଦିନା ସ୍ୱାସ୍ଥ୍ୟ ହିତକର ହୋଇଥିବାରୁ ଏହି ଡ୍ରିଙ୍କସ ପିଇବାକୁ ଚେଷ୍ଟା କରନ୍ତୁ। ଯାହା ଆପଣଙ୍କ ଅନେକ ରୋଗକୁ ଦୂର କରିବ। ତେଣୁ ଖରାଦିନେ ଏହାକୁ ଆପଣଙ୍କ ଡାଏଟରେ ସାମିଲ କରନ୍ତୁ।



## ବ୍ରିଜ୍‌ତଳୁ ମିଳିଲା ଯୁବକଙ୍କ ମୃତଦେହ



ବରଗଡ଼,୧୭।୮ (ସଂଚାର ବ୍ୟୁରୋ): ବରଗଡ଼ ସହର ଉପକଣ୍ଠରେ ପ୍ରବାହିତ ଜୀରାନଦୀ ବ୍ରିଜତଳୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ଜଣକ ହେଲେ, ସ୍ଥାନୀୟ ଅମ୍ବାପାଲିର ଜୁଗନୁ ସୁନା(୩୫)। ତେବେ କିଭଳି ସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଜୀରାନଦୀରେ ମୃତଦେହ ପଡ଼ିଥିବା ଖବର ପାଇ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏହାପରେ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ଏହାର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି।

## ଆଖୁଆପଦାରେ ବିପଦ ସଂକେତ ଉପରେ ବୈତରଣୀ

ଭଦ୍ରକ,୧୭।୮ (ସଂଚାର ବ୍ୟୁରୋ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଫୁଲୁଛି ବୈତରଣୀ। ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଆଖୁଆପଦା ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବୈତରଣୀ। ଏଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ସୋମବାର ଦିନ ୧୨ଟା ସୁଦ୍ଧା ୧୮.୭୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ତୁହାକୁ ତୁହା ବର୍ଷା ଯୋଗୁଁ ନଦୀର ଜଳ ସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ତାତିଲେ ଅଙ୍ଗନବାଡ଼ି କର୍ମୀ, ଜିଲ୍ଲାପାଳ ଅଫିସ୍ ଘେରାଉ



ଝାରସୁଗୁଡ଼ା, ୧୭।୮ (ସଂଚାର ବ୍ୟୁରୋ): ବିଭିନ୍ନ ଦାବି ନେଇ ଝାରସୁଗୁଡ଼ାରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଆନ୍ଦୋଳନ । ଶହ ଶହ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏକାଠି ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସରକାରୀ ମାନ୍ୟତା ସହ ଦରମା ବୃଦ୍ଧି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି କର୍ମୀମାନେ। ଅଙ୍ଗନବାଡ଼ି କର୍ମୀଙ୍କ କହିବା ଅନୁସାରେ, ତୃଣମୂଳ ସ୍ତରରେ ଶିଶୁଙ୍କ ପାଇଁ ବିଭିନ୍ନ ସେବା ଯୋଗାଇ ଦେଉଥିଲେ ମଧ୍ୟ ସେମାନଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉନାହିଁ। ଦୀର୍ଘଦିନ ଧରି ସରକାରୀ ମାନ୍ୟତା ଓ ପାରିଶ୍ରମିକ ବୃଦ୍ଧି ଦାବି କରିଆସୁଥିବା ସତ୍ତ୍ୱେ ସମାଧାନ ହୋଇନଥିବାରୁ ଅସନ୍ତୋଷ ବଢ଼ିଛି । ଏହା ସହିତ ଶିଶୁଙ୍କ ପାଇଁ ଅଣ୍ଡା ଯୋଗାଣକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି କର୍ମୀମାନେ । ସରକାରଙ୍କ ପକ୍ଷରୁ ଗୋଟିଏ ଅଣ୍ଡା ପାଇଁ ୬ ଟଙ୍କା ୪୯ ପଇସା ଦିଆଯାଉଥିବା ବେଳେ ବଜାରରେ ଅଣ୍ଡାର ଦାମ ପ୍ରାୟ ୯ ଟଙ୍କା ରହିଛି ବୋଲି ସେମାନେ କହିଛନ୍ତି । ଏଭଳି ପରିସ୍ଥିତିରେ ନିର୍ଦ୍ଧାରିତ ଟଙ୍କାରେ ପିଲାଙ୍କୁ ଅଣ୍ଡା ଦେବା କଷ୍ଟକର ବୋଲି ଅଙ୍ଗନବାଡ଼ି ଦିଦିମାନେ ଅଭିଯୋଗ କରିଛନ୍ତି । ଦାବି ପୂରଣ ନହେଲେ ଆନ୍ଦୋଳନ ଆହୁରି ତୀବ୍ର କରିବାକୁ ଚେତାବନୀ ଦେଇଛନ୍ତି ।

## ବର୍ଷାରେ ଧୋଇଯାଇଥିବା ରାସ୍ତାର ମରାମତି



କେନ୍ଦୁଝର,୧୭।୮ (ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ସାଙ୍ଗକୁ ମାଟି ଅତଡ଼ା ଖସିବା ଯୋଗୁ ତେଲକୋଇ ବଳଭଦ୍ରପୁର ପୋଲ ନିକଟରେ ରାସ୍ତା କ୍ଷତିଗ୍ରସ୍ତ ହୋଇ ଗାଡି ଚଳାଚଳ ବନ୍ଦ ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାରେ ମାଟି ପକାଇ ମରାମତି କାର୍ଯ୍ୟ କରାଯାଇଛି। ଫଳରେ ବର୍ତ୍ତମାନ ରାସ୍ତାରେ ଯାନବାହନ ଚଳାଚଳ ପୁଣି ଆରମ୍ଭ ହୋଇଛି। ଏହା ଯାତ୍ରୀଙ୍କୁ ଆଶ୍ୱସ୍ତି ଆଣିଦେବା ସହିତ ଅଞ୍ଚଳରେ ଯୋଗାଯୋଗ ସୁନିଶ୍ଚିତ ହୋଇପାରିଛି।

## ପଞ୍ଚାୟତ ସମିତିରେ ଯୁଗ୍ମ ଅଭିଯୋଗ ଶୁଣାଣି



ବଲାଙ୍ଗୀର,୧୭।୮ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ପୁଇଁନ୍ତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଶିବିରରେ ଜିଲ୍ଲାପାଳ ଗୌରବ୍ ଶିଓ୍ୱାଜୀ ଇସଲାଓ୍ୱାର ଉପସ୍ଥିତ ରହି ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୦୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୦୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଶିବିରରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିବା ବେଳେ, ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ପୁଇଁନ୍ତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୪୪ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୧୭।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗରିପାଲି ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗରିପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତି ଲିଲିମା ଲଳିତା ବାରଲା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୪୪ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଦରଖାସ୍ତ ଥିଲା ଏବଂ ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ବ୍ଲକ ଅଧକ୍ଷ ଅହଲ୍ୟା ସାହୁ, ଅତିରିକ୍ତ ତହସିଲଦାର ରୋହିତ ବାଗ, ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗରିପାଲି ସଞ୍ଜୀବ କୁମାର ସାହୁ ଦ୍ୱାରା ଆୟୋଜିତ ଏହି ଶିବିରରେ ଡ଼ି.ଏମ.ଓ ତଥା ସୁପେରିଟେଣ୍ଡେଟ ଚିକିତ୍ସାଳୟ ସୋନପୁର, ଦୁର୍ଗା ଦତ୍ତ ଦାସ, ସହାୟକ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବର୍ଷାଋତୁ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୭।୮ (ସଂଚାର ବ୍ୟୁରୋ): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ବର୍ଷାରେ ଭିଜିଲେ ଅଶୁଦ୍ଧ ଜଳ ପାନ କଲେ ଥଣ୍ଡା, ସର୍ଦ୍ଦି, ଆଖି ଧରା, କୃମି ଆଦି ରୋଗ ହେବ। ମାଛି ବସା ଖାଦ୍ୟ ଓ ଗୋଳିଆ ପାଣି ପିଇଲେ, ଅତିସାର, ପ୍ରବାହିକା, ଟାଇଫୋଏଡ ରୋଗ ହେବ। ମଶା କାମୁଡ଼ିଲେ ଶ୍ଳୀପଦ, ମ୍ୟାଲେରିଆ, ଡେ଼ଙ୍ଗୁ ଆଦି ମଶା ଜନ୍ୟ ରୋଗ ହେବ। ଅନ୍ଧାରରେ ବୁଲିଲେ ବିଛା, ସର୍ପ କାମୁଡ଼ିବେ ଏଥିରୁ ରକ୍ଷା ପାଇବା ପାଇଁ ଏହି ସବୁ କାରଣ ଠାରୁ ଦୁରେଇ ରୁହନ୍ତୁ, ଗରମ ପାଣି ଓ ଖାଦ୍ୟ ଖାଆନ୍ତୁ, ସୋରିଷ ତେଲ ଦେହ ଓ ଆଙ୍ଗୁଠି ସନ୍ଧିରେ ଲଗାନ୍ତୁ। ଅଦା, ତୁଳସୀ, ରସୁଣ, କଳାଜିରା ଓ ଗୁଳୁଚି ରସ ସେବନ କରନ୍ତୁ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୋଇଥାଏ।

## ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ବାଲିପାଟଣା,୧୭।୮ (ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ବ୍ଲକ ସ୍ତରୀୟ ଜନଶୁଣାଣି କରିଛନ୍ତି। ଆସିଥିବା ମୋଟ ୫୭ ଗୋଟି ଅଭିଯୋଗ ମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ ସମସ୍ୟାକୁ ନେଇ ଆସିଥିବା ବେଳେ ୩୦ ଟି ଦରଖାସ୍ତ ସାମୂହିକ ସମସ୍ୟା ସମ୍ପର୍କରେ ଉପସ୍ଥାପିତ ହୋଇଥିଲା। ୭ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅଧିକାଂଶ ଅଭିଯୋଗ ଚାଷୀ ମାନଙ୍କ ତରଫରୁ ଷଣ୍ଢ ମାନଙ୍କ ସମସ୍ୟା ସମ୍ପର୍କରେ ଆସିଥିଲା।ଶତାଧିକ ଷଣ୍ଢ ଧାନ ଫସଲ ସହିତ ପନିପରିବା ଚାଷ ନଷ୍ଟ କରୁଥିବାରୁ ଜିଲ୍ଲାପାଳ ଏହାକୁ ଗୁରୁତ୍ୱ ର ସହ ଗ୍ରହଣ କରି, ପ୍ରତି ପଞ୍ଚାୟତ ରେ ଗୋଶାଳା ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ତହସିଲଦାର ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଅନ୍ୟ ଏକ ସମସ୍ୟା ଥିଲା ବର୍ଷା ଜଳ ନିଷ୍କାସନ।ମାସ ମାସ ଧରି ପଶୁ ଚକିତ୍ସାଳୟ ଭିତରେ ପାଣି ଜମା ହୋଇ ରହୁଥିବାରୁ ସେଠାରେ ଗୃହପାଳିତ ପଶୁ ମାନଙ୍କ ଚିକିତ୍ସା ବ୍ୟାହତ ହେଉଛି। ତେଣୁ ତୁରନ୍ତ ପ୍ରତିକାର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଜେଡି ସଭାପତି ପ୍ରତାପ କେଶରୀ ନାୟକ, କଂଗ୍ରେସ ସଭାପତି ଶୈଳେନ୍ଦୁ ଦାଶ, ସରପଞ୍ଚ ଅଜିତ୍ ମହାନ୍ତି, ସମିତି ସଭାପତି ଅଭିମନ୍ୟୁ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ଚାଷୀ ମାନେ ଉପସ୍ଥିତ ରହି ଜିଲ୍ଲାପାଳ ଙ୍କ ସହିତ ଆଲୋଚନା କରିଥିଲେ।

# ମନ୍ଦିର ମାଳିନୀ ସହରରେ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ



ସୁବର୍ଣ୍ଣପୁର,୧୭।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ସହର ହେଉଛି ମନ୍ଦିର ମାଳିନୀ ସହର ଏଠାରେ ଅଷ୍ଟଶମ୍ଭୁ ବିରାଜମାନ ହୋଇଛନ୍ତି। ଶ୍ରାବଣ ମାସର ତୃତୀୟ ସୋମବାରରେ ପ୍ରବଳ ଭକ୍ତ ଶ୍ରଦ୍ଧାଳୁ ଓ ବୋଲବମ୍ ଭକ୍ତ ଙ୍କ ଭିଡ଼ ଲାଗି ରହିଥିଲା। ମହାନଦୀ ତେଲ ନଦୀ ଓ କର୍ପୁର ନଦୀ ର ତ୍ରିବେଣୀ ସଙ୍ଗମ ସ୍ଥଳରେ ଏହି ରାମେଶ୍ୱର ମନ୍ଦିର ଅବସ୍ଥିତ। ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ଯାହାଙ୍କୁ ଆରାଧନା କରିଥିଲେ ରାମ ଈଶ୍ୱର ଶବ୍ଦକୁ ନେଇ ରାମେଶ୍ୱର ଶୈବ ପୀଠ ନାମରେ ନାମିତ ଏହି ପୀଠ। ଦ୍ୱିତୀୟ ପ୍ରୟାଗ ରାଜ ବୋଲି ମଧ୍ୟ ଏହି ପୀଠ କୁ କୁହାଯାଏ। ୧୭୩୫ ଖ୍ରୀଷ୍ଟାବ୍ଦ ରେ ଏହା ନିର୍ମାଣ ହୋଇଥିଲା ଯାହାକି ସୋମବଂଶୀ ରାଜା ଙ୍କ କୀର୍ତ୍ତି ବୋଲି କୁହାଯାଏ। ମହାନଦୀ ଭିତରେ ବଡ଼ ପଥର ଉପରେ ହନୁମାନ ଙ୍କୁ ମଧ୍ୟ ପୂଜା କରାଯାଇଥାଏ ଯେଉଁ ପଥର କାଳେଶ୍ୱର ଟାଙ୍ଗର ବୋଲି କୁହା ଯାଇଥାଏ। ଏହି ଶୈବ ପୀଠ କୁ ସୁବର୍ଣ୍ଣପୁର ଜିଲ୍ଲା ସମେତ ରାଜ୍ୟ ର ବିଭିନ୍ନ ସ୍ଥାନ ରୁ ହଜାର ହଜାର ବୋଲବମ୍ ଭକ୍ତ ଶ୍ରଦ୍ଧାଳୁ ଆସି ମହାନଦୀ ରୁ ଜଳ ନେଇ ଶ୍ରୀ ରାମେଶ୍ୱର, ଶ୍ରୀ ସୁବର୍ଣ୍ଣ ମେରୁ, ଶ୍ରୀ ଗୋକୋନେଶ୍ୱର, ଶ୍ରୀ କୋଶୋଳେଶ୍ୱର, ଶ୍ରୀ ରୁଦ୍ର ନାଥ, ଶ୍ରୀ ଖୋକୋଡେଶ୍ୱର ମହାପ୍ରଭୁ ପ୍ରମୁଖ ଅଷ୍ଟଶମ୍ଭୁ ମନ୍ଦିର ଠାରେ ଜଳ ଲାଗି କରି ବିଭିନ୍ନ ମାନସିକ ରଖି ପୂଜା ଅର୍ଚ୍ଚନା କରନ୍ତି। ଭକ୍ତ ଶ୍ରଦ୍ଧାଳୁ ଙ୍କ ବିଶ୍ୱାସ ରହିଛି ଯେ ସୁବର୍ଣ୍ଣପୁର ର ଏହି ଅଷ୍ଟଶମ୍ଭୁ ମହାପ୍ରଭୁ ଙ୍କ ମନ୍ଦିର ରେ ପୂଜା ଅର୍ଚ୍ଚନା ସହ ଜଳ ଲାଗି କଲେ ନିଜ ନିଜ ର ମାନସିକ ପୂରଣ ହୋଇଥାଏ। ଦେବୋତ୍ତର ବିଭାଗ ଓ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏହି ରାମେଶ୍ୱର ଶୈବ ପୀଠ ସମେତ ସମସ୍ତ ଶୈବପୀଠ ଠାରେ ଭକ୍ତ ଙ୍କ ସୁରକ୍ଷା ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କାରାଯାଇଛି।

## ସୂରତରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



ହିଞ୍ଜିଳିକାଟୁ,୧୭।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଅଞ୍ଚଳରୁ ଏକ ଦୁଖଃଦ ଘଟଣା ସାମ୍ନାକୁ ଆସିଛି। ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ସୋମବାର ଗାଁକୁ ଫେରିଛି। ମୃତକ ହେଲେ ଖରିଡ଼ା ଗ୍ରାମ ଗାନ୍ଧୀନଗର ସାହିର ନିର ବେହେରା(୫୦)। ନିର ପରିବାର ପ୍ରତିପୋଷଣ ପାଇଁ ଦାଦାନ ଖଟିବାକକୁ ସୁରଟ ଯାଇଥିବେଳେ ଶନିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଭୋର ୫ଟାରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନିର ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ, ଝିଅ ଓ ଦୁଇ ପୁଅ ସମ୍ପୂର୍ଣ୍ଣ ବେସାହାର ହୋଇପଡ଼ିଛନ୍ତି। ଅତିରିକ୍ତ ତହସିଲଦାର ସୁରଜ ନାଏକ ବେହେରା, ଶ୍ରମ ଅଧିକାରିଣୀ ବର୍ଷାରାଣୀ ଜେନା, ସରପଞ୍ଚ ସଂଘ ସଭାପତି କୃଷ୍ଣ ଭୋଳ, ସରପଞ୍ଚ ନୀଳାଞ୍ଚଳ ସାହୁଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ହିଞ୍ଜିଳିକାଟୁ ବ୍ଲକ ଅଞ୍ଚଳରୁ ବାରମ୍ବାର ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଆସୁଥିବାରୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୪୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ମାଲକାନଗିରି,୧୭।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଥିବା ଯୋଡାମ୍ବ ଥାନା ପୁଲିସ ଆଜି ଗଞ୍ଜେଇ ଚୋରା ଚାଲାଣ ପାଇଁ ନେଉଥିବା ଜଣେ ଯୁବକକୁ ଗିରଫ କରାଯାଇ ତା ନିକଟରୁ ଗୋଟିଏ ଗ୍ଲାମର ମୋଟରସାଇକେଲ ପଞ୍ଜିକୃତ ନଂ ଓଡି ୧୦ ଏ ୫୪୭୪ ସହ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି।ଗିରଫ ଯୁବକ ଜଣକ ହେଲେ ରାମ ଚନ୍ଦ୍ର ସିସା।ଏ ନେଇ ଯୋଡାମ୍ବ ଥାନା କେସ୍ ନଂ. ୩୩/୨୬ ଧାରା ୨୦(ବି ) ଆଇ ଆଇ (ସି)/୨୫ ଅନୁଯାୟୀ ଏନଡିପିଏସ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଆଞ୍ଚଳିକ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା

ମାଲକାନଗିରି,୧୭।୮ (ସଂଚାର ବ୍ୟୁରୋ): କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟରେ ଆଜି କାଳିମେଳା ଥାନା ପକ୍ଷରୁ ସାଇବର ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ପ୍ରଭୁଦତ ବିଶ୍ୱାଳ ଅଧ୍ୟକ୍ଷତା କରି ଛାତ୍ର ଛାତ୍ରୀଙ୍କୁ ସାଇବର ଅପରାଧୀଙ୍କ ଠାରୁ ଦୂରେଇ ରହିବା ଏବଂ ନିଜେ କିପରି ସୁରକ୍ଷିତ ରହିବା, ସେ ସମ୍ପର୍କରେ ବୁଝାଇଥିଲେ। ବିଶେଷକରି ଇଂଟରନେଟ୍ ବ୍ୟବହାର ସମୟରେ କେଉଁ ସବୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ, ଅଜଣା ଲିଙ୍କ୍ ଓ ବାର୍ତ୍ତାରୁ କିପରି ଦୂରେଇ ରହିବା, ଅନ୍ଲାଇନ୍ ଠକେଇକୁ କିପରି ଚିହ୍ନଟ କରିବା, ନିଜ ବ୍ୟକ୍ତିଗତ ତଥ୍ୟ ଓ ପାସୱାର୍ଡକୁ କିପରି ସୁରକ୍ଷିତ ରଖିବା, ସେ ସମ୍ପର୍କରେ ଶ୍ରୀ ବିଶ୍ୱାଳ ସଚେତନ କରିଥିଲେ।

## କିର୍ମିରା କଲ୍ୟାଣ ମଣ୍ଡପ ନିର୍ମାଣ ସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧୭।୮ (ସଂଚାର ବ୍ୟୁରୋ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କିର୍ମିରା ଗସ୍ତ ଅବସରରେ ପ୍ରସ୍ତାବିତ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ସ୍ଥଳ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ପ୍ରାୟ ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ବହୁମୁଖୀ କଲ୍ୟାଣ ମଣ୍ଡପ ନିର୍ମାଣ ହେବାକୁ ଯାଉଛି। ଜିଲ୍ଲାପାଳ ନିର୍ମାଣ ସ୍ଥଳୀ ବୁଲି ଦେଖିବା ସହ ଜମି ଚିହ୍ନଟ, ଭିତିଭୂମିର ଉପଯୁକ୍ତ ବ୍ୟବସ୍ଥା ତଥା ନିର୍ମାଣ ଯୋଜନା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ଲାକ୍ରାଙ୍କୁ ଉପଯୁକ୍ତ ମାଷ୍ଟର ପ୍ଲାନିଂ ପ୍ରସ୍ତୁତ କରି କାର୍ଯ୍ୟ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅନ୍ୟାନ୍ୟ ସରକାରୀ ଯୋଜନାର ସମନ୍ୱୟ ରଖି ପ୍ରକଳ୍ପକୁ ଆହୁରି ସୁସଜ୍ଜିତ ତଥା ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କହିଥିଲେ।

## କେଏସ୍‌ୟୁବି କଲେଜରେ ଆତ୍ମରକ୍ଷା ତାଲିମ ଶିବିର




ଭଞ୍ଜନଗର,୧୭।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍ ପକ୍ଷରୁ ସୋମବାର ଆତ୍ମରକ୍ଷା ତାଲିମ ଶିବିର 'ସେଲ୍ଫ ଡିଫେନ୍ସ' ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। କଲେଜର ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କ ସୁରକ୍ଷା ଓ ସଶକ୍ତିକରଣ ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଚେତନତା ସହ ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧ ଗଢ଼ି ତୋଳିବା ଦିଗରେ ଏହି ପଦକ୍ଷେପ ସହାୟକ ହେବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜିକା ଅଧ୍ୟାପିକା ଶେଫାଳି ପଟ୍ଟନାୟକ ସଂଯୋଜନା କରିଥିଲେ। ଏଥିରେ ଅତିଥି ଭାବେ ପ୍ରଶାସନିକ ଅଧିକାରୀ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ରଥ, ଅଧ୍ୟାପକ ଡ. ଦେବାଶିଷ ସ୍ୱାଇଁ, ଅଧ୍ୟାପିକା ତୃପ୍ତିମୟୀ ଦାସ, ସ୍ମରଣିକା ପାଢ଼ୀ, ସୁନିଆ ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ ।

## ଜାମୁଣ୍ଡାରେ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୧୭।୮ (ସଂଚାର ବ୍ୟୁରୋ): ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡା ଠାରେ ପଞ୍ଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣୀ ଶିବିର ଆଜି ଦିନ ୧୧ଟାରେ ଆରମ୍ଭ ହୋଇ ଅପରାହ୍ନ ୨ ଘଣ୍ଟା ସମୟରେ ଶେଷ ହୋଇଥିଲା। ଏହି ଅଭିଯୋଗ ଶୁଣାଣୀରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିବାହୀ ଯନ୍ତ୍ରୀ ରାକେଶ କୁମାର ସାହୁ, ଜିପିଡିଓ ସୁବାସ ଚନ୍ଦ୍ର ଖିଲ, ବ୍ଲକ ପ୍ରେଗ୍ରାମର ସସ୍ମିତା ପରିଡ଼ା ସହ ଅନ୍ୟ ଲାଇନ୍‌ର ବ୍ଲକ ସ୍ତରିୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବିଭାଗର ଅଧିକାରିମାନଙ୍କୁ ରାସ୍ତା ପାନୀୟ ଜଳ ଯୋଗାଣ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଆଦି ଅଭିଯୋଗ କରିଥିଲେ। ଏହାସହ ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ।

# ଭାରତୀୟ ମଜଦୁର ସଂଘର ପ୍ରତିବାଦ



ଛତ୍ରପୁର,୧୭।୮ (ସଂଚାର ବ୍ୟୁରୋ): ରାଞ୍ଚିଠାରେ ହୋଇଥିବା ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତିର ନିଷ୍ପତ୍ତି କ୍ରମେ ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ) ପକ୍ଷରୁ ସୋମବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ୧୨ ଦଫା ଦାବି ନେଇ ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡାଙ୍କୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିବାଦ ଭାରତର ସମସ୍ତ ଜିଲା ମୁଖ୍ୟାଳୟ ସମ୍ମୁଖରେ ଆୟୋଜନ କରାଯାଇଥିବା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ କହିଛନ୍ତି। ପ୍ରତିବାଦର ମୁଖ୍ୟ ଉଦ୍ଦେଶ୍ୟ ଶ୍ରମିକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି। ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ମଜଦୁର ସଂଘର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଇଏସଆଇସି ବେତନ ସୀମାକୁ ୨୧୦୦୦ରୁ ଟଙ୍କା ୪୨,୦୦୦କୁ ବୃଦ୍ଧି କରିବା, ଇପିଏଫ ନ୍ୟୁନତମ ପେନସନକୁ ଟଙ୍କା ୧୦୦୦ରୁ ଟଙ୍କା ୭,୫୦୦କୁ ବୃଦ୍ଧି କରିବା, ଇପିଏଫ ବେତନ ସୀମାକୁ ୩୦ ହଜାର ଟଙ୍କା କରିବା ଏପରିକି ବୋନସ ଗଣନା ସୀମାକୁ ଟଙ୍କା ୧୮,୦୦୦ କରିବା, ବୋନସ ଯୋଗ୍ୟତା ସୀମାକୁ ଟଙ୍କା ୪୨,୦୦୦ କରିବା, ସ୍କିମ ଶ୍ରମିକମାନଙ୍କ(ଅଙ୍ଗନୱାଡ଼ି, ଆଶା ଇତ୍ୟାଦି) ମାନଦେୟ ବୃଦ୍ଧି, ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ସମାନ କାମକୁ ସମାନ ବେତନ ସୁନିଶ୍ଚିତ କରିବା, ଶ୍ରମ ଆଇନରୁ ଶ୍ରମିକ ବିରୋଧୀ ଧାରାଗୁଡ଼ିକୁ ବିଲୋପ କରିବା, ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଲାଗୁକରିବା, ଗ୍ରାଚୁଇଟି ସୀମାକୁ ୪୦ଲକ୍ଷ କୁ ବୃଦ୍ଧି କରିବା, କେନ୍ଦ୍ରୀୟ ନ୍ୟୁନତମ ବେତନକୁ ୩୦,୦୦୦ ଟଙ୍କା ପ୍ରତିମାସ ନର୍ଦ୍ଧାରଣ କରିବା ଓ ଜୀବନ ବୀମା ନିଗମରେ କାର୍ଯ୍ୟରତ ଡେଭଲପମେଣ୍ଟ ଅଫିସରମାନଙ୍କ ପାଇଁ ପୂର୍ଣ୍ଣ ଦାବିର ସୁରକ୍ଷା ଆଦି ଦାବି କରିଛନ୍ତି।

**ବକେୟା ବିଲ୍ ପୈଠ କଲାନି ପଞ୍ଚାୟତ**

# ବିଦ୍ୟୁତ କାଟ ଯୋଗୁ ରାସନ ହିତାଧିକାରୀ ହନ୍ତସନ୍ତ



ମୋହନା,୧୭।୮ (ସଂଚାର ବ୍ୟୁରୋ): ବିଦ୍ୟୁତ ବକେୟା ପାଇଁ ପଞ୍ଚାୟତର ବିଦ୍ୟୁତ ସଂଯୋଗ କାଟିଲା ବିଦ୍ୟୁତ ବିଭାଗ । ଆଉ ବିଦ୍ୟୁତ ନଥିବାରୁ ଠପ୍ ହୋଇଗଲା ରାଶନ ବଣ୍ଟନ। ଫଳରେ ରାଶନ ପାଇଁ ହିତାଧିକାରୀ ହନ୍ତସନ୍ତ ହେଉଛନ୍ତି । ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଦମାଦୁଆ ଗ୍ରାମ ପଞ୍ଚାୟତରେ। ସୂଚନା ଅନୁସାରେ, ଗତ ଦୁଇ ଦିନ ଧରି ସର୍ଭର ସମସ୍ୟା ଯୋଗୁଁ ଚାଉଳ ବଣ୍ଟନ ହୋଇପାରିନଥିଲା। ଏହାରି ଭିତରେ ପଞ୍ଚାୟତର ବିଦ୍ୟୁତ ବକେୟା ଥିବାରୁ ଶୁକ୍ରବାର ଠାରୁ ବିଦ୍ୟୁତ ସରବରାହ ବିଛିନ୍ନ ହୋଇଛି । ଫଳରେ ରାଶନ ପାଇଁ ଆସି ନିରାଶ ହୋଇ ଘରକୁ ଫେରୁଛନ୍ତି ପଞ୍ଚାୟତର ବହୁ ହିତାଧିକାରୀ। ସମସ୍ୟାର ସମାଧାନ ପାଇଁ ପିଇଓ ଓ ସରପଞ୍ଚ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଦ୍ୟୁତ ବିଭାଗ ଉପରେ ବର୍ଷିଥିଲେ। ତେବେ ବିଦ୍ୟୁତ ବିଭାଗ କର୍ମଚାରୀ ରୋକଠୋକ୍ ଜବାବ ଦେଇଥିଲେ ବକେୟା ଟଙ୍କା ପୈଠ କଲେ ହିଁ ବିଦ୍ୟୁତ ସଂଯୋଗ ଦିଆଯିବ। ଅର୍ଥାତ୍ ବକେୟା ନଦେଲେ ବିଦ୍ୟୁତ ନାହିଁ, ଆଉ ବିଦ୍ୟୁତ ନଥିଲେ ରାଶନ ବଣ୍ଟନ ବି ଠପ୍। ତେବେ ରବିବାର ଯୋଗାଣ ସହାୟିକା ଅନ୍ୟତ୍ର ପିଡିଏସ୍ ମେସିନ୍ ଚାର୍ଜ କରି ଆଣି କିଛି ସମୟ ପାଇଁ ଚାଉଳ ବଣ୍ଟନ କରିଥିଲେ। ଏବେ ପ୍ରଶ୍ନ ବକେୟା ଟଙ୍କା ପାଇଁ ଦାୟୀ କିଏ ? ଆଉ ତା'ର ଭୁଲ୍ ପାଇଁ ଗରିବ ହିତାଧିକାରୀ କାହିଁକି ରେସନ ପାଇବାରୁ ବଞ୍ଚିତ ହେବେ ? ତୁରନ୍ତ ବକେୟା ପୈଠ କରି ବିଦ୍ୟୁତ ସଂଯୋଗ ଦେବା ସହ ବଞ୍ଚିତ ସମସ୍ତ ହିତାଧିକାରୀଙ୍କୁ ରାଶନ ଯୋଗାଇବାକୁ ଦାବି ହୋଇଛି । ଅନ୍ୟ ପକ୍ଷରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ସୁଲୋଚନା ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଗତ ଜୁନ ମାସ ପର୍ଯ୍ୟନ୍ତ ପଞ୍ଚାୟତର ସମସ୍ତ ବକେୟା ପୈଠ ହୋଇଛି । କିନ୍ତୁ ଜୁଲାଇ ମାସରେ ହଠାତ ୨,୬୨,୦୦୦ ଅଧିକ ବିଲ ଆସିଥିଲା ଯାହାକି ବିଦ୍ୟୁତ ବିଭାଗକୁ ଯୋଗାଯୋଗ କରାଯିବାରୁ ଭିଜିଲାନ୍ସ ତରଫରୁ ପୂର୍ବରୁ ବକେୟା ଥିବା କହିଥିଲେ । ଏଣୁ ସମସ୍ତ ଟିକିନିଖି ହିସାବ ଦେଲେ ପୈଠ କରାଯିବ ଏବଂ ମୋହନା ବିଡ଼ିଓ ରାଜୀବ ଦାସ ଙ୍କୁ ଅବଗତ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରିଣୀ କହିଛନ୍ତି ।

## ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ: ବାଇକ୍ ଚାଳକର ମୃତ୍ୟୁ, ଜଣେ ଗୁରୁତର

କନ୍ଧମାଳ,୧୭।୮ (ସଂଚାର ବ୍ୟୁରୋ): ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିବା ସହ ବାଇକ୍‌ରେ ବସିଥିବା ଅନ୍ୟଜଣେ ଗୁରୁତର ଆହତ ହେଇଥିବା ଜଣାପଡ଼ିଛି। କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ କଇଁଝର ଶଙ୍କରାଖୋଲ ନିକଟ ସାନଜା ଜାର୍ଗୀଠାରେ ଏକ ବାଇକ୍ ସହ ଟ୍ରାକ୍ଟରର ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଘଟଣା ସ୍ଥଳରେ ବାଇକ ଚାଳକର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛି। ମୃତକ ଜଣକ କଇଁଝର ଗ୍ରାମର ମନୋହର ପ୍ରଧାନ(୨୦) ଓ ଗୁରୁତର ଜଣକ ହେଲେ କିରଣ କହଁର ବୋଲି ଜଣାପଡ଼ିଛି। ବାଇକ୍ ଚାଳକ ନିଜ ଗ୍ରାମ କଇଁଝରରୁ ଶଙ୍କରାଖୋଲ ଯିବା ବାଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ବାଇକ ଚାଳକର ଗୋଡ଼ ଛିଣ୍ଡି ଯାଇଥିଲା ପୁଲିସ ଶବ ଜବତ କରି ଫୁଲବାଣୀକୁ ପୋଷ୍ଟ ମାର୍ଟମ ପାଇଁ ପଠାଇଛି। ଟ୍ରାକ୍ଟର ଓ ବାଇକ୍‌କୁ ଜବତ କରିଛି ଟିକାବାଲି ପୁଲିସ।